

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୫ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 25 November 2024

Vol.No. 35 ■ No.312 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ‘ଓଡ଼ିଶା ସନ୍ଥ ଓ ବିଦ୍ୱାନଙ୍କ ଧରିତ୍ରୀ’, ଭୀମ ଭୋଇଙ୍କ କବିତା କହିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୪/୧୧ : ଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ଯୋଗ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତାଙ୍କ ସହ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନ ବୈଷ୍ଣବ ମଧ ଉପସ୍ଥିତ ଅଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାର ସଂସ୍କୃତି-ପରମ୍ପରାକୁ ପ୍ରଶଂସା କରିବା ସହ ସନ୍ଥ କବି ଭୀମ ଭୋଇଙ୍କୁ ମନେ ପକାଇଛନ୍ତି। ଭକ୍ତ ସାଲବେଗ, ଜଗନ୍ନାଥ ଦାସ ଆଦିଙ୍କ ସ୍ମୃତି ଚାରଣ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଏହା ବ୍ୟତୀତ ଓଡିଶା ପର୍ବରେ ପ୍ରଦର୍ଶିତ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଚା’ ପିଇଛନ୍ତି। ଏହାପରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ’’ଓଡ଼ିଶା ପର୍ବକୁ ଆସି ମୁଁ ଖୁବ୍ ଗର୍ବିତ। ଓଡ଼ିଶା ଆରମ୍ଭରୁ ସନ୍ଥ ଓ ବିଦ୍ୱାନଙ୍କ ଧରିତ୍ରୀ। ଭୀମ ଭୋଇ




କହିଥିଲେ ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ, ଏହା ହିଁ ଓଡ଼ିଶାର ସଂସ୍କୃତି।’’ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ବୀରମାନଙ୍କ ଅବଦାନ ଅତୁଳନୀୟ। ପାଇକ ବିଦ୍ରୋହ ଏହାର ଏକ ଉଦାହରଣ। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହେବା ଗର୍ବର ବିଷୟ। ଓଡ଼ିଶାର ମହିଳାମାନେ ଆଗକୁ ବଢ଼ିଲେ ଓଡ଼ିଶା ଆଗକୁ ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସୁଭଦ୍ରା ଯୋଜନା ବାବଦରେ ମଧ ଆଲୋକପାତ କରିଥନ୍ତି ପ୍ରଧାନମନ୍ତ୍ରୀ। କିଛିଦିନ ପୂର୍ବରୁ ଓଡ଼ିଶାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସମୁଦ୍ର ପଥରେ ବାଣିଜ୍ୟ-ବ୍ୟବସାୟକୁ ଉତ୍କଳୀୟ ମାନେ ହିଁ ଆଗକୁ ବଢାଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯେତେବେଳେ ଟେକ୍ନୋଲୋଜି ନଥିଲା, ▶▶ପୃଷ୍ଠା ୭

# ଇସ୍ତଫା ଦେଲେ ହେମନ୍ତ ସୋରେନ: ନଭେମ୍ବର ୨୮ରେ ନେବେ ଶପଥ

ନୂଆଦିଲ୍ଲୀ, ୨୪/୧୧ : ନଭେମ୍ବର ୨୮ରେ ଶପଥ ନେବେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ। ବିଧାନସଭା ନିର୍ବାଚନରେ ପୂର୍ଣ୍ଣ ବହୁମତରେ ବିଜୟୀ ହେବା ପରେ ସେ ଲଗାତାର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସେ ଆଜି ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କୁ ଭେଟି ଇସ୍ତଫା ପତ୍ର ଦେବା ସହ ସରକାର ଗଠନ କରିବାକୁ ଦାବି ଜଣାଇଛନ୍ତି। ଗଙ୍ଗୱାରଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୋରେନ କହିଛନ୍ତି, ‘ସରକାର ଗଠନ ପାଇଁ ଦାବି କରିଛି ଏବଂ ରାଜ୍ୟପାଳଙ୍କୁ ସହଯୋଗୀ ଦଳର ସମର୍ଥନ ପତ୍ର ଦେଇଛି। ସେ ଆମକୁ ସରକାର ଗଠନ ପାଇଁ ଆମନ୍ତ୍ରଣ



କରିଛନ୍ତି। ନଭେମ୍ବର ୨୮ରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ।’ ବିଧାନସଭା ନିର୍ବାଚନରେ ସୋରେନଙ୍କ ଜେଏମଏମ ନେତୃତ୍ୱାଧୀନ ମିଳିତ ମଞ୍ଚ ୫୬ଟି ଆସନରେ ବିଜୟୀ ହୋଇ ପୂର୍ଣ୍ଣ ବହୁମତ ପାଇଛି। ମୋଟ ୮୧ଟି ଆସନରୁ ଦଳକୁ ମିଳିଛି ୫୬ଟି ସିଟ୍। ବିଜେପିରି ସମସ୍ତ ଷ୍ଟ୍ରାଟେଜିକୁ ବିଫଳ କରି ଲଗାତାର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ହେମନ୍ତ ସୋରେନ।

# ରତ୍ନଭଣ୍ଡାରରେ ନାହିଁ ଗୁପ୍ତ କୋଠରୀ କି ସୁଡ଼ଙ୍ଗ: ମରାମତି ବାଟ ଫିଟିଲା

ପୁରୀ, ୨୪/୧୧ (ନି.ପ୍ର): ସବୁ କାହାଣୀ ଓ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ। କାଲି ମୁଖ୍ୟ ପ୍ରଶାସକ ସଙ୍କେତ ଦେଇଥିଲେ ଆଉ ଆଜି ଆଇନମନ୍ତ୍ରୀ ପୂରା ସ୍ପଷ୍ଟ କରିଦେଲେ। ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ ନାହିଁ କୌଣସି ଗୁପ୍ତ କୋଠରୀ କି ରହସ୍ୟପୂର୍ଣ୍ଣ ସୁଡ଼ଙ୍ଗ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ୪୫ ପୃଷ୍ଠା ସମ୍ବଳିତ ଜିପିଆରଏସ୍ ସର୍ଭେ ରିପୋର୍ଟ, ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହେବା ପରେ ସାମ୍ନାକୁ ଆସିଛି ଏ ତଥ୍ୟ। ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କି କୋଠରୀ ନଥିବା ଜିପିଆର ସର୍ଭେରୁ ସ୍ପଷ୍ଟ ସଙ୍କେତ ମିଳିବା ପରେ ଏବେ ମରାମତି ପାଇଁ ବାଟ ଫିଟିଛି। ଦିନେ



ଦୁଇ ଦିନରେ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହୋଇଯିବ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଗତ ସେପ୍ଟମ୍ବର ୨୧ ଓ ୨୨ ଦୁଇଦିନ ଧରି ହାଇଦ୍ରାବାଦସ୍ଥିତ ନ୍ୟାସନାଲ ଜିଓଫିଜିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ରତ୍ନଭଣ୍ଡାରର ଜିପିଆର ସର୍ଭେ ହୋଇଥିଲା। ଦୁଇ ମାସ ପରେ ଏହି ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଛି। ଯେଉଁଥିରେ ରତ୍ନଭଣ୍ଡାରରେ ଗୁପ୍ତ ସୁଡଙ୍ଗ କି ଅଧିକ କୋଠରୀ ନଥିବା ସ୍ପଷ୍ଟ କରାଯାଇଛି। ତେଣୁ ଦିନେ ଦୁଇ ଦିନରେ ରତ୍ନଭଣ୍ଡାର ମରାମତି କାମ ଆରମ୍ଭ ହେବ ▶▶ପୃଷ୍ଠା ୭

# ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ ଘଟଣା: କ୍ରାଇମ୍‌ବ୍ରାଞ୍ଚ କରିବ ତଦନ୍ତ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବ। ରାଜ୍ୟ ସରକାର ଆଜି ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତଦନ୍ତ ପାଇଁ ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଗଠନ ହୋଇଛି। ଏହି ଟିମ୍ ୩ଟି ଏତଲା ଉପରେ ତଦନ୍ତ କରିବ। ▶▶ପୃଷ୍ଠା ୭



# ନିୟମ ଉଲ୍ଲଂଘନ ମହଙ୍ଗା ପଡ଼ିଲା: ସିଲ୍ ହେଲା ବାର

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଅନେକଗୁଡ଼ିଏ ବାର ନିର୍ଦ୍ଧାରିତ ସମୟ ପରେ ମଧ ପରିଚାଳିତ ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ତଥାପି କିଛି ମାଲିକ ସରକାରୀ ଗାଇଡ଼ଲାଇନ୍‌କୁ ଅଣଦେଖା କରୁଥିବା ଦୃଷ୍ଟିଗୋଚର ହେଉଛି। ନିୟମ ଉଲ୍ଲଘଂନକାରୀ ବାର ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଛି। ରାଜଧାନୀ ଭୁବନେଶ୍ୱରର ସହିଦନଗରସ୍ଥିତ ବାର ‘ଭୋକ୍ସପୋପ୍’କୁ ସିଲ କରାଯାଇଛି। ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଏହି ବାରକୁ ସିଲ୍ କରିଛି। ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସରକାରୀ ଗାଇଡଲାଇନ୍‌କୁ ଏହି ବାରରେ ▶▶ପୃଷ୍ଠା ୭

# ଆସିଲା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ‘ସୁଭଦ୍ରା’ ଟଙ୍କା

ସୁନ୍ଦରଗଡ଼, ୨୪/୧୧ (ନି.ପ୍ର): ଆସିଲା ପ୍ରଥମ କିସ୍ତିର ତୃତୀୟ ଦଫା ‘ସୁଭଦ୍ରା’ ଟଙ୍କା। ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ଯାଇଛି ’ସୁଭଦ୍ରା’ ଟଙ୍କା। ସୁନ୍ଦରଗଡ଼ରେ ଟଙ୍କା ରିଲିଜ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏଥିସହ ପ୍ରଥମ କିସ୍ତିରୁ ବାଦ୍ ପଡ଼ିଥିବା ୨୫ ପ୍ରତିଶତ ମହିଳାଙ୍କୁ ବି ମିଳିଛି ଟଙ୍କା। ତେବେ ଯେଉଁ ଆବେଦନକାରୀ ଜମି ଯୋଗ୍ୟତା ପାଇଁ ବାଦ୍ ପଡ଼ିଛନ୍ତି, ସେମାନଙ୍କର ମଧ ତଥ୍ୟ ଯାଞ୍ଚ ପାଇଁ ବ୍ଲକସ୍ତରକୁ




ରିପୋର୍ଟ ଯାଇଛି। ସେଠି ସମାଧାନ ହୋଇଗଲେ, ସେମାନଙ୍କୁ ଡିସେମ୍ବରରେ ଟଙ୍କା ମିଳିବ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁନ୍ଦରଗଡ଼ ଗସ୍ତରେ ଆସି ସ୍ଥାନୀୟ ମହାବିଦ୍ୟାଳୟ ନିକଟସ୍ଥ ଯାତରା ପଡ଼ିଆରେ ▶▶ପୃଷ୍ଠା ୭

# ଆସୁଛନ୍ତି ରାଷ୍ଟ୍ରପତି: ପୁରୀରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଜିପି

ପୁରୀ, ୨୩/୧୧ (ନି.ପ୍ର):ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏଥିସହ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିବେ ରାଷ୍ଟ୍ରପତି। ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ମଧ ଯୋଗ ଦେବେ ରାଷ୍ଟ୍ରପତି। ତେବେ ରାଷ୍ଟ୍ରପତିଙ୍କ



ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଆଜି ପୁରୀ ଗସ୍ତରେ ଆସି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ ସହ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ପୁଲିସ ଡିଜି ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ▶▶ପୃଷ୍ଠା ୭

# ଡିସେମ୍ବର ୨ରୁ ନକ୍ସଲ ପାଳିବେ ପିଏଲଜିଏ ସପ୍ତାହ

ମାଲକାନଗିରି, ୨୪/୧୧ (ନି.ପ୍ର): ମାଓ ସଂଗଠନ ତରଫରୁ ଆଜି ପ୍ରେସ ବିଜ୍ଞପ୍ତି ଜାରି କରି ଆସନ୍ତା ଡିସେମ୍ବର ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପିଏଲଜିଏ ସପ୍ତାହ ପାଳନ ନେଇ ଆହ୍ୱାନ ଦେଇଛନ୍ତି। ଲଗାତାର ୪ ରାଜ୍ୟ (ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା) ରେ ନକ୍ସଲ ଦମନ ନେଇ ପୁଲିସ ଜୋରଦାର ଅପରେସନ କରି ସଫଳତା ପାଉଥିଲେ ମଧ ନକ୍ସଲ ନିଜର ପାରିବା ପଣିଆ ଦେଖାଇଛି। ପ୍ରତିଦିନ ଯବାନ ନକ୍ସଲଙ୍କୁ ମାରିବା ସହ ସେମାନଙ୍କର

# ମା’କୁ ପିଟି ପିଟି ମାରିଦେଲା ପୁଅ

ଅନୁଗୋଳ, ୨୪/୧୧ (ନି.ପ୍ର): ଅନୁଗୋଳ ଟାଉନ ଥାନା ସୁସୁଡ଼ା ଗାଁରେ ଜଣେ ବ୍ୟକ୍ତି ତାଙ୍କ ବୃଦ୍ଧା ମା’ଙ୍କୁ ପିଟି ପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ମୃତ ବୃଦ୍ଧାଙ୍କ ନାଁ ଲତା ନାଏକ। ତାଙ୍କୁ ୭୦ ବର୍ଷ ହୋଇଥିଲା। ସୂଚନା ଅନୁଯାୟୀ, ଗତକାଲି ରାତିରେ କୌଣସି କାରଣରୁ ଲତା ନାଏକ ଓ ତାଙ୍କ ପୁଅ ସରୋଜ ନାଏକଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଆଜି ସକାଳେ ପୁଣି ସେହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କଥା କଟାକଟି ଚାଲିଥିବା ବେଳେ ଉତ୍‌କ୍ଷିପ୍ତ ସରୋଜ ହଠାତ୍ ମା’ଙ୍କୁ ପିଟିବା ଆରମ୍ଭ କରି ଦେଇଥିଲେ। ▶▶ପୃଷ୍ଠା ୭

# ଏସିଆରେ ସଙ୍କଟ ସୃଷ୍ଟି ପାଇଁ ଆମେରିକା ତାଇୱାନକୁ ବ୍ୟବହାର କରୁଛି: ରୁଷ

ନୂଆଦିଲ୍ଲୀ, ୨୪/୧୧ : ଏସିଆରେ ଏକ ଗମ୍ଭୀର ସଙ୍କଟ ସୃଷ୍ଟି ପାଇଁ ଆମେରିକା ତାଇୱାନକୁ ବ୍ୟବହାର କରୁଛି । ରବିବାର ଦିନ ଋଷର ଉପ ବୈଦେଶିକ ମନ୍ତ୍ରୀ ଆନ୍ଦ୍ରେଇ ରୁଡେଙ୍କୋ ଆମେରିକା ଉପରେ ଏହି ସଂଗୀନ ଅଭିଯୋଗ ଆଣିଛନ୍ତି । ତାଇୱାନ ପ୍ରସଙ୍ଗରେ ଚୀନ୍‌ର ଆଭିମୁଖ୍ୟକୁ ମସ୍କୋ ସମର୍ଥନ କରୁଥିବା ବେଳେ ସେ ଏହା କହିଛନ୍ତି। ରୁଡେଙ୍କୋ କହିଛନ୍ତି, ‘ଆମେ ଦେଖୁ ଯେ ୱାଶିଂଟନ୍ ତାଇୱାନକୁ ସ୍ୱୀକୃତି ଦେଇଥିବା ତଥା ତାଇୱାନକୁ ସାମରିକ ଅସ୍ତ୍ରଶସ୍ତ୍ର ଯୋଗାଣ ବୃଦ୍ଧି କରି ’ସ୍ଥିତିକୁ ବଜାୟ ରଖିବା ସ୍ଲୋଗାନରେ ଉଲ୍ଲଂଘନ



କରୁଛି। ଆମେରିକା ତାଇୱାନ ସହ ସାମରିକ-ରାଜନୈତିକ ସମ୍ପର୍କ ମଜଭୁତ କରୁଛି । ଆଞ୍ଚଳିକ କ୍ଷେତ୍ରରେ ଆମେରିକାର ହସ୍ତକ୍ଷେପର ଉଦ୍ଦେଶ୍ୟ ହେଉଛି ଚୀନକୁ ଉତ୍ତେଜିତ କରିବା ଏବଂ ଏହାର ସ୍ୱାର୍ଥ ଦୃଷ୍ଟିରୁ ଏସିଆରେ ଏକ ସଙ୍କଟ ସୃଷ୍ଟି କରିବା । ବାସ୍ତବରେ ଚୀନ୍ ତାଇୱାନକୁ ଏହାର ଅଞ୍ଚଳ ଭାବରେ ବିବେଚନା କରେ। ▶▶ପୃଷ୍ଠା ୭

# ଆଜିଠାରୁ ସଂସଦର ଶୀତକାଳୀନ ଅଧିବେଶନ

ନୂଆଦିଲ୍ଲୀ, ୨୪/୧୧ : ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡକାଇଛନ୍ତି। ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ଏହି ବୈଠକ ଡକାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଦ୍ୱାରା ଡକାଯାଇଥିବା ଏହି ବୈଠକରେ କଂଗ୍ରେସ, ତୃଣମୂଳ କଂଗ୍ରେସ, ଦ୍ରାବିଡ଼ ମୁନେତ୍ର କଜଗମ (ଡିଏମକେ), ଶିବସେନା, ବିଜୁ ଜନତା ଦଳ (ବିଜେଡି) ଏବଂ ଅନ୍ୟାନ୍ୟ ଦଳର ନେତାମାନେ ଯୋଗ ଦେବେ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ,



ସଂସଦର ଶୀତକାଳୀନ ଅଧିବେଶନ ସୋମବାର ( ୨୫ ନଭେମ୍ବର) ଠାରୁ ଆରମ୍ଭ ହୋଇ ଡିସେମ୍ବର ୨୦ ପର୍ଯ୍ୟନ୍ତ ଚାଲିବ। ଚଳିତ ଅଧିବେଶନରେ ୱାକଫ୍ ସଂଶୋଧନ ବିଲ୍ ସମେତ ମୋଟ ୧୬ଟି ବିଲ୍ ତାଲିକାଭୁକ୍ତ ହୋଇଥିବା ବେଳେ ମଣିପୁରରେ ଚାଲିଥିବା ଜାତିଗତ ହିଂସା ଏବଂ ବ୍ୟବସାୟୀ ଗୌତମ ଆଦାନୀଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ପ୍ରସଙ୍ଗକୁ ଉଠାଇବା ପାଇଁ ବିରୋଧୀ ଯଥାସମ୍ଭବ ପ୍ରୟାସ କରିବେ।

# ଡ୍ରାଇଭର ସଂଘ ଦ୍ୱାରା ଉଦ୍ଧାର ନାବାଳକୁ ପରିବାରକୁ ହସ୍ତାନ୍ତର

କୋରେଇ, ୨୪/୧୧ (ନି.ପ୍ର): ଏବେ ବି ମାନବିକତା ବଂଚିଛି । ଡ୍ରାଇଭର ମହାସଂଘ ଦ୍ୱାରା ଉଦ୍ଧାର ନାବାଳକକୁ ପୁଲିସ ଜରିଆରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଡ୍ରାଇଭର ମହାସଂଘର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରସଂଶା କରାଯାଇଛି । ପ୍ରକାଶ ଯେ, କଟକ ମଧୁପାଟଣା ଥାନା ଅନ୍ତର୍ଗତ ଶିବ ଶଙ୍କର ପଟ୍ଟନାୟକ (୧୨) କୌଣସି କାରଣରୁ ଖେଳୁଥିବା ସମୟରେ ହଠାତ କଟକ ରେଳ ଷ୍ଟେସନରୁ ଟ୍ରେନ ଚଢି ଯାଜପୁର ରୋଡ ପଳାଇ ଆସିଥିଲା । ଏନେଇ ପରିବାର ପକ୍ଷରୁ ମଧୁପାଟଣା ଥାନା ଲିଖିତ ଅଭିଯୋଗ କରାଯାଇଥିଲା । ଗତ ୨୦ ତାରିଖ ଶିବଶଙ୍କର କଟକରୁ ଟ୍ରେନରେ ଆସି ଯାଜପୁର ରୋଡ ରେଳ ଷ୍ଟେସନରେ ଓହ୍ଲାଇଥିଲା । ପିଲାଟିକୁ ଏକୁଟିଆ ଦେଖି ବୈତରଣୀ ରୋଡର ଏକ ଦମ୍ପତି ପ୍ରତିମା ସେଠୀ ତା ସହିତ କଥା ହୋଇଥିଲେ । ପିଲାଟି ଏହି ଦମ୍ପତିଙ୍କ ସହ ବୈତରଣୀରୋଡ ଆସି ତାଙ୍କ ପଛେ ପଛେ ଘରେ ପହଂଚିଥିଲା । ଫଳରେ ପିଲାଟିକୁ ଘରେ ରଖି ଏନେଇ ଡ୍ରାଇଭର ମହାସଂଘକୁ ଜଣାଇଥିଲେ । ଡ୍ରାଇଭର ମହାସଂଘର କର୍ମକତା ଯାଜପୁର ଜିଲ୍ଲାର ସମ୍ପାଦକ ଶରତ ବେହେରା ଓ ରାଜା ଭାଇଙ୍କୁ ଖବର ଦେବା ପରେ ସେମାନେ ଉକ୍ତ ନାବାଳକର ଫଟୋକୁ ରାଜ୍ୟ ମହାସଂଘ ଗ୍ରୁପରେ ପଠାଇଥିଲେ । ଶିବ ଶଙ୍କରର ବାପା ଓ ମଧୁପାଟଣା ପୁଲିସ ଏହା ଜାଣିବା ପରେ କୋରେଇ ଥାନାରେ ପହଂଚିଥିଲେ । କୋରେଇ ପୁଲିସ ସହାୟତାରେ ଡ୍ରାଇଭର ସଂଘର କର୍ମକର୍ତା ମାନେ ପହଂଚି ଉକ୍ତ ନାବାଳକ ଶିବଶଙ୍କରକୁ ତାର ବାପାକୁ ପୁଲିସ ସହାୟତାରେ ହସ୍ତାନ୍ତର କରିଥିଲେ ।

# ସରୁନି ୧୪୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାମ: ଏବେ ବି ୨୫% ବାକି

ରାଉରକେଲା, ୨୪/୧୧ (ନି.ପ୍ର): ବୀରମିତ୍ରପୁର-ବାରକୋଟ ୧୪୩ ନଂ ଜାତୀୟ ରାଜପଥ କାମ ୬ ବର୍ଷ ପରେ ମଧ ସରୁନି । ନିମ୍ନମାନର କଚ୍ଛପଗତି କାମ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ଠିକାସଂସ୍ଥା ଗାୟତ୍ରୀ କନ୍ଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡକୁ ବିଦା କରିଛି । କାମକୁ ନିର୍ଦ୍ଧାରିତ ସମୟରେ ସାରିବାକୁ ଏଆରଏସ୍ ନାମକ ଅନ୍ୟ ଏକ ନିର୍ମାଣ ସଂସ୍ଥାକୁ ଦିଆଯାଇଛି । କିନ୍ତୁ ପ୍ରାୟ ବର୍ଷେ ବିତି ସାରିଥିଲେ ବି ବାକିଥିବା ୩୫% କାମରୁ ଅଦ୍ୟାବଧି ୧୦% ସରିଛି । ଆହୁରି ପ୍ରାୟ ୨୫% କାମ ବାକି ରହିଛି । ଯଦି ୧୦ % କାମ ସାରିବାକୁ ବର୍ଷେ ଲାଗୁଛି । ତେବେ ଅବଶିଷ୍ଟ ୨୫% କାମ ଶେଷ ହେବାକୁ ଆଉ କେତେ ସମୟ ଲାଗିବ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି । ଯେମିତି କାମ ଚାଲିଛି ଆସନ୍ତା ୨୦୨୫ ସୁଦ୍ଧା ସରିବା ନେଇ ସଂଦେହ ରହିଛି । ୨୦୨୨ ସୁଦ୍ଧା ରାସ୍ତା ଓ ବ୍ରାହ୍ମଣୀ ପୋଲ କାମ ସାରିବାକୁ ଦୁଇ ଠିକାସଂସ୍ଥା ଆରକେଡି ଓ ଗାୟତ୍ରୀ କନ୍ଷ୍ଟ୍ରକ୍ସନକୁ ତାଗିଦ କରାଯାଇଥିଲା । ଆରକେଡି ବୀରମିତ୍ରପୁରରୁ-ରାଜାମୁଣ୍ଡା ପର୍ଯ୍ୟନ୍ତ ୭୬ କିମି ପର୍ଯ୍ୟନ୍ତ କାମ ସାରିଦେଇଥିଲା । ରାଜାମୁଣ୍ଡାରୁ ବାରକୋଟ ପର୍ଯ୍ୟନ୍ତ ୫୦ କିମି କାମ ଗାୟତ୍ରୀ ସାରିପାରି ନଥିଲା । ବୀରମିତ୍ରପୁରରୁ ବାରକୋଟ ପର୍ଯ୍ୟନ୍ତ ୧୨୬ କିମି ରାସ୍ତାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ଶେଷ ହୋଇଛି । ରାଜାମୁଣ୍ଡାରୁ ବଣାଇ ନରେନ୍ଦ୍ର ଛକ ପର୍ଯ୍ୟନ୍ତ କାମ ସରିଥିଲେ ହେଁ, ନରେନ୍ଦ୍ର ପୋଲ କାମ ସରିନି । ସେମିତି ନରେନ୍ଦ୍ର ଛକରୁ ଭୀମଘାଟ ପର୍ଯ୍ୟନ୍ତ ପ୍ରାୟ ୨୦ କିମି କାମ ସରିଛି । କିନ୍ତୁ ଭୀମଘାଟରୁ ବାରକାଟ ପର୍ଯ୍ୟନ୍ତ ପ୍ରାୟ ୨୫ କିମି ରାସ୍ତା କାମ ଆଦୌ କରାଯାଇ ନାହିଁ । ଭୀମଘାଟ ନିକଟରେ ପୋଲ କାର୍ଯ୍ୟ ସରୁ ନଥିବାରୁ ଆଗକୁ କାମ ବଢ଼ିପାରୁ ନଥିବା କୁହାଯାଉଛି । ଏଆରଏସ୍ ମଧ ପୂର୍ବରୁ ଥିବା ଗାୟତ୍ରୀ କନଷ୍ଟ୍ରକ୍ସନ୍ ଭଳି କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଭଳି ସମସ୍ୟା ପାଇଁ ସ୍ଥାନୀୟ ବାସିନ୍ଦା ଏନ୍ଏଚ୍ଏଆଇର ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି । ସେପଟେ ପ୍ରାୟ ୨ ବର୍ଷରୁ ଅଧିକ ସମୟ ଧରି ନରେନ୍ଦ୍ର ଛକରୁ ବାରକୋଟ ପର୍ଯ୍ୟନ୍ତ ପ୍ରାୟ ୪୫ କିମି ରାସ୍ତା ସରୁ ନଥିବାରୁ ଯାତାୟତରେ ବାଧା ଉପୁଜିଛି । ସମସ୍ତ ରାତ୍ରିକାଳୀନ ବସ୍ ଓ ଅନ୍ୟାନ୍ୟ ଗାଡ଼ିଗୁଡ଼ିକ ନରେନ୍ଦ୍ରରୁ ବଣାଇ ସହର, ଲଲେଇ ଛକ, ଖୁଣ୍ଟଗାଁ ହୋଇ ବାରକୋଟ ଯିବାକୁ ବାଧ ହେଉଛନ୍ତି । କେବଳ ଏତିକି ନୁହେଁ, ନରେନ୍ଦ୍ର ପୋଲ କାମ ସରୁ ନଥିବାରୁ ଅଧିକାଂଶ ସମୟରେ ଟ୍ରାଫିକ୍ ଜାମ ହେଉଛି । ପ୍ରତି ମାସ ଗୋଟିଏ ଦୁଇଟି ଦୁର୍ଘଟଣା ଘଟୁଛି । ଗତ ୬ ମାସ ମଧରେ ୫ରୁ ଅଧିକ ଲୋକଙ୍କ ଜୀବନ ଯାଇଛି । ଠିକ୍ ଭାବେ ପାଣି ସିଞ୍ଚନ କରାଯାଉ ନଥିବାରୁ ନରେନ୍ଦ୍ର ଛକ ସମ୍ପୂର୍ଣ୍ଣ ଧୂଳିମୟ ହୋଇଯାଉଛି । ଏଥିପ୍ରତି ଏନ୍ଏଚ୍ଏଆଇ ଅଧିକାରୀ ଧାନ ଦେଉ ନଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ଗତ ୨୦୧୬ରେ ବୀରମିତ୍ରପୁର-ବାରକୋଟ (୧୨୬ କିମି) ୧୪୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ଓ ଦ୍ୱିତୀୟ ବ୍ରାହ୍ମଣୀ ପୋଲ କାମ ପାଇଁ ଶିଳାନ୍ୟାସ ଦିଆଯାଇଥିଲା । ଦୁଇବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରଣ କାମ ପାଇଁ ମାଟି ମୁଠାଏ ବି ପଡ଼ିନଥିଲା । ୨୦୧୮ ଜାନୁଆରିରେ ବିଧିବଦ୍ଧ ଭାବେ କାମ ଆରମ୍ଭ ହୋଇଥିଲା । ୨୦୨୨ ସୁଦ୍ଧା ? ରାସ୍ତା ଓ ବ୍ରାହ୍ମଣୀ ପୋଲ କାମ ସାରିବାକୁ ଦୁଇ ଠିକାସଂସ୍ଥା ଆରକେଡି ଓ ଗାୟତ୍ରୀ କନ୍ଷ୍ଟ୍ରକ୍ସନକୁ ତାଗିଦ କରାଯାଇଥିଲା । ଆରକେଡି ବୀରମିତ୍ରପୁରରୁ-ରାଜାମୁଣ୍ଡା ପର୍ଯ୍ୟନ୍ତ ୭୬ କିମି ପର୍ଯ୍ୟନ୍ତ କାମ ସାରିଦେଇଥିଲା । ରାଜାମୁଣ୍ଡାରୁ ବାରକୋଟ ପର୍ଯ୍ୟନ୍ତ ୫୦ କିମି କାମ ଗାୟତ୍ରୀ ସାରିପାରି ନଥିଲା ।

# ପୌରାଚଂଳ ସ୍ତରୀୟ ପରବ ଉଦ୍‌ଘାଟିତ

ଜୟପୁର, ୨୪/୧୧ (ନି.ପ୍ର): ଜୟପୁର ପୌରାଚଂଳ ସ୍ତରିୟ ପରବ ଆଜି ଦିନ ୧୧ଟାରେ ଉଦଘାଟିତ ହୋଇଛି । ଜୟପୁର ସ୍ଥିତ ଅଧିଷ୍ଠାତ୍ରି ମା ଭଗବତିଙ୍କ ମନ୍ଦିରରେ ପୂଜା ପାଠ କରାଯାଇ ମଶାଲ ଶୋଭାଯାତ୍ରା ବାହାରି ଥିଲା । ଭଗବତି ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଜୟପୁର ଦଶହରା ପଡିଆ ଠାରେ ପହଂଚି ଥିଲା । ଦଶହରା ପଡିଆରେ ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୟପୁର ଉପ ଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରି ଆକା ବରମ ସସ୍ୟା ରେଡ୍ଡି , ଏସଡିପିଓ ଅଙ୍କିତ କୁମାର ବର୍ମା, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ୍ୟ ବି .ସୁନିତା, ଅତିରିକ୍ତ ପୌର କାଯ୍ୟନିବାହୀ ଅଧିକାରି କୃତିବାସ ସାହୁ ଉପସ୍ଥିତ ଥିଲେ । ନାଚ, ଆଦିବାସୀ ନୃତ୍ୟ, ଢେମସା ନୃତ୍ୟରେ ପରିବେଶ ମୁଖରିତ ହୋଇ ଉଠିଥିଲା । ଆସନ୍ତା ୨୫ ତାରିଖରେ ପୌରାଚଂଳ ସ୍ତରିୟ ପରବ ଉଦଯାପନ ହେବ । ଉଦଘାଟନ କାର୍ଯ୍ୟକ୍ରମରେ ପୌର କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ, ପ୍ରତାପ ଆଚାର୍ଯ୍ୟ, ଚୈତନ୍ୟ ବାସକା ସହ ଅଙ୍ଗନବାଡୀ କର୍ମୀ, ପୌର କର୍ମଚାରୀ, ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ ।

# ମନରେଗା ରାସ୍ତା ପାଇଁ ବଳି ପଡିଲା ତାଳ ଗଛ, ବନ ବିଭାଗ ନୀରବ: ଶ୍ରମିକ ବଦଳରେ ମେସିନ କରୁଛି କାମ

ମାଲକାନଗିରି, ୨୪/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ରେ ମନରେଗା ଯୋଜନା ରେ ଚାଲିଥିବା କାମ ଗୁଡିକରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି !ବ୍ଲକ ର ଅଧିକାଂଶ ପଂଚାୟତରେ କାର୍ଯ୍ୟ ଅନୁମୋଦନ ଥାଇ ଶେଷ ହେଉଯାଉଥିବା ବେଳେ ଆଉ କେତେକ କାମ ଶ୍ରମିକ ବଦଳରେ ମେସିନ କରୁଛି ତ ଆଉ କେଉଁଠାରେ ନବରଙ୍ଗପୁର ଶ୍ରମିକ ମାନେ କାମ କରୁଛନ୍ତି । ଏପରିକି କିଛି କାମ ଆରମ୍ଭ ନହୋଇ ପ୍ରତିଦିନ ଶ୍ରମିକ କାର୍ଯ୍ୟ କରୁଥିବା ଡିମାଣ୍ଡ ଦିଆଚାଲିଛି । ବିଶେଷ କରି ରାସ୍ତା ଓ ଟ୍ରେଂଚ କାମରେ ବନ ବିଭାଗର ବିନା ଅନୁମତିରେ ବହୁ ପରିମାଣ ର ଗଛ କଟାଚାଲିଛି !ଚଳିତ ବର୍ଷ ରାଜ୍ୟ ସରକାର ତାଳ ଗଛର ସୁରକ୍ଷା ପାଇଁ ନିୟମ କଡାକଡି କରିବା ସହ ଏହି ଗଛ କାଟିବା ଉପରେ କଟକଣା ଜାରି କରିଛନ୍ତି । ହେଲେ ମନରେଗା ରାସ୍ତା ତିଆରି ପାଇଁ କଟା ହେଉଛି ଏକାଧିକ ତାଳ ଗଛ । କେବଳ ଏତିକି ନୁହେ ମନରେଗା ଯୋଜନାକୁ ନେଇ କେନ୍ଦ୍ର ସରକାର ସବୁବେଳେ ନାନା ପ୍ରକାରର ଡିଣ୍ଡିମ ପିଟୁଥିବା ବେଳେ ମନରେଗା ଯୋଜନାରେ ଲୋକଙ୍କ ବଦଳରେ ମେସିନ ଦ୍ୱାରା ରାସ୍ତା ନିର୍ମାଣ କାର୍ଯ୍ୟ କରି ଠିକାଦାର ମାଲେମାଲ ହେଉଥିବା ନେଇ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଗୁମୁକା ପଂଚାୟତର ଏମଭି ୬୫ ଠାରୁ ମନରେଗା ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହି ରାସ୍ତା କେନାଲକୁ ସଂଯୋଗ କରିବ । ରାସ୍ତା ନିର୍ମାଣ କାର୍ଯ୍ୟଟି ୨୦୨୩-୨୪ ଆର୍ଥିକ ବର୍ଷର ହୋଇଥିବା ନେଇ ଓ୍ୱେବସାଇଡରେ ଦେଖାଉଥିବା ବେଳେ ବର୍ତମାନ ମଧ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଥିବା ଦେଖାଉଛି । ତେବେ ଏହି ରାସ୍ତା ହେଲେ ଅନେକ ଲୋକେ ଉପକୃତ ହେବେ ସତ କିନ୍ତୁ ରାସ୍ତା ନିର୍ମାଣ ପାଇଁ ସରକାରୀ ନିୟମକୁ ଉଲଂଘନ କରି ଲୋକଙ୍କ ଠାରୁ ବେସୀ ଉପକୃତ ହେଉଛନ୍ତି ଠିକାଦାର ଓ କିଛି ବିଭାଗୀୟ କର୍ମଚାରୀ । ଲୋକଙ୍କ ଅଭିଯୋଗ ଅନୁଯାୟୀ ଏହି ରାସ୍ତାଟି ମାନରେଗା ଯୋଜନା ମାଧ୍ୟମରେ ହେଉଥିବା ବେଳେ ସ୍ଥାନୀୟ ଶ୍ରମିକ ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାକଥା । କିନ୍ତୁ ଶ୍ରମିକ ବଦଳରେ କିଛି ଠିକାଦାର ଏହାକୁ ମେସିନ ମାଧ୍ୟମରେ କରୁଥିବା ବେଳେ ଶ୍ରମିକ ମାନେ କାର୍ଯ୍ୟ ପାଇବାରୁ ବଂଚିତ ହେଉଛନ୍ତି । ରାସ୍ତା କାମ ସରି ବାକୁ ଥିବା ବେଳେ ବର୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ ଫଳକ ଲେଖାଯାଇନାହିଁ । ସେହିପରି ଏହି ରାସ୍ତା ନିର୍ମାଣ ପାଇଁ ଅନେକ ଗଛ କଟା ଯାଉଥିବା ବେଳେ ଏଥିରେ ଅନେକ ତାଳ ଗଛ ମଧ କଟା ଯାଇଛି । ରାଜ୍ୟରେ ନୂଆ ସରକାର ଆସିବା ପରେ ତାଳ ଗଛ କାଟିବା ଉପରେ ରୋକ ଲଗାଇଥିବା ବେଳେ ଏହି ରାସ୍ତା ପାଇଁ କଟା ଯାଇଥିବା ତାଳ ଗଛ ପାଇଁ କାହାର ଅନୁମତି ନିଆଯାଇଛି ନା ନାହି ତାହା ମଧ ସନ୍ଦେହ ଘେରରେ ରହିଛି । ତେବେ ଏନେଇ ଆମେ ସ୍ଥାନୀୟ ପଂଚାୟତ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନଥିବା ବେଳେ ବନ ବିଭାଗର ଅଧିକାରୀ ମଧ ଫୋନ ଉଠାଇ ନଥିବାରୁ ଯୋଗାଯୋଗ ସମ୍ଭବ ହୋଇ ନାହି । ଏହି ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଭାରତୀୟ କିଶାନ ସଂଘ ନୂତନ ଜିଲ୍ଲା କମିଟି ଗଠନ

ବଲାଙ୍ଗିର, ୨୪/୧୧ (ନି.ପ୍ର): ବଲାଙ୍ଗିର ଭାରତୀୟ କିଶାନ ସଂଘ ର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଆର୍ଯ୍ୟସମାଜ ପ୍ରାଙ୍ଗଣରେ ନୂତନ ଜିଲ୍ଲା କମିଟି ଗଠନ ହୋଇଅଛି । ଡ. ଶଶିଭୂଷଣ ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା । ତହିଁରେ ଭାରତୀୟ କିଶାନ ସଂଘ ଓଡିଶାର ପ୍ରାଦେଶିକ ସଦସ୍ୟ ରାଧାକୃଷ୍ଣ ମେହେର ମାର୍ଗଦର୍ଶକ ଭାବରେ ଉପସ୍ଥିତ ଥିଲେ । ଭାରତୀୟ କିଶାନ ସଂଘର ସାଂଗଠନିକ ପ୍ରକ୍ରିୟା ଅନୁସାରେ ପ୍ରତି ତିନି ବର୍ଷରେ ନୂତନ କାର୍ଯ୍ୟକର୍ତା ନୂତନ ଦାୟିତ୍ୱ ନୂତନ କମିଟି ଗଠନ କରାଯାଏ । ବଲାଙ୍ଗିର ଜିଲ୍ଲାର ମଧ ତଦୃପ କରାଗଲା । ତହିଁରେ ଶ୍ରୀ ମେହେର ପର୍ଯ୍ୟବେକ୍ଷକ ଭାବରେ କାର୍ଯ୍ୟକ୍ରମ ପରିଚାଳନା କଲେ । ସଭାକାର୍ଯ୍ୟ ଆରମ୍ଭ ହେଲା, ସଭାପତି ଶ୍ରୀ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଅଗ୍ରସର କଲେ ଓ ତାଙ୍କ କାର୍ଯ୍ୟକାଳ ସମାପ୍ତ ହେବାରୁ ବିଦାୟ ନେଲେ । ପୁଣି ଡ. ଶଶିଭୂଷଣ ସାହୁଙ୍କ ନାମ ସଭାପତି ପାଇଁ ମଧୁସୁଦନ କ୍ଷେତୀ ପ୍ରସ୍ତାବ ଦେଲେ ତାକୁ ବିକାଶ ବେହେରା ସମର୍ଥନ ଜଣାଇଥିଲେ । ସର୍ବସମ୍ମତିକ୍ରମେ ଶ୍ରୀ ସାହୁ ଆଗାମୀ ଦିନ ପାଇଁ ଭାରତୀୟ କିଶାନ ସଂଘର ସଭାପତି ଭାବେ ଚୟନ ହେଲେ ।

# ୮ କୁଇଂଟାଲ ୨୦ କେଜି ଗଞ୍ଜେଇ ଜବତ: ୬ ଗିରଫ

ଜୟପୁର, ୨୪/୧୧ (ନି.ପ୍ର): ଗଜପତି ଅଂଚଳର ଗଂଜେଇ ମାଫିଆ ଦୀର୍ଘ ଦିନ ଧରି ମୁଂଜା ନିକଟରେ ଏକ ଫାର୍ମ ହାଉସ କରି ସେଠାରେ ଚାଲିଥିଲା ସବୁଜ ଜହର ବେଆଇନ କାରବାର । ଏହି କାରବାର ପାଇଁ ରାୟଗଡ଼ା ଅଂଚଳର ୫ ଜଣ ଯୁବକଙ୍କୁ ବି ନିୟୋଜିତ କରିଥିଲେ । ଫାର୍ମ ହାଉସ ରୁ ମକା ବୋଝେଇ ଗାଡିରେ ସବୁ ଗଞ୍ଜେଇକୁ ଲୋଡ଼ କରି ବାହାର ରାଜ୍ୟ ଉତର ପ୍ରଦେଶ ଓ ମହାରାଷ୍ଟ୍ରକୁ ରପ୍ତାନୀ କରି କୋଟି କୋଟି ଟଙ୍କା କମାଉଥିଲେ । କୌଣସି ସୂତ୍ରରୁ ଖବର ପାଇ ବିସିଂହପୁର ପୋଲିସ ଗତକାଲି ଏହି ଫାର୍ମ ହାଉସ ଉପରେ ଚଢଉ କରିଥିଲା । ପୋଲିସ ଚଢଉ ବେଳେ ଫାର୍ମ ହାଉସ ରୁ ୮ କୁଇଂଟାଲ ୨୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଫାର୍ମ ହାଉସ ର ୫ କର୍ମଚାରୀ ସମେତ ଫାର୍ମ ହାଉସ ମାଲିକଙ୍କ ବାପା ରମେଶ ବେହେରାଙ୍କୁ ପୋଲିସ ଗିରଫ କରିଛି । ଘଟଣାସ୍ଥଳରୁ ଗଞ୍ଜେଇ କାରବାର ର ମାଷ୍ଟର ମାଇଣ୍ଡ ଦିପୁ ଓ କାଳିଆ ଚମ୍ପଟ ମାରିଛନ୍ତି । ଜବତ ଗଞ୍ଜେଇର ବଜାର ମୂଲ୍ୟ ୮୦ ଲକ୍ଷ ଟଙ୍କା ହେବ ବୋଲି ବୋରିଗୁମ୍ମା ସିଡିପିଓ ତପସ୍ୱିନୀ କଅଁର ସୂଚନା ଦେଇଛନ୍ତି ।

# ଚନ୍ଦ୍ରଶେଖର ଇଂରାଜି ମାଧ୍ୟମିକ ବିଦ୍ୟାଳୟରେ ଏକ ଦିବସୀୟ ବିଜ୍ଞାନ ମେଳା

ଚମ୍ପୁଆ, ୨୪/୧୧ (ନି.ପ୍ର): ଚମ୍ପୁଆ ଏନଏସି ରାମଲା ସ୍ଥିତ ଚନ୍ଦ୍ରଶେଖର ଇଂରାଜି ମାଧ୍ୟମିକ ବିଦ୍ୟାଳୟ ରେ ଏକ ଦିବସୀୟ ବିଜ୍ଞାନ ମେଳା (ୟୁରେକା) ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମ୍ପାଦକ କେଶବ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବ୍ଲକ୍ ଶିକ୍ଷାଧିକାରୀ ପ୍ରକାଶ ସାହୁ ଯୋଗ ଦେଇ ଏହି ମେଳା କୁ ଉଦଘାଟନ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ୪ ଟି ବିଭାଗରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ୨୦୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଦ୍ୟାଳୟ ର ପଦାର୍ଥ ବିଜ୍ଞାନ ବିଭାଗ ର ବିଭାଗୀୟ ମୁଖ୍ୟ ପବିତ୍ରମୟୀ ଆଚାର୍ଯ୍ୟଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ମେଳା ରେ ବିଚାରକ ଭାବେ ରିମୁଳି ମହାବିଦ୍ୟାଳୟ ର ରସାୟନ ବିଜ୍ଞାନ ଅଧ୍ୟାପକ ଦିପ୍ତିରଞ୍ଜନ ବେଉରା, ଜୀବ ବିଜ୍ଞାନ ଅଧ୍ୟାପିକା ଭୂମିସୂତା ସିଂ, ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ର ଜୀବ ବିଜ୍ଞାନ ଅଧ୍ୟାପକ ସୁନୀଲ କୁମାର ସାହୁ, ଜ୍ୟୋତିପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ମହାନ୍ତ ଯୋଗ ଦେଇ ମେଳା ରେ ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକ ର ମୂଲ୍ୟାୟନ କରିଥିଲେ । ବିଭିନ୍ନ ବିଭାଗ ରେ କୃତିତ୍ୱ ଅର୍ଜନ କରିଥିବା ମୋଟ ୩୬ ଜଣ ଛାତ୍ର ଛାତ୍ରୀ ମାନଙ୍କ ନାମ ବିଚାରକ ମଣ୍ଡଳୀ ଙ୍କ ଦ୍ୱାରା ଘୋଷଣା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ର ଅଧକ୍ଷ ଆର ଏନ ମେତିଲ , ଅତିରିକ୍ତ ଉପାଧକ୍ଷା ଶତାବ୍ଦୀ ନାୟକ ଓ ମାନବ ସମ୍ବଳ ଅଧିକାରୀ ପ୍ରବୀର କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର ?ୟ୍ୟକ୍ରମ ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୧୪୯ତମ ଜୟନ୍ତି ଉତ୍ସବରେ ଯୋଗଦେଲେ ଓଡ଼ିଶାର କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି



ବେତନଟୀ , ୨୪/୧୧ (ନି.ପ୍ର): ଭାରତ ରତ୍ନ ଲୌହ ପୁରୁଷ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୯ତମ ଅନ୍ତରାଷ୍ଟ୍ରୀୟ ଜୟନ୍ତୀ ଉତ୍ସବ ବିହାର ରାଜ୍ୟ ସରକାର ଙ୍କ ଦ୍ୱାରା ପଶ୍ଚିମ ଚମ୍ପାରଣ ଜିଲ୍ଲା ର ସିକଟା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଜୟନ୍ତୀ ରେ ମୁଖ୍ୟ ଅତିଥି ଭାବେ ବିହାର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶ୍ରବଣ କୁମାର ଯୋଗ ଦେଇ ଥିଲେ । ବିଶିଷ୍ଟ ଅତିଥି ଭାବରେ ଭାରତ ସରକାରଙ୍କ କୋଇଲା ଓ ଖଣି ରାଜ୍ୟ ମନ୍ତ୍ରୀ ଶ୍ରୀ ସତୀଶ ଚନ୍ଦ୍ର ଦୁବେ, ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ ଶ୍ରୀ ଜୟନ୍ତ ରାଜ, ବାଲ୍ମିକୀ ନଗର ସାଂସଦ ସୁନୀଲ କୁମାର, ନେପାଳ ସରକାର ଙ୍କ ମନ୍ତ୍ରୀ ରମେଶ ପଟେଲ କୁର୍ମି ପ୍ରମୁଖ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଓଡିଶା ରୁ କୁଡୁମୀ ସେନା ର ପ୍ରତିଷ୍ଠାତା ସଭାପତି ଶ୍ରୀ ଜୈମୁନୀ କୁମାର ମହାନ୍ତ ଯୋଗ ଦେଇଥିଲେ । ଉତ୍ସବରେ ହଜାର ହଜାର ଜନସାଧାରଣ ଉପସ୍ଥିତ ରହି ସର୍ଦ୍ଦାର ପଟେଲ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ଏହି ଅବସରରେ ଶ୍ରୀ ମହାନ୍ତ ଙ୍କୁ ପୁଷ୍ପ ଗୁଚ୍ଛ ,ଉତ୍ତରୀୟ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ପ୍ରତିମୂର୍ତ୍ତି ଦେଇ ମାନନୀୟ ମନ୍ତ୍ରୀ ସମ୍ମାନୀତ କରି ଥିଲେ ।

# ନୂଆଦିଲ୍ଲୀର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଲୋକଙ୍କୁ ଆକୃଷ୍ଟ କରୁଛି ଓଡ଼ିଶାର 'କରୁଣା ସିଲ୍କ'

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪/୧୧ (ନି.ପ୍ର): ରେଶମ ପୋକକୁ ନମାରି କ୍ରୁରତାହୀନ ଉପାୟରେ ଖୋସାରୁ ସିଲ୍କ ଉତ୍ପାଦନ କରି ଓଡ଼ିଶା ଯେଉଁ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲା, ସେଥିରେ ଏକ ନୂଆ ବିଷୟ ଯୋଡ଼ି ହୋଇଛି । ଏହି ପଦ୍ଧତିରେ ବାହାରୁଥିବା ରେଶମ ସୂତାରେ ଏବେ କୌଣସି ପ୍ରକାର କୃତ୍ରିମ ରଙ୍ଗ ନ ମିଶାଇ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ 'କରୁଣା ସିଲ୍କ'ର କପଡ଼ା ପ୍ରସ୍ତୁତ କରାଯାଉଛି । ଏହି କପଡ଼ାରୁ ତିଆରି ଆଧୁନିକ ପୋଷାକ ନୂଆଦିଲ୍ଲୀର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଗ୍ରାହକଙ୍କ ଆଦର ଲାଭ କରିଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଛି ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା । ଏହି ମେଳାର 'ଓଡ଼ିଶା ମଣ୍ଡପ'ରେ ରାଜ୍ୟର ବିଭିନ୍ନ ହସ୍ତକଳା ଓ ହସ୍ତତନ୍ତ, ଜନଜାତି କଳାକୃତି ଏବଂ ଗ୍ରାମୀଣ ଉତ୍ପାଦ ଆଦି ପ୍ରଦର୍ଶନ ଓ ବିକ୍ରି ହେଉଛି । ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ 'ଅମ୍ଳାନ' ଆଉଟ୍‌ଲେଟ୍‌ରେ 'କରୁଣା ସିଲ୍କ' ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଓ ଆଧୁନିକ ପୋଷାକ ବିକ୍ରି କରାଯାଉଛି । ତା' ମଧ୍ୟରେ ରହିଛି ଶାଢ଼ି, କପଡ଼ା ଏବଂ ରେଡିମେଡ୍ ଜ୍ୟାକେଟ୍ ।'କରୁଣା ସିଲ୍କ' ଉତ୍ପାଦନର ଏହି ଅଭିନବ ପଦ୍ଧତିକୁ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ରାଜ୍ୟ ସରକାର ପ୍ରଦର୍ଶନ କରୁଛନ୍ତି । ଓଡ଼ିଶାର ଯାଜପୁର ଜିଲ୍ଲା ଗୋପାଳପୁର ଅଂଚଳର ବୁଣାକାରମାନେ 'ଓଡ଼ିଶା ମଣ୍ଡପ'ର ଲାଇଭ୍ ଡେମନଷ୍ଟ୍ରେସନ୍ ଭାଗରେ ବସି ପାରମ୍ପରିକ ତନ୍ତ ସାହାଯ୍ୟରେ କପଡ଼ା ବୁଣୁଛନ୍ତି । ଦେଶ ବିଦେଶର ପର୍ଯ୍ୟଟକ, ବିଶେଷକରି ଭାରତୀୟ ପୋଷାକପ୍ରେମୀ ଏଥିପ୍ରତି ଆକର୍ଷିତ ହେବା ସହ ଏହି ଅଭିନବ ସିଲ୍କ ବିଷୟରେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।"ଓଡ଼ିଶାର 'କରୁଣା ସିଲ୍କ' ବିଷୟରେ ମୁଁ ପ୍ରଥମଥର ପାଇଁ ବାଣିଜ୍ୟ ମେଳାରୁ ଜାଣିବାକୁ ପାଇଲି । ରେଶମ ପୋକକୁ ନମାରି ଏବଂ କୌଣସି ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର ନକରି ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ଏଭଳି ସିଲ୍କ ପ୍ରସ୍ତୁତ କରିବା ପ୍ରଶଂସାଯୋଗ୍ୟ", କହିଛନ୍ତି ମେଳା ବୁଲିବାକୁ ଆସିଥିବା ଦିଲ୍ଲୀର ଉଦିତ ଜୈନ ।"କରୁଣା ସିଲ୍କର ପୋଷାକ ଦିଲ୍ଲୀବାସୀଙ୍କୁ ଭାରି ପସନ୍ଦ ଆସୁଛି । କାରଣ ଏହା ତନ୍ତ ତିଆରି । ତା' ସାଙ୍ଗକୁ ଏଥିରେ କୌଣସି ରାସାୟନିକ ରଙ୍ଗ ବ୍ୟବହାର କରାଯାଉ ନାହିଁ । ବାଣିଜ୍ୟ ମେଳାକୁ ଆସୁଥିବା ଲୋକେ ଏହାର ଲାଇଭ୍ ଡେମୋ ଦେଖିବା ପରେ ଏହି ପୋଷାକ ବିଷୟରେ ଅଧିକ ଜାଣିବା ପାଇଁ ଆଗ୍ରହ ଦେଖାଉଛନ୍ତି", କହିଛନ୍ତି ସେରିଫେଡ୍ ପକ୍ଷରୁ ମେଳାର 'ଅମ୍ଳାନ' ଆଉଟ୍‌ଲେଟ୍‌ରେ ଥିବା ବାବୁଲି ଦାସ । ଓଡ଼ିଶାରେ ୪ ପ୍ରକାର ରେଶମ କୀଟର ଚାଷ କରାଯାଉଛି । ସେଗୁଡ଼ିକ ହେଲା ଏରି, ମଲବେରୀ, ଟସର ଏବଂ ମୁଗା । ରାଜ୍ୟରେ ପ୍ରଥମେ ଏରି ବା ଏଣ୍ଡିପୋକ ସୂତାରୁ 'କରୁଣା ସିଲ୍କ' ପ୍ରସ୍ତୁତ କରାଯାଉଥିଲା । ଏବେ ସମସ୍ତ ୪ ପ୍ରକାର ରେଶମ ଖୋସାରୁ ଏହି ସିଲ୍କ ପ୍ରସ୍ତୁତ କରାଯାଉଛି । ସାଧାରଣତଃ ରେଶମ ପୋକର ଖୋସାକୁ ପ୍ରଥମେ ଗରମ ପାଣିରେ ସିଝାଇ ସେଥିରୁ ସୂତା ବାହାର କରାଯାଏ । ସେହି ସୂତାରୁ ରେଶମ ପୋଷାକ ତିଆରି ହୁଏ । ଗରମ ପାଣିରେ ସିଝାଇବା ବେଳେ ଖୋସାରେ ଥିବା ପୋକର ମୃତ୍ୟୁ ହୁଏ ।ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ, ଗୋଟିଏ ମଲବେରୀ ସିଲ୍କ ଶାଢ଼ି ପ୍ରସ୍ତୁତି ପାଇଁ ୧୦ରୁ ୨୦ ହଜାର ଖୋସା ଦରକାର ପଡ଼ିଥାଏ । ସେହିପରି ଗୋଟିଏ ଟସର ସିଲ୍କ ଶାଢ଼ି ପାଇଁ ୫ରୁ ୭ ହଜାର ପର୍ଯ୍ୟନ୍ତ ଖୋସା ଦରକାର ପଡ଼େ । ଅର୍ଥାତ୍ ଏଥିରେ ସେତିକି ସଂଖ୍ୟାରେ ରେଶମ କୀଟଙ୍କ ଜୀବନ ଯାଇଥାଏ । କିନ୍ତୁ 'କରୁଣା ସିଲ୍କ' ପାଇଁ ରେଶମ କୀଟର ଜୀବନ ଯାଉନାହିଁ । ଏଥିପାଇଁ ଓଡ଼ିଶା କ୍ରୁରତାହୀନ ନୀତିକୁ ଆଦରିନେଇଛି । ନୂତନ ପଦ୍ଧତି ଅନୁଯାୟୀ ପୋକକୁ ନ ମାରି ଏହା ଖୋସାକୁ ଫଟାଇ ପ୍ରଜାପତି ରୂପରେ ଉଡ଼ିଯିବା ପାଇଁ ଛାଡ଼ି ଦିଆଯାଏ । ପରେ ସେହି ଖୋସାକୁ ଆଣି ସେଥିରୁ ସୂତା ବାହାର କରାଯାଏ ।ଗତ କିଛି ବର୍ଷ ଧରି 'କରୁଣା ସିଲ୍କ' ପଦ୍ଧତିରେ ବାହାରୁଥିବା ସୂତାରୁ ଶ୍ରୀମନ୍ଦିର ପାଇଁ 'ଖଣ୍ଡୁଆ ପାଟ' ପ୍ରସ୍ତୁତ କରାଯାଉଛି । ଖୋର୍ଦ୍ଧା ନିକଟରେ ଥିବା ରାଉତପଡ଼ା ଅଂଚଳର ବୁଣାକାରମାନେ ଏହି ସୂତାରେ ଆବଶ୍ୟକ ରଙ୍ଗ ଦେଇ ମହାପ୍ରଭୁଙ୍କ ପାଇଁ ଆକର୍ଷଣୀୟ ଖଣ୍ଡୁଆ ପାଟ ବୁଣିଥାଆନ୍ତି । ଏହି ପାଟରେ ଜୟଦେବଙ୍କ 'ଗୀତଗୋବିନ୍ଦ'ର ପଂକ୍ତି ବୁଣାଯାଇଥାଏ । 'କରୁଣା ସିଲ୍କ'ର ନୂଆ ଧାରା ହିସାବରେ ଏବେ ଖୋସାରୁ ବାହାରୁଥିବା ସୂତାରେ କୌଣସି ପ୍ରକାର ରାସାୟନିକ ରଙ୍ଗ ନ ମିଶାଇ ତାକୁ ପ୍ରାକୃତିକ ଭାବେ ବ୍ୟବହାର କରାଯାଉଛି । କୌଣସି କୃତ୍ରିମ ରଙ୍ଗ ମିଶି ନଥିବା ଏହି ପୋଷାକ ଏବେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶେଷ ଆକର୍ଷଣ ହୋଇପାରିଛି । "ବାଣିଜ୍ୟ ମେଳାରେ ପ୍ରଦର୍ଶିତ 'କରୁଣା ସିଲ୍କ' ମତେ ବେଶି ଆକର୍ଷିତ କଲା । ପୋକକୁ ନମାରି ଖୋସାରୁ ରେଶମ ସଂଗ୍ରହ କରିବା ସହ ବୟନ ଶିଳ୍ପ କ୍ଷେତ୍ରରେ କ୍ରୁରତାହୀନ ନୀତିର ଏହା ଏକ ସୁନ୍ଦର ପ୍ରୟୋଗ । ଏକଥା ଆଜି ସାରା ଦେଶକୁ ଦେଖାଇଦେଇଛି ଆମ ରାଜ୍ୟ ଓଡ଼ିଶା", ଓଡ଼ିଶା ମଣ୍ଡପ ବୁଲି ଆସିବା ଅବସରରେ କହିଛନ୍ତି ଦିଲ୍ଲୀର ପ୍ରବାସୀ ଓଡ଼ିଆ ଅନନ୍ତ ଓଝା ।ଆଗାମୀ ଦିନରେ 'କରୁଣା ସିଲ୍କ' ପ୍ରସ୍ତୁତ ପୋଷାକ ପାଇଁ କିପରି ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇପାରିବ, ସେ ଦିଗରେ କାମ କରୁଛି ଓଡ଼ିଶା । ଆମ୍ବ ଓ ପଣସ ଗଛର ଛାଲି, ଗେଣ୍ଡୁଫୁଲ ଓ କୁଙ୍କୁମ ଲଟାର ଫଳରୁ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ବିଭିନ୍ନ ରଙ୍ଗ 'କରୁଣା ସିଲ୍କ'ରୁ ତିଆରି ଆଧୁନିକ ପୋଷାକକୁ ରଙ୍ଗିନ ଓ ଆକର୍ଷଣୀୟ କରିବ । ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ପ୍ରୋତ୍ସାହନରେ ରାଜ୍ୟର ୨୨ଟି ଜିଲ୍ଲାରେ ବିଭିନ୍ନ ପ୍ରକାର ରେଶମ ଚାଷ କରାଯାଉଛି । ସେହିପରି ଖୋର୍ଦ୍ଧାର ରାଉତପଡ଼ା, କଟକର ନୂଆପାଟଣା ଏବଂ ଯାଜପୁରର ଗୋପାଳପୁର ଅଂଚଳର ବୁଣାକାରମାନେ ପାରମ୍ପରିକ ଓ ଆଧୁନିକ ରେଶମ ଶାଢ଼ି, କପଡ଼ା ଏବଂ ବିଭିନ୍ନ ପ୍ରକାର ପୋଷାକ ତିଆରି କରୁଛନ୍ତି ।

# ବଣ୍ଡା ଜନଜାତି ବହୁଳ ଅଣ୍ଡରାହାଲ ଗ୍ରାମପଂଚାୟତଠାରେ ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ ଓ ସଚେତନତା କ୍ୟାମ୍ପ

ମାଲକାନଗିରି, ୨୪/୧୧ (ନି.ପ୍ର): ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ ବୋର୍ଡ ଅଧୀନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଇରପୁଟ ବ୍ଲକର ବଣ୍ଡା ଜନଜାତି ବହୁଳ ଅଣ୍ଡରାହାଲ ଗ୍ରାମପଂଚାୟତ ଠାରେ ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ ଓ ସଚେତନତା କ୍ୟାମ୍ପ ଆଜି ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଉପସ୍ଥିତ ରହି ଏହି କ୍ୟାମ୍ପ ଆୟୋଜନ କରିଥିଲେ । ଏଥିରେ ୧୫୦ ଜଣ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ । ୫୪ ଜଣ ନିର୍ମାଣ ଶ୍ରମିକଙ୍କୁ ତ୍ୱରିତ ଶ୍ରମ କାର୍ଡ ପ୍ରଦାନ କରାଯିବା ସହ ୫୦ରୁ ଅଧିକ କୋଠାବାଡ଼ି ଓ ନିର୍ମାଣ ଶ୍ରମିକଙ୍କ କାର୍ଡ ନବୀକରଣ କରାଯାଇଥିଲା । ସୂଚନା ଥାଉ କି, ଅଣ୍ଡରାହାଲ ଗ୍ରାମପଂଚାୟତ ଆଦିମ ବଣ୍ଡା ଜନଜାତି ବହୁଳ ଅଂଚଳ ଅଟେ । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷ ପ୍ରାଧାନ୍ୟତା ଦିଆଯାଉଛି ।

# ଆଟିଚ୍ୟୁଡ୍ ଜରୁରୀ



ଯଦି ଆପଣଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅଭିଜ୍ଞ ତଥା ଦକ୍ଷ ହୋଇଥିଲେ ବି ଅଫିସରେ ଅନ୍ୟମାନଙ୍କ ସହ ଆପଣଙ୍କ ସମ୍ପର୍କ ଭଲ ରହୁନାହିଁ। ଏହାର କାରଣ ହୁଏତ ଆପଣ ଆଟିଚ୍ୟୁଡ୍ ହୋଇପାରେ। ଯେଉଁଥିପାଇଁ ଟିମ୍‌ରେ କାମ କରିବାରେ ସମସ୍ୟା ହେଉଛି। କାମ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିପାରେ। ତଥାପି କ୍ୟାରିଅରକୁ ସଫଳତାର ଶିଖରରେ ପହଞ୍ଚାଇବାକୁ ଆବଶ୍ୟକ ଆଟିଚ୍ୟୁଡ୍। କିନ୍ତୁ ମାତ୍ରାଧିକ ଆଟିଚ୍ୟୁଡ୍ କ୍ୟାରିଅର ପାଇଁ ବିପଦଜନକ ହୋଇପାରେ।

**ଅହଙ୍କାର ଛାଡ଼ନ୍ତୁ:**

କଥାରେ ଅଛି, ନମ୍ରତା ଫଳନ୍ତି ବୃକ୍ଷାଃ, ନମ୍ରନ୍ତି ଗୁଣୀନ ଜନାଃ। ଅର୍ଥାତ୍ ଫଳନ୍ତି ବୃକ୍ଷ ସର୍ବଦା ନଇଁପଡ଼େ, ସେହିଭଳି ଜ୍ଞାନୀ ଲୋକମାନେ ମଧ୍ୟ ନମ୍ର ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ସଫଳତାର ସିଡ଼ି ଚଢ଼ୁଥିବା କର୍ମଚାରୀ ସର୍ବଦା ବିନମ୍ର ଭାବେ କଥା କହିଥାନ୍ତି। ଫଳରେ ଅନ୍ୟମାନଙ୍କ ଆଗରେ ତାଙ୍କର ସମ୍ମାନ ଦ୍ୱିଗୁଣିତ ହୋଇଥାଏ। ମାତ୍ର ସାମାନ୍ୟ ଜ୍ଞାନଥିବା କର୍ମଚାରୀଟିଏ ବେଳେବେଳେ ଅହଙ୍କାରକୁ ଆଧାରକରି ଛୋଟ ଛୋଟକଥାକୁ ନେଇ ବଡ଼ ଘଟଣା ଘଟାଇଥାନ୍ତି। ଏପରି କରିବା ଦ୍ୱାରା ସେମାନେ କେବଳ ସମୟ ହିଁ ନଷ୍ଟ କରିଥାନ୍ତି। ସବୁବେଳେ ଆଟିଚ୍ୟୁଟ୍ ଦେଖାଇ ହେବାର କୌଣସି ଅର୍ଥ ନାହିଁ। ଏହାକୁ ବୁଝି ଅହଙ୍କାରକୁ ଛାଡ଼ିବା ହିଁ ଉଚିତ୍ ହେବ।



**ପରିପକ୍ୱତାର ଅଭାବ:** ପରିପକ୍ୱତା ଆସିନଥିବା କର୍ମଚାରୀ ମାନେ ଛୋଟଛୋଟ କଥାକୁ ଆଧରର କରି ବଡ଼ବଡ଼ ଅଘଟଣ ଘଟାଇଥାନ୍ତି। କାରଣ ସେମାନଙ୍କ ଭିତରେ ନିଜର ଜ୍ଞାନ ଓ କ୍ଷମତାକୁ ନେଇ ଭୟ ସୃଷ୍ଟି ହୋଇଥାଏ। ତେଣୁ ନିଜର ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି କରିଥାନ୍ତି। ହୁଏତ ଏଭଳି ବ୍ୟବହାର ସେମାନଙ୍କ ପାଇଁ ବିଶେଷତ୍ୱ ପ୍ରମାଣିତ ହୋଇ କାର୍ଯ୍ୟ କ୍ଷେତ୍ରରେ ସଫଳତା ଦେଇପାରେ ବୋଲି ଆଟିଚ୍ୟୁଡ୍ ବଳରେ ସାମାନ୍ୟତମ ସଫଳତା ହୁଏତ ସମ୍ଭବ ହୋଇପାରିବ, ମାତ୍ର ଏଥିଷର ପରିବର୍ତ୍ତନ ନଆଣିଲେ ବହୁ ଦୂର ଯିବା କଷ୍ଟକର ହୋଇଥାଏ। ସଫଳତା ପାଇଁ କେବଳ ଆଟିଚ୍ୟୁଟ୍ ନୁହେଁ, ଦକ୍ଷତା ବଢ଼ାଇବା ଦରକାର।

**ଦୂରତା ବଢ଼ାନ୍ତୁନି:** କିଛି ଲୋକ କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠ ବୋଲି ଭାବିବସନ୍ତି। ଅତ୍ୟଧିକ ଆତ୍ମବିଶ୍ୱାସ ଯୋଗୁସେମାନେ ଅନ୍ୟମାନଙ୍କ ସହ ଦୁର୍ବ୍ୟବହାର କରିବାକୁ ଭୁଲନ୍ତି ନାହିଁ। ଏମିତିକି ସହକର୍ମୀମାନଙ୍କ ପ୍ରତି ଅହଂକାର ମନୋଭାବ ପ୍ରଦର୍ଶନ କରିଥାନ୍ତି। ଫଳରେ ଏମିତି ସମୟ ଆସିଥାଏ ଯେ, ଆଟିଚ୍ୟୁଡ୍ ଯୋଗୁ ଅନ୍ୟ ସହକର୍ମୀମାନେ ଆପଣଙ୍କ ଠାରୁ ଦୂରେଇବା ଆରମ୍ଭ କରନ୍ତି। ଦକ୍ଷ କର୍ମଚାରୀଟିଏ ଅଫିସରେ କାର୍ଯ୍ୟ କରୁଥିବା ସମୟରେ ସହକର୍ମୀଙ୍କ ଠାରୁ ଦୂରତା ବଢ଼ାଇ ନଥାଏ, ବରଂ ନିକଟତର ହୋଇଥାଏ।

**ହସଖୁସିର ମାହୋଲ:** ଘର ହେଉ ଅବା ଅଫିସ ହସଖୁସିର ବାତାବରଣକୁ ସମସ୍ତେ ପସନ୍ଦ କରିଥାନ୍ତି। ସମସ୍ତେ ମିଳିମିଶି କାମ କରିବା ଦ୍ୱାରା କେବେ କେବେ କଠିନ କାମ ବି ସହଜରେ ହୋଇଯାଏ। ଅଫିସରେ ହସଖୁସିରେ ମାହୋଲ ଭିତରେ ଟିମ ସଦସ୍ୟମାନେ କାମ କରିବା ଦ୍ୱାରା ଅନେକ ସମୟରେ ବହୁ କଷ୍ଟକାମ ବି ସହଜସାଧ୍ୟ ମନେହେଇଥାଏ। ଏହାଦ୍ୱାରା କାମ ସହ ସମ୍ପର୍କ ବି ଦୃଢ଼ଖ ଓ ମଜଭୁତ ହୋଇଥାଏ।

**ନିଜକୁ ପରିବର୍ତ୍ତନ କରନ୍ତୁ:** ଆଟିଚ୍ୟୁଡ୍ ରହିବା ଭଲ, ମାତ୍ର ଏହା ଅନ୍ୟମାନଙ୍କ ପାଇଁ ସମସ୍ୟା ନହେବା ଆବଶ୍ୟକ। ତେଣୁ ଘରେ ହେଉ ଅବା ବାହାରେ ସବୁଠାରେ ସମସ୍ତଙ୍କୁ ବଦଳାଇବା ସମ୍ଭବ ହୋଇ ନଥାଏ। ତେଣୁ ଅନ୍ୟର ଚିନ୍ତାରେ ପରିବର୍ତନ ଆଣିବାକୁ ଚେଷ୍ଟା କରିବା ଅପେକ୍ଷା ନିଜକୁ ବଦଳାଇବା ଉଚିତ୍। ଅନ୍ୟ ଭିତରେ ପରିବର୍ତ୍ତନ ଆଣିବା ଆମ ହାତରେ ନଥାଏ, ମାତ୍ର ନିଜ ଭିତରେ ପରିବର୍ତ୍ତନ ଆଣିବା ସହଜ।



# ଔଷଧୀୟ ଧନିଆ



ଘରେ ଘରେ ପରିଚିତ ଧନିଆ କେବଳ ମସଲା ରୂପେ ବ୍ୟବହାର ହୋଇ ନଥାଏ, ଏହା ଖାଦ୍ୟକୁ ଭିନ୍ନ ସ୍ୱାଦ ମଧ୍ୟ ଦେଇଥାଏ। ତେବେ ଧନିଆରେ ବହୁ ଔଷଧୀୟ ଗୁଣ ମଧ୍ୟ ରହିଛି। ହର୍ବାଲ ବିଜ୍ଞାନୀ ଏହାକୁ ମଣିଷର ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ବ୍ୟବହାର କରିଥାନ୍ତି।

- ଧନିଆରେ ଅଧିକ କ୍ୟାଲସିୟମ ରହିଥିବାରୁ ଖାଦ୍ୟ ରୂପେ ଏହାକୁ ଅଧିକରୁ ଅଧିକ ବ୍ୟବହାର କଲେ ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଓ ହାଡ଼ଜନିତ ସମସ୍ୟା ଦୂର ହୋଇଥାଏ।
- ମୁଖରୁ ଦୁର୍ଗନ୍ଧ ବାହାରୁଥିଲେ ଧନିଆ ପତ୍ର ରସକୁ ନିୟମିତ ଭାବେ କୁଳିକଲେ ତାହା ବନ୍ଦ ହୋଇଯାଏ।
- ସେହିପରି ଦାନ୍ତମୂଳରୁ ରକ୍ତ ବାହାରୁଥିଲେ ଓ ଏହା ଦୁର୍ବଳ ହେଉଥିଲେ ଧନିଆ ପତ୍ର ବାଟି ନିୟମିତ ଦାନ୍ତରେ ବ୍ୟବହାର କରନ୍ତୁ। ଏପରି କିଛି ଦିନ କଲେ ଦାନ୍ତମୂଳ ମଜଭୂତ ହେବା ସହ ରକ୍ତ ବାହାରିବା ମଧ୍ୟ ବନ୍ଦ ହୋଇଯାଏ।
- ଶିଶୁର କାଶ ଓ ଶ୍ୱାସ ରୋଗ ହୋଇଥିଲେ ଚାଉଳଧୁଆ ପାଣିରେ ୧ ଗ୍ରାମ୍ ଧନିଆକୁ ବାଟି ସେଥିରେ ଚିନି ମିଶାଇ ପାନ କରାଇଲେ କାଶ ଓ ଶ୍ୱାସ ଭଲ ହୋଇଥାଏ।



# ଏମିତି ଚୟନ କରନ୍ତୁ ବିଶ୍ୱବିଦ୍ୟାଳୟ



**ଉଚ୍ଚଶିକ୍ଷାପାଇଁ ବିଦେଶ ଯିବେ ନା ନିଜ ଦେଶରେ ପଢ଼ିବେ ? କେଉଁ ବିଶ୍ୱବିଦ୍ୟାଳୟ କେମିତି ବାଛିବେ ? ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ମନରେ ଉଙ୍କିମାରେ ଏମିତି ଅନେକ ପ୍ରଶ୍ନ। ବିଶ୍ୱବିଦ୍ୟାଳୟ ଚୟନ ବେଳେ କ୍ୟାରିଅର ମୋଟିଭେଟରଙ୍କ ସାହାଯ୍ୟ ନିଅନ୍ତୁ।**

**ପାଠପଢ଼ାର ମାନ:** ଉଚ୍ଚଶିକ୍ଷା ପାଇଁ ବିଶ୍ୱବିଦ୍ୟାଳୟରେ ଆଡ଼ମିଶନ ନେବାକୁ ଚାହାଁନ୍ତି। ତେଣୁ ପ୍ରତି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଟିକିନିଖି ବିବରଣୀ ସଂଗ୍ରହ କରନ୍ତୁ। କେଉଁଠାରେ ପାଠ ପଢ଼ା ଭଲ ହୁଏ ସେଗୁଡ଼ିକର ଅଲଗା ତାଲିକା ତିଆରି କରନ୍ତୁ। ସେଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଠାରୁ ମଧ୍ୟ ପରାମର୍ଶ ନେଇପାରନ୍ତି। ନିଜକୁ ଯେଉଁଟା ସବୁଠୁ ଭଲ ବୋଲି ମନେ ହେବ ସେହି କଲେଜ, ୟୁନିଭର୍ସିଟିରେ ଆବେଦନ କରନ୍ତୁ।

**କେଉଁ ପାଠ୍ୟକ୍ରମ :** ଦେଶ ହେଉ ବା ବିଦେଶ ଅଧିକାଂଶ ବିଶ୍ୱବିଦ୍ୟାଳୟରେ ନିର୍ଦ୍ଦିଷ୍ଟ କେତେକ ପାଠ୍ୟକ୍ରମ ତୁଳନାତ୍ମକ ଭାବେ ଖୁବ୍ ଭଲ ହୋଇତାଏ। ଯେମିତି କେଉଁଠାରେ ସାହିତ୍ୟ ଭଲ ତ ଆଉ କେଉଁଠି ବିଜ୍ଞାନ ଖୁବ ଭଲ ପଢ଼ା ହୋଇଥାଏ। ତେଣୁ ଆପଣ କେଉଁ ବିଷୟ ନେଇ ଉଚ୍ଚଶିକ୍ଷା କରିବେ ତାହା ପ୍ରଥମେ ସ୍ଥିର କରନ୍ତୁ। ସେହି ଅନୁସାରେ ବିଶ୍ୱବିଦ୍ୟାଳୟ ବାଛନ୍ତୁ।



**ଯାତାୟତ:** ଯଦି ବିଦେଶରେ ପଢ଼ିବାକୁ ଚାହାନ୍ତି ତେବେ ହଷ୍ଟେଲରେ ବିଶ୍ୱବିଦ୍ୟାଳୟର ଦୂରତ୍ୱ ଯେମିତି ଅତ୍ୟଧିକ ନହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏହାବ୍ୟତୀତ ବିମାନବନ୍ଦର, ରେଲୱେ ଷ୍ଟେସନ ଠାରୁ ଶିକ୍ଷାନୁଷ୍ଠାନର ଦୂରତାକୁ ଧ୍ୟାନ ଦିଅନ୍ତୁ। ଅନ୍ୟ ସହରକୁ ଉଚ୍ଚଶିକ୍ଷା ପାଇଁ ଯାଉଥିଲେ ମଧ୍ୟ ଏହି ସମାନ ନିୟମ ମାନିବାକୁ ଚେଷ୍ଟା କରନ୍ତୁ।

**ଫ୍ୟାକଲ୍ଟି:** ବିଶ୍ୱବିଦ୍ୟାଳୟ ଯେତେ ନାମୀଦାମୀ ହୋଇଥିଲେ ମଧ୍ୟ ନିଜ ପାଠ୍ୟକ୍ରମର ଫ୍ୟାକଲ୍ଟି କିପରି ସେ ବିଷୟରେ ପ୍ରଥମରୁ ବୁଝିବାକୁ ଚେଷ୍ଟା କରନ୍ତୁ।ପ୍ରତିଟି ବିଶ୍ୱବିଦ୍ୟାଳୟର ୱେବସାଇଟ ସବୁ ଡିପାର୍ଟମେଣ୍ଟର ଫ୍ୟାକଲ୍ଟିମାନଙ୍କର ନାଁ ଉଲ୍ଲେଖ ଥାଏ। ସେହି ନାଁକୁ ଆଧାର କରି ଗୁଗୁଲ ସର୍ଚ୍ଚ କରି ସେମାନଙ୍କ ବିଷୟରେ ଅଧିକ ତଥ୍ୟ ଜାଣିପାରିବେନ।



**ଖର୍ଚ୍ଚ:** ଉଚ୍ଚଶିକ୍ଷକ୍ଷା ପାଇଁ ନିଜର ସାମର୍ଥ୍ୟ କେତେ ତାହା ମଧ୍ୟ ଖିଆଲ ଣଖିବା ଦରକାର। କେବଳ ବିଦେଶରେ ବା ଗ୍ଲାମରସ ବିଶ୍ୱବିଦ୍ୟାଳୟରେ ଭଲ ପଢ଼ାହୁଏ ସେକଥା ନୁହେଁ। ତେଣୁ ନାଁ ଲେଖାଇବା ପୂର୍ବରୁ ଖର୍ଚ୍ଚ କେତେ ପଡ଼ିବ ସେକଥା ମଧ୍ୟ ପ୍ରଥମରୁ ବୁଝିନିଅନ୍ତୁ। ହିସାବ କରି ଦେଖନ୍ତୁ କେତେ ପରିମାଣରେ ଖର୍ଚ୍ଚ ଆପଣ କରିପାରିବେ।ସେହି ଅନୁସାରେ ଶିକ୍ଷାନୁଷ୍ଠାନ ବାଛନ୍ତୁ। ସ୍କଲାରଶିପ ପାଇଁ ଚେଷ୍ଟା କରନ୍ତୁ।



# ରୁଟି ବା ନାନ୍ ସହ ଖାଆନ୍ତୁ ଜିରା ଛେନା ମସଲା

ଘରେ ପନିରର ବିଭିନ୍ନ ରେସିପି ପ୍ରସ୍ତୁତ କରିଥାଉ । ଆଜି ଆମେ ଆପଣଙ୍କ ପାଇଁ ପନିର ଏକ ନୂଆ ରେସିପି ନେଇ କହିବୁ। ଏହି ରେସିପିର ନାଁ ହେଉଛି 'ଜିରା ଛେନା ମସଲା'। ତେବେ ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ କରିବା 'ଜିରା ଛେନା ମସଲା'।

ଆବଶ୍ୟକ ସାମଗ୍ରୀ: କ୍ଷୀର, କଞ୍ଚା ଲଙ୍କା, ଟମାଟୋ କଟା, ପିଆଜ କଟା, ଅଦା ପେଷ୍ଟ, ରସୁଣ ପେଷ୍ଟ, ଗୋଟା ଜିରା, ଗରମ ମସଲା (ଡାଲଚିନି, ଗୁଜୁରାତି ଓ ଜିରାରେ ପ୍ରସ୍ତୁତ), ରିଫାଇନ୍ ତେଲ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ଲେମ୍ବୁ, ପାଣି ଓ ଧନିଆ ପତ୍ର

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛେନା ପ୍ରସ୍ତୁତ କରିବା ପାଇଁ ଏକ ପାତ୍ରରେ କ୍ଷୀର ଢାଳି ଗ୍ୟାସରେ ବସାଇ ଫୁଟିବାକୁ ଛାଡ଼ିଦିଅନ୍ତୁ। କ୍ଷୀର ଫୁଟିଯିବା ପରେ ସେଥିରେ ଲେମ୍ବୁ ରସ ପକାନ୍ତୁ। କ୍ଷୀର ଛିଣ୍ଡି ଛେନା ପ୍ରସ୍ତୁତ ହୋଇଯିବା ପରେ ସେହି ଛେନାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଜିରା ପକାନ୍ତୁ। ତା'ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ବାଦାମୀ ରଙ୍ଗ ହୋଇ ଆସିଲେ ସେଥିରେ କଞ୍ଚା ଲଙ୍କା ଓ ଟମାଟୋ ପକାଇ ଭାଜନ୍ତୁ। ଏହାପରେ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଅଦା ଓ ରସୁଣ ପେଷ୍ଟ ପକାଇ ଭଲଭାବେ କଷନ୍ତୁ। ମସଲା କଷି ହୋଇଯିବା ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ଗରମ ମସଲା ପକାଇ



ଗୋଳାଇ ଦିଅନ୍ତୁ ଓ ୨ ମିନିଟ୍ ସେମିତି ଛାଡ଼ି ଦିଅନ୍ତୁ। ମସଲା କଡ଼େଇରେ ନ ଲାଗିବା ପାଇଁ ଅଳ୍ପ ପାଣି ଦେବେ। କିନ୍ତୁ ମସଲା ପାଣିଆ କରିବେନି ଶୁଖିଲା ହିଁ ରଖିବେ। ମସଲା ପ୍ରସ୍ତୁତ ହୋଇଯିବା ପରେ ସେଥିରେ ଛେନାକୁ ଗୁଣ୍ଡକରି ପକାନ୍ତୁ। ତା'ପରେ ତାକୁ ଭଲଭାବେ ଗୋଳାଇ ଦିଅନ୍ତୁ।ମସଲାରେ ଛେନା ଭଲ ଭାବେ ମିଶିଯିବା ପରେ ଚୁଲିରୁ କଡ଼େଇ ଓହ୍ଲାଇ ଦିଅନ୍ତୁ।ତା'ପରେ ତାକୁ ଏକ ପାତ୍ରରେ କାଢ଼ି ଦେଇ ଉପରେ ଅଳ୍ପ ଧନିଆ ପତ୍ର ପକାଇ ଦିଅନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା 'ଜିରା ଛେନା ମସଲା'। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଦାନୀଙ୍କ ରହସ୍ୟମୟ ଉତ୍‌ଥାନ ଓ ଆକସ୍ମିକ ପତନ

ପରିବେଶ ଓ ଜୈବ ସଂରକ୍ଷଣ ଦୃଷ୍ଟିରୁ ସମ୍ବେଦନଶୀଳ ଓଡ଼ିଶାର ଗନ୍ଧମାର୍ଦ୍ଦନ ପାର୍ବତ୍ୟାଞ୍ଚଳରେ ଜମି ଅଧିଗ୍ରହଣ କରି ସନ୍ଦେହ ଓ ବିବାଦ ଘେରକୁ ଆସିଥିବା ଦେଶର ଅନ୍ୟତମ ପ୍ରତିପତ୍ତିଶାଳୀ ଶିଳ୍ପଗୋଷ୍ଠୀ ଆଦାନୀ ଗ୍ରୁପ୍‌ର ମାଲିକ ଗୌତମ ଆଦାନୀ ଏବେ ପୁଣି ଥରେ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ରହିଛନ୍ତି। ଆନ୍ଧ୍ରପ୍ରଦେଶରେ ପ୍ରସ୍ତାବିତ ଭାରତର ସର୍ବବୃହତ୍ ଅକ୍ଷୟ ଶକ୍ତି ପ୍ରକଳ୍ପର ଶକ୍ତି ବିତରଣ ଟେଣ୍ଡର ହାତେଇବା ପାଇଁ ଭାରତର ବିଭିନ୍ନ ସରକାରୀ ଅଧିକାରୀଙ୍କୁ ପ୍ରାୟ ୨ ହଜାର କୋଟିରୁ ଅଧିକ ଟଙ୍କା ଲାଞ୍ଚ ଦେଇଥିବା ଏବଂ ଲାଞ୍ଚ ବାବଦ ଅର୍ଥ ଆମେରିକାର ପୁଞ୍ଜି ବଜାରରୁ ସଂଗୃହୀତ ହୋଇଥିବା ଅଭିଯୋଗରେ ଆମେରିକାର ବିଚାର ବିଭାଗ ଓ ସିକ୍ୟୁରିଟ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ୍ ଗୌତମ ଆଦାନୀଙ୍କ ସମେତ ତାଙ୍କ ପୁତୁରା ଏବଂ ଅନ୍ୟ ଛଅଜଣ ଅଂଶୀଦାରଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି। ଧନୀ ତାଲିକାରେ ଏକଦା ଏସିଆର ପ୍ରଥମ ଓ ବିଶ୍ୱର ତୃତୀୟ ସ୍ଥାନରେ ରହିଥିବା ଭାରତର ଏହି ଶିଳ୍ପପତି ଏବେ ତାଲିକାର ସପ୍ତମ ସ୍ଥାନକୁ ଖସି ଆସିଛନ୍ତି। ଏହି ଗ୍ରୁପ୍ ଅଧୀନରେ ପରିଚାଳିତ ଅନେକ ଶିଳ୍ପ ସଂସ୍ଥା ବା ୟୁନିଟ୍‌ର ଅଂଶଧନ ମୂଲ୍ୟ ପ୍ରତିଭୂତି ବଜାରରେ ହ୍ରାସ ପାଇବାରେ ଲାଗିଛି। ଗୋଟିଏ ଦିନରେ ଆଦାନୀ ଗ୍ରୁପ୍‌ର ଅଂଶଧନରେ ନିବେଶ କରିଥିବା ନିବେଶକମାନେ ୨.୫ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି। ୧୮୫ କୋଟି ଡଲାର ବ୍ୟୟରେ କେନିଆ ସରକାର ଓ ଆଦାନୀ ଗ୍ରୁପ୍ ମଧ୍ୟରେ ହୋଇଥିବା ବିମାନ ବନ୍ଦର ସମ୍ପ୍ରସାରଣ ପ୍ରକଳ୍ପ ଚୁକ୍ତିକୁ କେନିଆ ସରକାର ବାତିଲ୍ କରିଛନ୍ତି। ଏହାପୂର୍ବରୁ ମଧ୍ୟ ଆଦାନୀ ଗ୍ରୁପ୍ ଏହାର ଅଂଶଧନ ମୂଲ୍ୟକୁ ତଞ୍ଚକତା କରି ବୃଦ୍ଧି କରିଥିବା ଆମେରିକାର ଏକ ଘରୋଇ ଅର୍ଥନୈତିକ ଗବେଷଣା ସଂସ୍ଥା ହିଣ୍ଡେନବର୍ଗ ଅଭିଯୋଗ ଆଣିବା ପରେ ଆଦାନୀ ଗ୍ରୁପ୍‌ର ଅଂଶଧନ ୧୪୫୦୦ କୋଟି ଡଲାରର କ୍ଷତି ସହିଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଜୀବନ ବୀମା ନିଗମ ପରି ଅନେକ ବଡ଼ ବଡ଼ ରାଷ୍ଟ୍ରାୟତ୍ତ ସଂସ୍ଥା ଆଦାନୀ ଗ୍ରୁପ୍‌ର ଅଂଶଧନରେ ପୁଞ୍ଜି ନିବେଶ କରିଥିବାରୁ ସ୍ଥିତିରେ ଯଥାଶୀଘ୍ର ସୁଧାର ନ ଆସିଲେ ଭାରତର ଅର୍ଥନୀତି ମଧ୍ୟ କେତେକାଂଶରେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଆଦାନୀ ଗ୍ରୁପ୍‌ର ମାଲିକଙ୍କୁ କେନ୍ଦ୍ର ସରକାର ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗରେ ସଂସଦର ଆସନ୍ତା ଶୀତ ଅଧିବେଶନ ମଧ୍ୟ ସରଗରମ ହେବ ବୋଲି ଅନୁମାନ କରାଯାଉଛି। ଗୌତମ ଆଦାନୀ ଏବେ ସାମ୍ନା କରୁଥିବା ପତନର ଧାରା ଯେଭଳି ଆକସ୍ମିକ ତାଙ୍କ ବ୍ୟାବସାୟିକ ସାମ୍ରାଜ୍ୟର ଉତ୍‌ଥାନ ମଧ୍ୟ ସେତିକି ରହସ୍ୟମୟ। କେନ୍ଦ୍ର ସରକାରଙ୍କ ପ୍ରଚ୍ଛନ୍ନ ସହଯୋଗ ବିନା ଆଦାନୀଙ୍କ ଏହି ଚମତ୍କାର ଉତଥାନ ସମ୍ଭବ ନୁହେଁ ବୋଲି ଅଭିଯୋଗ ହୋଇଆସୁଛି। ଗତବର୍ଷ ସଂସଦରେ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ରଖିଥିବା ତଥ୍ୟାନୁଯାୟୀ, ୨୦୧୪ରେ ଗୌତମ ଆଦାନୀଙ୍କ ମୋଟ ସମ୍ପତ୍ତି ମୂଲ୍ୟ ମାତ୍ର ୮୦୦ କୋଟି ଡଲାର ଥିବା ବେଳେ ୨୦୨୨ ବେଳକୁ ତାହା ୧୪, ୦୦୦ କୋଟି ଡଲାର ଟପିଛି। ପ୍ରାୟତଃ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ପରେ ପରେ ଆଦାନୀଙ୍କୁ ସେହି ଦେଶର କୌଣସି ପ୍ରକଳ୍ପ ମିଳିଯାଉଛି କିମ୍ବା ଋଣ ମଞ୍ଜୁର ହୋଇଯାଉଛି। ଅଷ୍ଟ୍ରେଲିଆ, ବାଂଲାଦେଶ, ଗ୍ରୀସ୍, ଇଣ୍ଡୋନେସିଆ, ଇସ୍ରାଏଲ୍, କେନିଆ, ମ୍ୟାଁମାର, ନେପାଳ, ଶ୍ରୀଲଙ୍କା, ତାଞ୍ଜାନିଆରେ ଆଦାନୀ ଗ୍ରୁପ୍‌ର ପ୍ରକଳ୍ପକୁ ଏହାର ଉଦାହରଣ ରୂପେ ନିଆଯାଇପାରେ। ତେଣୁ ୨୦୧୪ରେ ବିଶ୍ୱ ଧନୀ ତାଲିକାରେ ଆଦାନୀ ୬୦୯ ନମ୍ବର ତାଲିକାରେ ଥିବା ବେଳେ ମାତ୍ର ୮ ବର୍ଷ ଭିତରେ ବିଶ୍ୱର ତୃତୀୟ ଧନୀ ବ୍ୟକ୍ତି ହୋଇପାରିଛନ୍ତି। ଏହାପଛରେ କେନ୍ଦ୍ର ସରକାରଙ୍କ ପ୍ରିୟାପ୍ରୀତିତୋଷଣ(କ୍ରୋନି କ୍ୟାପିଟାଲିଜିମ୍ ଓ ଫେଭରାଟିଜିମ୍) ସ୍ପଷ୍ଟ ହେଉଛି ବୋଲି ଶ୍ରୀଗାନ୍ଧୀ ଅଭିଯୋଗ କରିଥିଲେ। ଶାସକ ବିଜେପି ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଥିଲେ ହେଁ ଏଭଳି ଅନେକ ପ୍ରସଙ୍ଗ ରହିଛି ଯେଉଁଥିରୁ ରାହୁଲ୍ ଗାନ୍ଧୀଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିହେଉ ନାହିଁ। ଅନ୍ୟ ୫୬ଟି କମ୍ପାନୀ ଯାତ୍ରୀ ପିଛା ଯେତିକି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେବା ପାଇଁ ଟେଣ୍ଡରରେ ଉଲ୍ଲେଖ କରିଥିଲେ ତାହାର ପ୍ରାୟ ଦୁଇଗୁଣ ମୂଲ୍ୟ ଆଦାନୀ ଗ୍ରୁପ୍‌ର ଟେଣ୍ଡରରେ ଉଲ୍ଲେଖ ଥିବାରୁ ଟେଣ୍ଡର ମିଳିବାରେ କୌଣସି ଅସ୍ୱାଭାବିକତା ବା ଅନିୟମିତତାର ପ୍ରଶ୍ନ ଉଠୁନାହିଁ। କିନ୍ତୁ ଯାହା ବିବାଦର ସୂତ୍ରପାତ କରିଛି, ତାହା ହେଉଛି ଏଥିପାଇଁ ଉଦ୍ଦିଷ୍ଟ ସର୍ତ୍ତ ଓ ନିୟମର ସୁପରିକଳ୍ପିତ ସଂଶୋଧନ। ପୂର୍ବ ପ୍ରଚଳିତ ନିୟମ ଅନୁଯାୟୀ ଯେଉଁ ସଂସ୍ଥା ପାଖରେ ପୂର୍ବରୁ ବିମାନ ବନ୍ଦର ପରିଚାଳନା ଅଭିଜ୍ଞତା ଥିବ କେବଳ ସେହି ସଂସ୍ଥା ହିଁ ଟେଣ୍ଡର ଦାଖଲ କରିପାରିବେ। ଦ୍ୱିତୀୟତଃ, ଜଣେ ବ୍ୟକ୍ତି ବା ସଂସ୍ଥାକୁ ଦୁଇଟିରୁ ଅଧିକ ବିମାନ ବନ୍ଦର ପରିଚାଳନା ମାଲିକାନା ଦିଆଯାଇପାରିବ ନାହିଁ। ଏହି ଦୁଇଟି ଯାକ ନିୟମ ବଳବତ୍ତର ରହିଥିଲେ ଆଦାନୀ ଗ୍ରୁପ୍ ଟେଣ୍ଡର ଦାଖଲ ପାଇଁ ଯୋଗ୍ୟତା ହାସଲ କରିପାରି ନଥା'ନ୍ତା। ତେଣୁ ଏ ଦୁଇ ନିୟମକୁ ବାତିଲ୍ କରିଦିଆଗଲା। ତୃତୀୟ ନିୟମ ଥିଲା କୌଣସି ବ୍ୟକ୍ତି ବା ସଂସ୍ଥାଙ୍କୁ ସର୍ବାଧିକ ୩୦ ବର୍ଷ ପାଇଁ ହିଁ ଲିଜ୍ ଦିଆଯିବ। ଆଦାନୀଙ୍କ କ୍ଷେତ୍ରରେ କିନ୍ତୁ ଲିଜ୍ ଅବଧି ୫୦ ବର୍ଷକୁ ବୃଦ୍ଧି କରାଗଲା। ଚତୁର୍ଥ ସର୍ତ୍ତ ଅନୁଯାୟୀ ବିମାନ ବନ୍ଦର ପରିଚାଳନା ମାଲିକାନା ପାଇଥିବା ଘରୋଇ ସଂସ୍ଥା ମୋଟ ରାଜସ୍ୱର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେବାକୁ ପଡ଼ିବ। କିନ୍ତୁ ଏଥର ପୂର୍ବ ସର୍ତ୍ତକୁ ବଦଳାଇ ଏଣିକି ଭାଗ ବା ପ୍ରତିଶତ ନୁହେଁ, ବରଂ ସମ୍ପୃକ୍ତ ଘରୋଇ ସଂସ୍ଥାମାନେ ଏକ ନିର୍ଦ୍ଦିଷ୍ଟ ପରିମାଣ ସରକାରଙ୍କୁ ଦେବେ ବୋଲି କୁହାଗଲା।

## ବାଇଡେନଙ୍କ ଘୃଣ୍ୟ ଷଡଯନ୍ତ୍ର



### ସୌମେନ୍ଦ୍ର ଜେନା

> ଜାତିସଂଘ ପକ୍ଷରୁ ନିଯୁକ୍ତ ସେନାବାହିନୀ ପୃଥିବୀର ଭିନ୍ନ ଭିନ୍ନ ଦେଶରେ ସ୍ଥାନୀୟ ରାଜନୀତି ଓ ସନ୍ତ୍ରାସ ସହ ସଂପୃକ୍ତ ହେବା ଯୋଗୁ ଜାତିସଂଘର ସମ୍ମାନ ହ୍ରାସ ପାଇବାରେ ଲାଗିଛି। ବାଇଡେନଙ୍କ ସହଯୋଗୀ ଇସଲାମିଷ୍ଟମାନେ ସାରା ପୃଥିବୀରେ ଗାଜା, ରାଫାକୁ ନେଇ ଯେତେ ପ୍ରଚାର କରିଛନ୍ତି ହୁଥୀ-ହାମାସ-ହେଜବୋଲ୍ଲା ସନ୍ତ୍ରାସକୁ କେନ୍ଦ୍ରକରି ସେମିତି କିଛି କହିନାହାନ୍ତି। ବାଇଡେନଙ୍କ ନିରବ ସମର୍ଥନରେ ଆମେରିକାର ବିଶ୍ୱବିଦ୍ୟାଳୟଗୁଡିକରେ ଇସଲାମିଷ୍ଟମାନେ ଯେପରି ହିଂସାକାଣ୍ଡ କଲେ ତାହା ସମସ୍ତେ ଦେଖିଛନ୍ତି। ଇସ୍ରାଏଲକୁ ଅସ୍ତ୍ର ବିକ୍ରି ପାଇଁ କହୁଥିବା ବାଇଡେନ ମଧ୍ୟ ଅନେକ କ୍ଷେତ୍ରରେ ଇସ୍ରାଏଲର ବିରୋଧୀ ହୋଇଛନ୍ତି, ଯାହାକୁ ଟ୍ରମ୍ପ ସମର୍ଥନ କରିନାହାନ୍ତି।

ଆମେରିକା ନିର୍ବାଚନରେ ଟ୍ରମ୍ପଙ୍କ ରାଷ୍ଟ୍ରପତି ଭାବେ ବିଜୟକୁ ଡେମୋକ୍ରାଟ ପାର୍ଟି ଏବଂ ବର୍ତ୍ତମାନର ରାଷ୍ଟ୍ରପତି ଖୋଦ ଜୋ ବାଇଡେନ ହଜମ କରିନପାରି ଏବେ ଗୋଟିଏ ପରେ ଗୋଟିଏ ଘୃଣ୍ୟ ଷଡଯନ୍ତ୍ର ପଛରେ ପଡିଛନ୍ତି। ପୃଥବୀକୁ ଅନ୍ତତଃ ଆଗାମୀ ଅଳ୍ପ ଦିନରେ ବିଶ୍ୱଯୁଦ୍ଧକୁ ଠେଲି ଦେବାଲାଗି ବାଇଡେନ୍ ୟୁକ୍ରେନକୁ କ୍ଷେପଣାସ୍ତ୍ର ଯୋଗାଇଦେବା ସହ ମସ୍କୋ ସମେତ ରୁଷିଆର ଅନ୍ୟାନ୍ୟ ସହର ଉପରକୁ ମାଡ କରିବାକୁ କହିବାପରେ ଏବେ ପରିଣାମ କ୍ଷତିକାରକ ହେବା ଆଶଙ୍କା କରାଯାଉଛି। ବାଇଡେନଙ୍କ ଯୁଦ୍ଧଖୋର ମନୋଭାବ ଯୋଗୁ ଟ୍ରମ୍ପ ସରକାର କ୍ଷମତାକୁ ଆସିବା ଆଗରୁ କେମିତି ହେଉ ଏକ ବଡ ଯୁଦ୍ଧ ସଂଗଠିତ କରିବାକୁ ବାଇଡେନ ଋହୁଁଛନ୍ତି। ଟ୍ରମ୍ପ ସରକାର ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବାକୁ ଘୋଷଣା ସମ୍ଭାବନା ଯୋଗୁ ୟୁରୋପର ରାଷ୍ଟ୍ରଙ୍କୁ ଯୁଦ୍ଧ ଜାରି ରଖିବାକୁ ବାଇଡେନ ପରାମର୍ଶ ଦେଇଛନ୍ତି। ଡେମୋକ୍ରାଟ ସରକାର ଋହୁଁଥିଲେ ଲିବିୟାର ଗଦାଫିଙ୍କ ଅବସ୍ଥା ପୁତିନ ଭୋଗ କରନ୍ତୁ। ବାଇଡେନ ପାକିସ୍ଥାନ, ବଙ୍ଗଳାଦେଶ, ଆଲବାନିଆରେ ସରକାରଗୁଡିକୁ ଜବରଦସ୍ତ ପରିବର୍ତ୍ତନ କରିଥିଲେ। ତୈଳ, ଗ୍ୟାସ ଏବଂ ଔଷଧପତ୍ର ମାଧ୍ୟମରେ ପୃଥିବୀରେ ଅଭାବ ସୃଷ୍ଟିକରି ଅସ୍ଥିରତା ଆଳରେ ଯୁଦ୍ଧପ୍ରାୟ ସ୍ଥିତି ସୃଷ୍ଟିକରିବାକୁ ବାଇଡେନ ଷଡଯନ୍ତ୍ର କରିଥିଲେ। କିନ୍ତୁ ରୁଷିଆର ତୈଳ, ଗ୍ୟାସ ଓ ଔଷଧପତ୍ର ଯୋଗାଣ ସମସ୍ୟାକୁ ଭାରତ ଏବଂ ଚୀନ ସମ୍ଭାଳି ଦେବାପରେ ପୁତିନ ଏବେ ଅଧିକ ଶକ୍ତିଶାଳୀ ହୋଇ ଉଠିଛନ୍ତି। ଦେଶ ଭିତରେ ଅସ୍ଥିରତା ହେଲେ ରୁଷିଆ ଲୋକେ ପୁତିନଙ୍କର ପ୍ରଚଣ୍ଡ ବିରୋଧୀ ହେବେବୋଲି ବାଇଡେନ ମନେମନେ ଭାବିଥିଲେ ଯାହା ହୋଇନାହିଁ। ଆମେରିକାରେ ବାଇଡେନଙ୍କ ସରକାର ସମଲିଙ୍ଗୀ ବିବାହ, ଲିଙ୍ଗପରିବର୍ତ୍ତନ ଆଦିକୁ ଖୋଲାଖୋଲି ସମର୍ଥନ ଦେବା ପରେ ଅନେକ ବିଭ୍ରାଟ ଦେଖାଦେଇଛି। ଏପରିକି ଷଡଯନ୍ତ୍ରରେ ଟ୍ରମ୍ପଙ୍କ ସମର୍ଥକ ଏଲନ ମସ୍କଙ୍କ ପୁଅ ମଧ୍ୟ ଲିଙ୍ଗ ପରିବର୍ତ୍ତନ କରି ଏଲନଙ୍କ ବିରୋଧୀ ହୋଇଛି, ଯାହାକୁ ମସ୍କ ଭୁଲିବା ଏତେ ସହଜ ନୁହେଁ। ତେଣୁ ସେ ଡେମୋକ୍ରାଟ ଦଳକୁ କ୍ଷମତାରୁ ହଟାଇବା ଲାଗି ଖୋଲାଖୋଲି ଟ୍ରମ୍ପଙ୍କୁ ସମର୍ଥନ କରିଥିଲେ। ଅପରପକ୍ଷେ ଜର୍ଜ ସୋରେସଙ୍କ ପରି ବିବାଦୀୟ ବ୍ୟକ୍ତିମାନେ ବାଇଡେନଙ୍କ ଅର୍ଥ ଯୋଗାଣକାରୀ ରହି ଆସିଛନ୍ତି, ଯାହାକୁ ମସ୍କ ସମାଜ ବିରୋଧୀ ଏବଂ ମାନବ ସଭ୍ୟତାର ବିରୋଧୀ କହି ସମାଲୋଚନା କରିଆସିଛନ୍ତି। କ୍ଷମତାରୁ ଯିବା ପୂର୍ବରୁ ଅସ୍ଥିରତା ଓ ଯୁଦ୍ଧ ପରିସ୍ଥିତି ମାଧ୍ୟମରେ ଟ୍ରମ୍ପଙ୍କ ପାଇଁ ଅଶାନ୍ତି ସୃଷ୍ଟି କରିବାକୁ ବାଇଡେନ ଯୋଜନା କରିଛନ୍ତି। ରୁଷିଆ ଉପରେ ଆମେରିକା ପ୍ରଦତ୍ତ କ୍ଷେପଣାସ୍ତ୍ର ୟୁକ୍ରେନ ମାଡକଲାପରେ ଏବେ ପୁତିନ ଆଣବିକ ଅସ୍ତ୍ର ପ୍ରୟୋଗ କରିବାର ଆଶଙ୍କା ଦେଖାଦେଇଥିବା ହେତୁ ୟୁରୋପ କେତେକ ରାଷ୍ଟ୍ର ନିଜ ଜନସାଧାରଣଙ୍କୁ ଆଗୁଆ ଖାଦ୍ୟ ଓ ଜଳ ଆଦି ସଂଗ୍ରହ କରି ରଖିବାକୁ କହିସାରିଲେଣି। ଏଥିରେ ନାଟୋ ରାଷ୍ଟ୍ରଗୁଡିକର କ୍ଷୟକ୍ଷତି ବଢିବା ସହ ୟୁରୋପରେ ଯୁଦ୍ଧର ଘନଘଟା ଦେଖାଦେବ ଏବଂ ୟୁକ୍ରେନରେ ଜନ-ଧନ କ୍ଷୟକ୍ଷତି ବୃଦ୍ଧିପାଇବ। ବାଇଡେନଙ୍କ ଏତାଦୃଶ ଯୁଦ୍ଧଖୋର ମନୋଭାବ ପାଇଁ ବିଶ୍ୱର ଅନେକ ରାଷ୍ଟ୍ର ନିଜର ଅନିଚ୍ଛା ସତ୍ତ୍ୱେ ଯୁଦ୍ଧରେ ସାମିଲ ହୋଇ କ୍ଷୟକ୍ଷତିର ସମ୍ମୁଖୀନ ହେବେ। କ୍ଷମତାରୁ ଯିବା ପୂର୍ବରୁ ଅସହିଷ୍ଣୁତାର ଗାତ୍ରଦାହ କିପରି ବାଇଡେନଙ୍କୁ ଅନ୍ଧ କରିଛି ଏହା ତାର ପ୍ରମାଣ।

ଠିକ୍ ସେମିତି ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହାମାସ ଯୁଦ୍ଧକୁ ଦେଖାଯାଉ। ନିକଟରେ ଜାତିସଂଘର ଶରଣାର୍ଥୀମାନଙ୍କୁ ପ୍ରଦାନ କରାଯାଉଥିବା ସହାୟତା ଗାଡିର ତଲାସୀ କରିବା ପରେ ସେଥିରେ କ୍ଷେପଣାସ୍ତ୍ର ଋଲାଣ ହେଉଥିବାର ଘଟଣା ଦୃଷ୍ଟିକୁ ଆସିଛି। ଇସ୍ରାଏଲ ସେନା ସେଥିପାଇଁ ଜାତିସଂଘର ଶାନ୍ତି ବାହିନୀ ଅଶାନ୍ତି ସୃଷ୍ଟି କରୁଥିବା ନେଇ ଅଭିଯୋଗ ଆଣିଛି। ଏପରିକି ଜାତିସଂଘ ସହାୟତା ପ୍ରଦାନକାରୀ କାର୍ଯ୍ୟାଳୟ ତଳେ ସନ୍ତ୍ରାସବାଦୀଙ୍କ ବଙ୍କର ରହିଥିବା ବିଜୟ ଜଣାପଡିଥିଲା। ସନ୍ତ୍ରାସବାଦୀମାନେ ସେହି ବଙ୍କରଗୁଡିକୁ ନିଜର ସୁରକ୍ଷିତ ଆଶ୍ରୟସ୍ଥଳୀରେ ପରିଣତ କରିଥିଲେ। ଏହା ଯେ ଜାତିସଂଘ ବାହିନୀ ଅଗୋଚରରେ ଋଲିଥିଲା ତାହା କହିବା ଭୁଲ ହେବ। ଜାତିସଂଘ ପକ୍ଷରୁ ନିଯୁକ୍ତ ସେନାବାହିନୀ ପୃଥିବୀର ଭିନ୍ନ ଭିନ୍ନ ଦେଶରେ ସ୍ଥାନୀୟ ରାଜନୀତି ଓ ସନ୍ତ୍ରାସ ସହ ସଂପୃକ୍ତ ହେବା ଯୋଗୁ ଜାତିସଂଘର ସମ୍ମାନ ହ୍ରାସ ପାଇବାରେ ଲାଗିଛି। ବାଇଡେନଙ୍କ ସହଯୋଗୀ ଇସଲାମିଷ୍ଟମାନେ ସାରା ପୃଥିବୀରେ ଗାଜା, ରାଫାକୁ ନେଇ ଯେତେ ପ୍ରଋର କରିଛନ୍ତି ହୁଥୀ-ହାମାସ-ହେଜବୋଲ୍ଲା ସନ୍ତ୍ରାସକୁ କେନ୍ଦ୍ରକରି ସେମିତି କିଛି କହିନାହାନ୍ତି। ବାଇଡେନଙ୍କ ନିରବ ସମର୍ଥନରେ ଆମେରିକାର ବିଶ୍ୱବିଦ୍ୟାଳୟଗୁଡିକରେ ଇସଲାମିଷ୍ଟମାନେ ଯେପରି ହିଂସାକାଣ୍ଡ କଲେ ତାହା ସମସ୍ତେ ଦେଖିଛନ୍ତି। ଇସ୍ରାଏଲକୁ ଅସ୍ତ୍ର ବିକ୍ରି ପାଇଁ କହୁଥିବା ବାଇଡେନ ମଧ୍ୟ ଅନେକ କ୍ଷେତ୍ରରେ ଇସ୍ରାଏଲର ବିରୋଧୀ ହୋଇଛନ୍ତି, ଯାହାକୁ ଟ୍ରମ୍ପ ସମର୍ଥନ କରିନାହାନ୍ତି।

ଟ୍ରମ୍ପ ଟିମ୍‌କୁ କେନ୍ଦ୍ରକରି ବାଇଡେନଙ୍କ ଦଳ ଘୃଣା ସୃଷ୍ଟିକାରୀ ମନ୍ତବ୍ୟମାନ ଦେବାରେ ଲାଗିଛି। କିନ୍ତୁ ଟ୍ରମ୍ପ ନିଜ ଟିମ୍‌ର ଲୋକଙ୍କୁ ଅଧିକ ବୁଦ୍ଧିମତ୍ତାସଂପନ୍ନ ଓ ସାଧାରଣଜ୍ଞାନଯୁକ୍ତ ବୋଲି ଲୋକଙ୍କୁ କହିଛନ୍ତି। ଏକଦା ବାଇଡେନଙ୍କ ଦଳରୁ ରାଷ୍ଟ୍ରପତି ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ତୁଳସୀ ଗାବାର୍ଡ ନିଜ ଦଳ ମଧ୍ୟରେ ଆବଶ୍ୟକ ସମର୍ଥନ ପାଇନଥିଲେ ମଧ୍ୟ ଟ୍ରମ୍ପଙ୍କ ଦଳରେ ଯୋଗଦେଇ ଏବେ ରାଷ୍ଟ୍ରୀୟ ସୁରକ୍ଷା ମୁଖ୍ୟ ଦାୟିତ୍ୱ ନେବାକୁ ଯାଉଛନ୍ତି। ହେଲେ ସେ ନିଜ ଦଳରେ ଅବହେଳିତା ହୋଇଥିଲେ। ତାଙ୍କ ଅଧୀନରେ ଆମେରିକାର ୧୮ଟି ସୁରକ୍ଷା ବିଭାଗ କାର୍ଯ୍ୟ କରିବେ। ନିଜକୁ ହିନ୍ଦୁ ବୋଲି ପ୍ରକାଶକରି ଗର୍ବ ଅନୁଭବ କରୁଥିବା ତୁଳସୀଙ୍କ ପଛରେ ବିଶ୍ୱହିନ୍ଦୁ ପରିଷଦର ମେଘାନୀ ଏବଂ ହିନ୍ଦୁ ଆମେରିକା ଫାଉଣ୍ଡେସନ ରହିଥିବା କଥା କୁହାଯାଉଛି। ମୋଦୀଙ୍କ ଉପରେ ଡେମୋକ୍ରାଟ ଦଳ ଲଗାଇଥିବା ପ୍ରବେଶାଗତ କଟକଣାକୁ ହଟାଇବାରେ ଅତୀତରେ ତୁଳସୀ ବଡ ଭୂମିକା ନେଇଥିଲେ। ପାକ୍-ତୁର୍କୀ ଓ ଇସଲାମିକ ସନ୍ତ୍ରାସର ପ୍ରଚଣ୍ଡ ବିରୋଧୀ ତୁଳସୀ ଇସ୍କନର ସଂକୀର୍ତ୍ତନରେ ଭାଗନେବା, ଭଗବତ୍‌ଗୀତା ମୋଦୀଙ୍କୁ ଉପହାର ଦେବା ଘଟଣାକୁ ବାଇଡେନଙ୍କ ଗୋଷ୍ଠୀ ଓ ପାକ୍ ସମର୍ଥକଗଣ ଢେର ପ୍ରଋରକରି ସମାଲୋଚନା କଲେ ମଧ୍ୟ ଟ୍ରମ୍ପ କଠୋର ରହିଛନ୍ତି। ଠିକ୍ ସେମିତି ଟ୍ରମ୍ପଙ୍କ ଟିମ୍‌ର ମାର୍କୋ ରୁବିଓ ବିଦେଶ ମନ୍ତ୍ରୀ ହେବାକୁ ଯାଉଛନ୍ତି। ଆମେରିକାର ସଂସଦରେ ସେ ପାକ୍ ବିରୋଧୀ ବିଲ ଆଣି ଭାରତ ସହ ସଂପର୍କ ବଢାଇବାକୁ ଅତୀତରେ ଯୁକ୍ତି ଦର୍ଶାଇଥିଲେ।

ଆମେରିକାର ସରକାରୀ ଦକ୍ଷତା ବିଭାଗର ଦାୟିତ୍ୱରେ ବିବେକ ରାମସ୍ୱାମୀ ଏବଂ ଏଲନ ମସ୍କ ରହିବେ ବୋଲି କୁହାଯାଇଛି। ସରକାରୀ ବିଭାଗଗୁଡିକରେ ହେଉଥିବା ଅଯଥା ଖର୍ଚ୍ଚକୁ ରୋକିବାଲାଗି ମସ୍କ ଅନେକ ସମୟରେ ମନ୍ତବ୍ୟ ଦେଇଛନ୍ତି। ବିବେକ ରାମସ୍ୱାମୀ ମଧ୍ୟ ଅର୍ଥନୀତି, ଟିକସଗତ ସଂସ୍କାର, ଆର୍ଥିକ ସୁପରିଋଳନା ବିଷୟରେ ଅନେକ ସମୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଆସିଛନ୍ତି। ସେମିତି ଟିମ୍ -ଟ୍ରମ୍ପର ସଦସ୍ୟ ପିଟ ଗେଟସେଠ ଆମେରିକାର ଆଗାମୀ ସୁରକ୍ଷା ସଚିବ ଦାୟିତ୍ୱ ଗ୍ରହଣ କରିବେ। ଅତୀତରେ ସେ ବାଇଡେନଙ୍କ ସୁରକ୍ଷା ଦାୟିତ୍ୱରେ ରହିବାକୁ ଥିଲା। କିନ୍ତୁ ତାଙ୍କ ଶରୀରରେ କ୍ରୁସେଡ ଯୁଦ୍ଧର ସ୍ଲୋଗାନ ଲେଖାଥିବା ଦୃଷ୍ଟିରୁ ତାଙ୍କୁ ନିଯୁକ୍ତି ମିଳିନଥିଲା। କିନ୍ତୁ ଟ୍ରମ୍ପ ବାଇବେଲକୁ ଆମେରିକାର ପ୍ରତି ଘରେ ପହଞ୍ଚାଇବା କଥା କହିବା ସହ ଖ୍ରୀଷ୍ଟିଆନ ଜାତୀୟବୋଧ ବିଷୟ ଉଲ୍ଲେଖ କରିଛନ୍ତି। ତେଣୁ ପିଟଙ୍କ ଶରୀରରେ ଥିବା ଜେରୁଜେଲମ କ୍ରସ ଏବଂ କ୍ରୁସେଡଯୁଦ୍ଧର ସ୍ଲୋଗାନ 'ଦସ ୱୁଲଟ' ଏବେ ବାଇଡେନଙ୍କ ଦଳୀୟ ଲୋକଙ୍କ ପାଇଁ ପ୍ରଚଣ୍ଡ ଅସହ୍ୟ ହୋଇଛି। ସେମାନେ ପିଟଙ୍କୁ ହିଟଲରର ସମର୍ଥକ, ମାନବତା ବିରୋଧୀ କହି କେତେ କଣ ସମାଲୋଚନା କରିବାରେ ବ୍ୟସ୍ତ। ଏକଥା ସତ ଯେ କଠୋରବାଦୀ ଟ୍ରମ୍ପଙ୍କ ଦ୍ୱିତୀୟପାଳିର ସରକାର ଢେର ଭିନ୍ନ ହେବ। ଭାରତର ନରେନ୍ଦ୍ର ମୋଦୀ ବିକଶିତ ଭାରତ, ଶ୍ରେଷ୍ଠ ଭାରତ କଥା କହିଲାପରି ଟ୍ରମ୍ପ ମଧ୍ୟ ଆମେରିକାକୁ ଶକ୍ତିଶାଳୀ, ପ୍ରଭାବଶାଳୀ, ସମୃଦ୍ଧ କରି ଗଢି ତୋଳିବାକୁ ଘୋଷଣା କରିଛନ୍ତି। ବାଇଡେନଙ୍କ ଯୁଦ୍ଧ ଷଡଯନ୍ତ୍ର ସଂପର୍କରେ ସେ ଅନେକ କଟୁମନ୍ତବ୍ୟ ମଧ୍ୟ ପୂର୍ବରୁ ଦେଇସାରିଛନ୍ତି। ବାଇଡେନ କିପରି ସାରା ପୃଥିବୀରେ ଯୁଦ୍ଧର ଘନଘଟା ଉଠାଉଛନ୍ତି, ଅସ୍ଥିରତା, ଅଶାନ୍ତି, ଅବ୍ୟବସ୍ଥା, ହିଂସା, ରକ୍ତପାତକୁ ସୁଯୋଗ ଦେଇ ଆସିଛନ୍ତି, କିପରି ଆମେରିକାର ବନ୍ଧୁ ରାଷ୍ଟ୍ରଗୁଡିକୁ ଶତ୍ରୁରାଷ୍ଟ୍ରରେ ପରିଣତ କରିଛନ୍ତି, ଟ୍ରମ୍ପ ସେ ବିଷୟରେ ଅନେକବାର କହିଛନ୍ତି। କିନ୍ତୁ ଏବେ ବିଶ୍ୱଯୁଦ୍ଧର ଷଡଯନ୍ତ୍ର ରଚିଥିବା ବାଇଡେନଙ୍କ ଘୃଣ୍ୟ କାର୍ଯ୍ୟକୁ ସମସ୍ତେ ନିନ୍ଦା କରୁଛନ୍ତି। ନିଜ ଦେଶ ଭିତରେ ଏବଂ ଦେଶ ବାହାରେ ମଧ୍ୟ ବାଇଡେନଙ୍କ ପଦକ୍ଷେପକୁ ପାଗଳାମୀ ଆଖ୍ୟା ଦିଆଯାଉଛି।


ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩


## ଗୋଲାପ ଜଳର ଉପକାରିତା

### ଅପର୍ଣ୍ଣା ନାୟକ

ଗୋଲାପ ଜଳ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏକ ଉପଯୋଗୀ ଜିନିଷ। ବଜାରରେ ମଧ୍ୟ ଏହା ସହଜରେ ଉପଲବ୍ଧ ହୋଇଥାଏ। ଆପଣ ଚାହିଲେ ଘରେ ମଧ୍ୟ ଏହାକୁ ସହଜରେ ପ୍ରସ୍ତୁତ କରିପାରିବେ। ଗୋଲାପ ପାଖୁଡ଼ାରୁ ପ୍ରସ୍ତୁତ ଏହି ପାଣି ଶରୀର ପାଇଁ ଉପକାରୀ। ଘର ଅଗଣାରେ ହେଉ ଅବା ଫୁଲଦାନିରେ ଶୋଭା ପାଉଥିବା ଗୋଲାପ ଘରର ସୌନ୍ଦର୍ଯ୍ୟକୁ ଯେପରି ବୃଦ୍ଧି କରାଏ ଗୋଲାପ ଜଳ ସେହିପରି ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ। ଏପରିକି ଏହି ଗୋଲାପ ଫୁଲରୁ ରୋଜ ଅଏଲ୍ ପ୍ରସ୍ତୁତ କରାଯାଇ ପରଫ୍ୟୁମ୍‌ରେ ବ୍ୟବହାର କରାଯାଏ। ଗୋଲାପ ଫୁଲରୁ ମଧ୍ୟ ଖାଦ୍ୟ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀ ରୂପେ ବ୍ୟବହାର କରାଯାଏ।

ଗୋଲାପ ଜଳ ମୁହଁ, କେଶ ଓ ଶରୀର ପାଇଁ ଏକ ବରଦାନ ସଦୃଶ। ଏହି ଗୋଲାପ ଜଳକୁ ବ୍ୟବହାର କରି କିପରି ଆପଣ ନିଜର ଆଖି, କେଶ ଓ ଚର୍ମର ଯତ୍ନ ନେଇପାରିବେ ସେ ବିଷୟରେ ଜାଣନ୍ତୁ।

**ଚର୍ମ :**

→ ଗୋଲାପ ଜଳ ଏକ ପ୍ରାକୃତିକ ଟୋନର୍ ଭଳି କାର୍ଯ୍ୟ କରିଥାଏ। ସେଥିପାଇଁ ୨-୪ବୁନ୍ଦା ଗୋଲାପ ଜଳକୁ ଏକ ତୁଳାରେ ନେଇ ମୁହଁ ଓ ବେକକୁ ପୋଛନ୍ତି। ଏହାଦ୍ୱାରା ଜମି ରହିଥିବା ଧୂଳି ଓ ମଇଳା ବାହାରିଯିବ। ମୁହଁ ପରିଷ୍କାର ଦେଖାଯିବ। ଏପରି ସବୁଦିନ ସକାଳେ ଓ ରାତିରେ କରିବା ଫଳରେ ମୁହଁରେ ଚମକ ଆସିବ। ଆପଣଙ୍କୁ ମଧ୍ୟ ହାଲ୍‌କା ଲାଗିବ।

→ ସତେଜତା ଅନୁଭବ କରିବା ପାଇଁ ଏବଂ ଏକ ସୁନ୍ଦର ସୁଗନ୍ଧ ପାଇବା ପାଇଁ ଗାଧୋଇବା ପାଣିରେ ୫-୬ ବୁନ୍ଦା ଗୋଲାପ ଜଳ ମିଶାନ୍ତୁ। ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ ତ୍ୱଚାରେ ମଧ୍ୟ ଚମକ ଆସିବ।

→ ତ୍ୱଚା କୁଣ୍ଡାଇ ହେଉଥିଲେ ବା ଲାଲ୍ ଲାଲ୍ ଫଳି ଯାଉଥିଲେ ଗୋଲାପ ଜଳ ଲଗାଇଲେ କିଛି ସମୟ ପାଇଁ ଉପଶମ ମିଳିଥାଏ। ମୁହଁରେ ବ୍ରଣ ହେଉଥିଲେ ଗୋଲାପ ଜଳରେ ମୁହଁ ପୋଛନ୍ତି।

**କେଶ :** କେବଳ ଚର୍ମ ପାଇଁ ନୁହେଁ କେଶରେ ମଧ୍ୟ ଗୋଲାପ ଜଳ ବ୍ୟବହାର କରିପାରିବେ। ଗୋଲାପ ଜଳରେ ମଶ୍ଚରାଇଜିଂ ଓ କଣ୍ଡିସନିଂ କରିବାର ପ୍ରାକୃତିକ ଉପାଦନ ରହିଛି। ସେଥିପାଇଁ ଏହାକୁ ବ୍ୟବହାର କରି କେଶକୁ ମଶ୍ଚରାଇଜିଂ ଓ କଣ୍ଡିସନିଂ କରିପାରିବେ।

→ କେଶ ଧୋଇବା ସମୟରେ ସାମ୍ପୁରେ ୨-୪ ବୁନ୍ଦା ଗୋଲାପ ଜଳ ମିଶାଇ ମୁଣ୍ଡ ଧୁଅନ୍ତୁ। ଏହାଦ୍ୱାରା କେଶ ନରମ ହେବା ସହ ଗୋଲାପ ଫୁଲର ସୁବାସ ଅଧିକ ସମୟ ଧାରି ରହିବ।

→ କେଶକୁ ଶୀଘ୍ର ଶୀଘ୍ର ବଢ଼ାଇବା ପାଇଁ ଚାହୁଥାନ୍ତି ତେବେ ମୁଣ୍ଡ ଧୋଇ ସାରିବା ପରେ ଅଧା କପ୍ ଗୋଲାପ ଜଳକୁ ମୁଣ୍ଡରେ ମାଲିସ୍ କରନ୍ତୁ।

→ ମୁଣ୍ଡରେ ରୁପ ହେଉଥିଲେ ଗୋଲାପ ଜଳରେ ଗ୍ଲିସେରିନ୍ ବା ମୁଲତାନି ମାଟି ମିଶାଇ ମୁଣ୍ଡରେ ଲଗାନ୍ତୁ। ଦେଖିବେ ନିଶ୍ଚିତ ରୂପେ ଉପଶମ ମିଳିବ।

→ ଗୋଲାପ ଫୁଲରୁ ପ୍ରସ୍ତୁତ ରୋଜ୍ ଅଏଲ୍‌କୁ କେଶରେ ଲଗାଇବା ଦ୍ୱାରା କେଶ ମଧ୍ୟ ସୁସ୍ଥ ରହେ।

**ଆଖି :** ଆଖି ଉପରେ କୌଣସି କ୍ରିମ୍, ଫେସ୍‌ପ୍ୟାକ୍ ଲଗାଇବା ପାଇଁ ମନା କରାଯାଏ। କାରଣ ଏହା ଏହା ଆଖିକୁ କ୍ଷତି ପହଞ୍ଚାଇ ପାରେ। କିନ୍ତୁ ଆଖିରେ ଗୋଲାପ ଜଳ ବ୍ୟବହାର କରିବା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ନାହିଁ। ବରଂ ଏକ ଔଷଧ ରୂପେ କାର୍ଯ୍ୟ କରିଥାଏ। ଆଖି ପାଇଁ ଆୟୁର୍ବେଦର ଶୁଦ୍ଧ ଗୋଲାପ ଜଳ ବ୍ୟବହାର କରନ୍ତୁ।

→ ଆଖିକୁ ଆରାମ ଓ ଥଣ୍ଡା ଲାଗିବା ପାଇଁ ଗୋଲାପ ଜଳରେ ତୁଳାକୁ ଭିଜାନ୍ତୁ। ଏହାକୁ ଆଖି ଉପରେ ରଖନ୍ତୁ।

→ ଆଖି ଲାଲ୍ ପଡ଼ିଥିଲେ, କୁଣ୍ଡାଇ ହେଉଥିଲେ, ଧୂଳି ବା କୀଟପତଙ୍ଗ ପଡ଼ିଥିଲେ ଦୁଇ ବୁନ୍ଦା ଗୋଲାପ ଜଳ ଆଖିରେ ପକାନ୍ତୁ। କିଛି ସମୟ ଆଖି ବନ୍ଦ କରି ରଖନ୍ତୁ। ଦେଖିବେ ଆପଣଙ୍କୁ ଆରାମ ଲାଗିବ। ଏପରି କରିବା ଦ୍ୱାରା ଆଖି ମଧ୍ୟ ସଂକ୍ରମିତ ହେବନାହିଁ।

→ ଆଖି ତଳ କଳା ପଡ଼ିଥିଲେ ବା ଡାର୍କ ସର୍କଲ୍ ହୋଇଥିଲେ ଗୋଲାପ ଜଳ ଲଗାନ୍ତୁ।

→ ଆଖି ଥକ୍କା ଲାଗୁଥିଲେ ଚନ୍ଦନ ପାଉଡରରେ ଗୋଲାପ ଜଳ ମିଶାଇ ଆଖିପତାରେ ଲଗାନ୍ତୁ। ଲଗାଇବାର ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।


+ ମେନ ସାଗର ପାନ ରୋଡ଼,
ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ
ଷ୍ଟୋର, ନୂଆଦିଲ୍ଲୀ,
ପିନ-୧୧୦୦୪୬


## କବିତା କୋଣାର୍କ

### ଅଭିମାନୀ ଅତୀତ

**ଶାଶ୍ୱତୀ ନନ୍ଦ**

ଅତୀତ ଅଭିମାନୀ ଝିଅଟିଏ ପରି
ଆବୋରି ବସେ ମୋର ସାରା
ଅସ୍ତିତ୍ୱକୁ,
ପ୍ରଶ୍ନର ଜାଲରେ ପୁଣି ଛନ୍ଦି ଦିଏ
ବିତର୍କିତ ଭାବନା ସବୁକୁ।
ତା'ର ଅନୁପସ୍ଥିତି ବର୍ତ୍ତମାନରେ
ନିଜ ଅଧିକାର ଜାହିର କରେ,
ଜୀବନର ଅପଢ଼ା ପୃଷ୍ଠା ସବୁର
କୈଫୟତ୍ ନିର୍ଦ୍ୱନ୍ଦ୍ୱରେ ମାଗିଚାଲେ।
ଅତୀତ ଆଜି ଅଳି କରେ; ତା'
ଭିତ୍ତିହୀନ ଭୂଗୋଳର
ସୀମା ସବୁ ଭାଗ ନେବାପାଇଁ,
ଅନାୟସେ ଜୀବନରୁ କିଛି କ୍ଷଣ
ତା' ନାମରେ ବାନ୍ଧି ଦେବାପାଇଁ।
ଅଭିମାନ ପାସୋରି........
ଅତୀତ ଫେରିଛି ଆଜି ରଙ୍ଗହୀନ
ପ୍ରୀତି ବଣିଜକୁ,
ବିଞ୍ଚିବାକୁ ରଙ୍ଗ ତା'ର ପ୍ରିୟତମ
ସୁପ୍ତ ବଣିକକୁ।
ଅଭିମାନୀ ଅତୀତ........
ଅବଶୋଷ ସବୁ ଭୁଲି ପୁଣିଥରେ
ସମ୍ପର୍କର ସେତୁ ବାନ୍ଧିଥାଏ,
ଅଭିମାନ ଶିକୁଳିରେ ଛନ୍ଦି ହୋଇ
ଅନୁରାଗ ବଳୟରୁ କିଛିକ୍ଷଣ
ପୁଣି ଅପସରି ଯାଏ।


କଳାପଥର,ବାଙ୍କୀ, କଟକ
ମୋ: ୮୯୨୬୨୧୭୭୦୭


### ଶୀତ

**ଦିନେଶ ମେହେର**



କେବେ ପ୍ରେମିକା ଓଠର
ଉଷୁମ୍ ଉଷୁମ୍ ନିଃଶ୍ୱାସ,
ଯେଉଁଠି ହଜେ
ମୋର ତମାମ୍ ପ୍ରେମିକପଣ!

ଶୀତ,
କେବେ ପ୍ରେମିକା ଆଖିର
ବୁନ୍ଦା ବୁନ୍ଦା ଲୁହ,
ଯେଉଁଠି ତରଳି ଯାଏ
ମୋର କଠୋର ହୃଦୟ!

ଶୀତ କେବେ ଡଙ୍ଗର,
କେବେ ପର୍ବତ ଅବା ଝର୍ଣ୍ଣା ରୁ ବହି
ଆସୁଥିବା
ଦଲକାଏ ପବନ,
ହାଡ଼ ପଞ୍ଜରା ରେ ସୃଷ୍ଟି କରେ
କମ୍ପନ।

ଶୀତ କେବେ
ଚାଷଜମି,କେବେ ଧାନ ଖଳା
ଅବା ଇଟାଭାଟିରେ ମାଟି ସଙ୍ଗେ
ମାଟି ହେଇ
ଗଢ଼ି ଦିଏ ସ୍ୱପ୍ନ ର ରାଜମହଲ,
କେବେ ଚାଷୀ ର ଜୀର୍ଣ୍ଣ ସିର୍ଣ୍ଣ
ଦେହକୁ ଛୁଇଁ ଦେଇ କୁଆଡ଼େ
ଚାଲିଯାଇ
ହେଇଥାଏ ନିରୁଦ୍ଦିଷ୍ଟ ;

କେଜାଣି
ଶୀତ ସବୁ କାହିଁକି ଯେ
ଏତେ ନିର୍ଦ୍ଦୟ,ନିର୍ମମ....

କେଇଟା ଦିନ, ଅବା ମାସ
ଚାଲିଆସେ
ଏଇ ଦେହଟାକୁ ଥରେଇ
ଦେବାପାଇଁ,
ଧିରେ ଧିରେ ନିଜ ମୋହରେ
ମୋହି ନିଏ,
ଯେତେବେଳେ ସବୁ ଶେଷ କରି
ତାହାକୁ ଆପଣାର କେହି ଜଣେ
ବୋଲି ବିଶ୍ୱାସ କରୁ କରୁ
କୁଆଡ଼େ ଉଭେଇ ଯାଏ ଯେ ଜାଣି
ହୁଏନା,
ଶେଷରେ ସେଇ ବୈଶାଖ ର ଝାଞ୍ଜି,
ମେ' ମାସର ଢ଼ହ ଢ଼ହ ଖରା!

ଦେଖାଯାଉ,
ଏଥରକ ଶୀତ କେମିତି
ବିସ୍ତାର କରି ପାରିବ ନିଜର
ଆଧିପତ୍ୟ !!


ସ୍ନାତକ ଇତିହାସ ବିଭାଗ
ଭବାନୀପାଟଣା, କଳାହାଣ୍ଡି
ମୋ: ୮୦୧୮୮୨୮୪୫୬


### କାଚ

**ଡ. ଦୀପକ କୁମାର ମିଶ୍ର**



ହୃଦୟ ଭିତରେ ଭାଙ୍ଗୁଥିବା ବେଳେ
ମୋର ସବୁତକ ଶବ୍ଦ ଲୁହ ହୋଇ
ଝରିପଡ଼ନ୍ତି
ତେଣୁ ମୁଁ ଶୁଭାଯାଏନି କାନକୁ
ହାତରୁ ଖସିଗଲା ପରି ।

ଗଢ଼ାହେବା ପୂର୍ବରୁ ହିଁ
ଭଙ୍ଗୁରପ୍ରବଣତାର ଭାଗ୍ୟଟିଏ
ଖୋଦେଇ ହୋଇଥାଏ ମୋ ଭିତରେ
ଏଣୁ ବୋଧେ କେବେ
ଭୟ ଛଡ଼ା ଭ୍ରୂକୁଞ୍ଚନଟେ ବି
ସୃଷ୍ଟି କରିପାରେନି କାହା
ଆଖିପତାରେ
ମୋର ଅକସ୍ମାତ ଝଣ୍ ଝଣ୍ ଗୀତ ।

ଆଇନାର ଆଖିରେ ଆବଦ୍ଧ ଥିବା
ଅନେକ ଚରିତ୍ରଙ୍କର
ମୋ ସହିତ ଥାଏ
ଦୀର୍ଘସୂତ୍ରୀ ଅହିନକୁଳସମ୍ବନ୍ଧ
ଅଥଚ ସୌନ୍ଦର୍ଯ୍ୟତାର ବାଖ୍ୟାରେ
ଯେଉଁ ପାର୍ଥକ୍ୟତା ଦେଖାଯାଏ
ସେଥିରେ ମୋର ବା ଅଭିମତ କ'ଣ।

ଏକଥା ସତ
ମୋ ଆଘାତରେ ସମାନ ଶୁଭୁଥିବା
କ୍ଷତଶବ୍ଦର ଆପେକ୍ଷିକ ଅର୍ଥ
ଭିନ୍ନ ଭିନ୍ନ ଥାଏ
ସ୍ଥାନ କାଳ ପାତ୍ର ବିଶେଷରେ ।


ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

# ସାହୁବାବୁ

## ହେମନ୍ତ ସାହୁ



ସାହୁବାବୁଙ୍କ ବୟସ ପ୍ରାୟ ୮୦ରୁ ଅଧିକ । ସେ ଥିଲେ ଜଣେ ନାମିଦାମି ଲୋକ, ଗାଁରେ ତାଙ୍କୁ ବେଶ୍ ସମ୍ମାନ ଦିଅନ୍ତି। ସେ ଥିଲେ ଗାଁର ସର୍ବ ଦ୍ୱିତୀୟତମ ସରପଞ୍ଚ । ତାଙ୍କ ଧାର୍ମିକ ଭାବ ବେଶୀ ଥିବାରୁ ସେ ଅଲେଖ ଦୀକ୍ଷା ଗ୍ରହଣ କରିଥିଲେ । ଇଂରେଜ ସମୟରୁ ଏବେ ପର୍ଯ୍ୟନ୍ତ ସବୁ ସମୟ ଦେଖିଛନ୍ତି । ସାହୁବାବୁ ଏବେ ମଧ ଦେଖିବାକୁ ଏକ ରାଜା ମହାରାଜା ପରି ଲାଗନ୍ତି । ଗାଁ ରେ ପ୍ରାୟ ୨୦ ଏକରରୁ ବେଶୀ ଜମି ତାଙ୍କର ରହିଛି । ସାହୁବାବୁ ଦୁଇଟି ମହିଳାଙ୍କୁ ବିବାହ କରିଥିଲେ । ତାଙ୍କର ଚାରିଗୋଟି ସନ୍ତାନ । ପ୍ରଥମ ପତ୍ନୀ ଠାରୁ ଗୋଟେ ପୁଅ ଓ ଦ୍ୱିତୀୟ ପତ୍ନୀ ଠାରୁ ତିନୋଟି ପୁଅ । ତାଙ୍କର ଦୁଇଟି ପତ୍ନୀଙ୍କ ମୃତ୍ୟୁ ପରେ ସେ ତାଙ୍କ ସାନପୁଅ ଠାରେ ରହି ଖାଉଥିଲେ। ସାହୁବାବୁ ଥିଲେ ଏକଜିଦିଆ ମଣିଷ । ଗାଁର ସମସ୍ତ ନ୍ୟାୟ, ସଭା, ଆଲୋଚନାରେ ତାଙ୍କ ପରାମର୍ଶ ନିଆଯାଏ, କାରଣ ସେ ଥିଲେ ଜଣେ ବୃଦ୍ଧ ଆଇନଜୀବି ବ୍ୟକ୍ତି।

ସାହୁବାବୁଙ୍କର ପୂରା ନାମ ଥିଲା ସତ୍ୟନାରାୟଣ ସାହୁ । ସମସ୍ତେ ତାଙ୍କୁ ସାହୁବାବୁ ଅଥବା ସରପଞ୍ଚବାବୁ ବୋଲି ସମ୍ବୋଧନ କରୁଥିଲେ । ତାଙ୍କ ପ୍ରଥମ ପତ୍ନୀର ପୁଅ ଅହିରାଜ ସାହୁ । ଅହିରାଜ୍ ପ୍ରକୃତି ଥିଲା ଦାଦାଗିରି, ଈର୍ଷା,ଲୋଭି। ସାହୁବାବୁ ଅହିରାଜ ପାଇଁ ବହୁତ୍ ଥର ଅପମାନର ଶିକାର ହୋଇଥିଲେ। ଅହିରାଜର ଦୁଇଟି ପୁଅ । ସାହୁବାବୁ ଅହିରାଜକୁ ପ୍ରାୟ ୪.୫ ଏକର ଜମି ଦେଇଥିଲେ । ସମସ୍ତ ପୁଅମାନଙ୍କ ଠାରୁ ସାହୁବାବୁ ଅହିରଜଙ୍କୁ ହି ସର୍ବାଧିକ ଜମି ଦେବାସତ୍ତ୍ୱେ ସାହୁବାବୁଙ୍କ ଠାରେ ସର୍ବଦା ଝଗଡ଼ା କରୁଥିଲେ । କିନ୍ତୁ ତାଙ୍କ ଦୁଇଟି ପୁଅ ଶିକ୍ଷିତ ତଥା ସମ୍ମାନଜନକ ବ୍ୟକ୍ତି ଅଟନ୍ତି ।

ସାହୁବାବୁଙ୍କ ଦ୍ୱିତୀୟ ପତ୍ନୀର ପ୍ରଥମ ପୁଅ ଚନ୍ଦ୍ରଜିତ୍ ସାହୁ । ଚନ୍ଦ୍ରଜିତ୍ ସହିତ ସାହୁବାବୁଙ୍କର ଏତେ ଜମୁନଥିଲା । ଚନ୍ଦ୍ରଜିତଙ୍କର ଗୋଟିଏ ମାତ୍ର ଝିଅ, ତେଣୁ ଗାଁରେ ହିଁ ବିବାହ କରାଇ , ଆଶା କରନ୍ତି ତାଙ୍କୁ ସେ ପୋଷିବ । ସାହୁବାବୁ ଚନ୍ଦ୍ରଜିତଙ୍କୁ ୪.୪ ଏକର ଜମି ଦେଇଥିଲେ । ଚନ୍ଦ୍ରଜିତ୍ ଜଣେ ଭଲ ସ୍ୱଭାବର ବ୍ୟକ୍ତି ଥିଲେ । ଗାଁରେ ସାହୁବାବୁଙ୍କ ଭଳି ତାଙ୍କୁ ମଧ ସମସ୍ତେ ସମ୍ମାନ ଦିଅନ୍ତି ।

ସାହୁବାବୁଙ୍କ ଦ୍ୱିତୀୟ ପତ୍ନୀର ଦ୍ୱିତୀୟ ପୁଅ ତଥା ସାହୁବାବୁଙ୍କ ତୃତୀୟ ପୁଅ ରଘୁମଣି ସାହୁ । ରଘୁମଣି ଥିଲେ ସାହୁବାବୁଙ୍କର ପ୍ରିୟତମ ପୁତ୍ର , କାରଣ ତାଙ୍କ ପ୍ରତ୍ୟେକ କଥା ଥିଲା ରଘୁମଣିଙ୍କ ପାଇଁ ଲକ୍ଷଣ ରେଖା ପରି । ରଘୁମଣି ଥିଲେ ବେଶୀ ଆଶାବାଦୀ ବ୍ୟକ୍ତି, ରାଜନୀତି, ଠିକାଦାରିରେ ତାଙ୍କ ଭାରି ମନ । ଗାଁ ଲୋକଙ୍କର ସମସ୍ତ ସମସ୍ୟାରେ ସେ ଠିଆ ହୁଅନ୍ତି । ତାଙ୍କର ଥିଲା ଗୋଟିଏ ଝିଅ ଓ ଗୋଟିଏ ପୁଅ । ସାହୁବାବୁ ତାଙ୍କୁ ୪.୧ ଏକର ଜମି ଦେଇଥିଲେ ।

ସାହୁବାବୁଙ୍କ ସବୁଠାରୁ ଛୋଟ ପୁଅ ରାମଚନ୍ଦ୍ର ସାହୁ । ସେ ଥିଲେ ଶ୍ରୀରାମଙ୍କ ଭଳି ଚରିତ୍ରବାନ। ସାହୁବାବୁଙ୍କୁ ଦଶରଥ ଭଳି ପୂଜା କରୁଥିଲେ । ସେ ଥିଲେ ଜଣେ ସାଧାରଣ,ସରଳ ପଣିଆ ବ୍ୟକ୍ତି। ଆର୍ଥିକ ଅଭାବ ସବୁଠୁ ବେଶି ତାଙ୍କର ଥିଲା । ରାମଚନ୍ଦ୍ରଙ୍କ ଚାରୋଟି ଝିଅ ଓ



ଗୋଟିଏ ପୁଅ । ବେଶୀ ସନ୍ତାନ କରିବା ପଛରେ ଗୋଟିଏ ରହସ୍ୟ ଥିଲା । ଯେତେବେଳେ ତାଙ୍କ ବଡ଼ ଭାଇ ଚନ୍ଦ୍ରଜିତ୍‌ଙ୍କୁ ଗୋଟିଏ ଝିଅ ହେବା ପରେ ଆଉ କୌଣସି ସନ୍ତାନ ହେଉନଥିଲା । ସେତେବେଳେ ଚନ୍ଦ୍ରଜିତ୍ ରାମଠୁ ଗୋଟିଏ ସନ୍ତାନ ଆଣିବାକୁ କହିବାରୁ... ପରେ କଥାରୁ କିଛି କାରଣରୁ ଓହରି ଯାଇଥିଲେ । ସାହୁବାବୁ ସର୍ବଦା ଛୋଟପୁଅର ଚିନ୍ତା କରୁଥିଲେ, କେମିତି ସବୁ ଝିଅର ସେ ବିବାହ କରି ପାରିବ ? ସାହୁବାବୁ ରାମଚନ୍ଦ୍ରଙ୍କ ୩ ଏକର ଜମି ଦେଇଥିଲେ । ବାକି ଥିଲା ସମସ୍ତ ଜମିକୁ ଘୋଷଣାନାମା କରି ତାଙ୍କ ପାଖରେ ୧.୩୫ ଏକର ଜମି ରଖିଥିଲେ । ଯିଏ ତାଙ୍କୁ ପୋଷିବ ତାହାକୁ ଏଇ ଜମିକୁ ଦେବେ ।

ସତ୍ୟନାରାୟଣ ବାବୁଙ୍କୁ ବେଶୀ ତାଙ୍କ ଛୋଟ ପୁଅ କିମ୍ବା ତୃତୀୟ ପୁଅ ଘରେ ହିଁ ଖାଇବାକୁ ଦେଉଥିଲେ, କିନ୍ତୁ ତାଙ୍କର ବଡ଼ପୁଅ ଅହିରାଜ ବାକି ଥିବା ୧.୩୫ ଏକର ଜମିକୁ ତାକୁ ଦେବା ପାଇଁ ସର୍ବଦା ଝଗଡ଼ା କରୁଥିଲା । ସାହୁବାବୁ ସର୍ବଦା ତାଙ୍କ ଛୋଟପୁଅକୁ କହୁଥିଲେ ବାକି ଥିବା ଜମିକୁ ତା ନାଁରେ କରି ଦେବା ପାଇଁ, କିନ୍ତୁ ଛୋଟ ପୁଅ ମନା କରୁଥିଲା ।

ଝିମ୍ ଝିମ୍ ବର୍ଷା ସମୟ ସାହୁବାବୁ ଅହିରାଜ କୁ ନ ଜଣାଇ ରାମ କୁ ବାଧ କରିବାରୁ ଜମି ନେବା ପାଇଁ ରାଜି ହୋଇଛନ୍ତି,କିନ୍ତୁ ତାଙ୍କ ନାଁରେ ନୁହଁ ବରଂ ତାଙ୍କ ପୁଅଙ୍କ ନାଁରେ । ଝିମ୍ ଝିମ୍ ବର୍ଷା ଲାଗି ରହିଥାଏ । ସାହୁବାବୁ, ରାମଚନ୍ଦ୍ରଓ ତାଙ୍କ ପୁଅ ତହସିଲ୍ କାର୍ଯ୍ୟାଳୟରେ ସବୁ କାର୍ଯ୍ୟ ଶେଷ କରିବା ପରେ ଖାଇବା ପାଇଁ ତାଙ୍କ ସମ୍ପର୍କୀୟ ଲୋକଙ୍କ ଠାରେ ବସିଥାନ୍ତି। ହଠାତ୍ ସାହୁବାବୁଙ୍କୁ ଏକ ହିଜ୍-କି ଆସି ହୃତଘାତ୍ ଯୋଗୁଁ ମୃତ୍ୟୁ ହୋଇଗଲା । ସାହୁବାବୁଙ୍କ ମୃତ୍ୟୁ ଶରୀରକୁ ଦେଖିଲେ ଯେମିତି ଲାଗୁଥାଏ ହସି ହସି ଭାବାତ୍ମାକ ଭାବେ ଜୀବନ ଶେଷ କରିଲେ । ଗାଁ ରେ ସମସ୍ତେ କହୁଥିଲେ, ପ୍ରାୟ ସାହୁବାବୁ ତାଙ୍କ ମୃତ୍ୟୁ ସମୟ ଜାଣି ଯାଇଥିଲେ ତେଣୁ ଜମିକୁ ତାଙ୍କ ସାନ ପୁଅ ପାଇଁ ଦେଇ ଯାଇ ଜୀବନ ଛାଡି ଦେଲେ । ଜମିର ଖବର ଅହିରାଜ ଜାଣି ପାରିଲା ଆଉ ତା ଛୋଟ ଭାଇ ରାମ ସାଙ୍ଗେ ବହୁତ୍ ଝଗଡ଼ା କଲା , ଏମିତି ବେକାର ଅଭିଯୋଗ କଲା କି ସାନ ଭାଇ ସାହୁବାବୁଙ୍କ ଠୁଁ ଜମି ଠକି ନେଇ ବିଷ ଦେଇ ମାରି ଦେଲା, କିନ୍ତୁ ତା ଝଗଡୁଆ କଥାକୁ କିଏ ମଧ ଧାନ ଦେଲେ ନାହିଁ । ଭଲ ସାଥିରେ ସର୍ବଦା ଭଲ ହୁଏ ।

ନିର୍ବିଶେଷରେ କିଛି ବାର୍ତ୍ତା ମାଆବାପା ଆମକୁ ଛୋଟରୁ ବଡ଼ ହେବା ପର୍ଯ୍ୟନ୍ତ ପାଳିଥାନ୍ତି, କିନ୍ତୁ ପଇସା, ଜମିବାଡ଼ି, ସୁନା, ରୂପା ପାଇଁ ଆଜିର ଯୁବପିଢି ବୁଢ଼ା ମାଆବାପାଙ୍କୁ ଛାଡି ଦେଉଛି, ଏଇଟା ସତରେ କଣ ଶିକ୍ଷିତ ସମାଜର ପରିଚୟ ! ଆଜି ଆମେ ଡ଼ିଗ୍ରୀ..ବି.ଏ, ଏମ .ଏ, ପି. ଏଚ.ଡି ପଢ଼ି କି ଲାଭ କଣ ଯଦି ମା ବାପାଙ୍କୁ ଠିକ୍ ସେ ରଖି ପାରିବା ନାହିଁ, ଘରୁ ତଡ଼ି ଦେବା। ଥରେ ଭାବନ୍ତୁ କ'ଣ ଏହା ହିଁ ଏ ଯୁଗର ଶିକ୍ଷିତ ବ୍ୟକ୍ତି.... ?


\+ ରେଗଡ଼ା,ଏମ ରାମପୁର, କଳାହାଣ୍ଡି
ମୋ: ୬୩୭୨୮୨୭୦୩୧


# ଏକ ବୟସ୍କ ବାପାର କାହାଣୀ

## ରବୀନ୍ଦ୍ର କୁମାର ପାତ୍ର



ଚାରିଆଡ଼ ସଫା ଜହ୍ନ ଆଲୁଅରେ ମୁହଁକୁ ମୁହଁ ଦିଶୁ ଥାଏ। ମଝିରେ ମଝିରେ ମିଠା ମିଠା ଶିଳଳ ପ୍ୱନ ଦେହରେ ବାଜୁ ଥାଏ। ଝରକା ପାଖକୁ ଏକ କାଠ ଚୌକିରେ ଆଲୋକ ବାବୁ ବସିଥାନ୍ତି। ବୟସ ପାଖପାଖି ବାଅାସଠି କି ପଞ୍ଚସଠି ହେବ। କିଛି ମାତ୍ରାରେ ବାର୍ଦ୍ଧକ୍ୟର ଛିଟା ବାରୁ ହୋଇ ପଡୁଥାଏ ତାଙ୍କ ଶରୀରରୁ। ଦଶ ବର୍ଷ ତଳୁ ସ୍ତ୍ରୀ ଅହଲ୍ୟ ଆରପାରିକୁ ଯାଇ ସାରିଥାନ୍ତି। ଏବେ ଏକା, ଏଇ ଚାଳ ଛପର ଘରେ ଏକୁଟିଆ।ହିଁ ତାଙ୍କର ଗୋଟେ ପୁଅ ଆଉ ଗୋଟେ ଝିଅ ବି ଅଛନ୍ତି। ଝିଅ ବିଭାହ ପରେ ଆମେରିକା ରେ ଅଛି। ପୁଅ ଜିଲ୍ଲା କଲେକ୍ଟର ଅଫିସ ରେ କେଉଁ ଏକ ବିଭାଗର ସହକାରୀ ଅଫିସର ଅଛି। ବିଚରା ବୁଢ଼ୀଟା ପୁଅ ବାହାଘର କି ଝିଅ ବାହାଘର ଦେଖି ପାରି ନ ଥିଲା। ଜୀବନ ସାରା ସ୍ୱାମୀ ସହିତ ରଖି ସବୁ ଦୁଃଖକୁ ସହି ଆର ପାରିକୁ ଚାଲିଗଲା ସୁଖ ଟିକେ କରି ପାରିଲା ନାହିଁ।

ସମୟର ଚକ୍ର ବଦଳିବା ପରି ଆଲୋକ ବାବୁଙ୍କ ଜୀବନର ଗତି ପଥ ବଦଳି ଆଜି ଯାଇଛି। ପୁଅ ବାହାଘର ପରେ ପୁଅ ବଦଳିଛି ବାପା ଆଲୋକ ବାବୁ ବି ବଦଳି ଯାଇଛନ୍ତି। ଯେଉଁ ପୁଅ ବାପା ବାପା ହୋଇ ରହି ପାର ନଥିଲା, ସାଙ୍ଗ ହୋଇ ଖାଇବା ସାଙ୍ଗ ହୋଇ ଶୋଇବା, ଆଉ ସାଙ୍ଗ ହୋଇ ବଜାର ବୁଲିବା କରୁ ଥିଲା ଆଜି ବାପା ପୁଅ ଭିତରେ ଏକ ବିରାଟ ପାଚିରି ହୋଇ ଛିଡା ହୋଇଛି। ପୁଅ ଜୀବନର ସ୍ତ୍ରୀ ରଶ୍ମିତା। ବାପା ପୁଅର ମଧୁର ସଂପର୍କରେ ଏକ ବିରାଟ ଫାଟ ସୃଷ୍ଟି ହୋଇଛି। ଏମିତି ହେବାକୁ ପଡିଛି ଆଲୋକ ବାବୁଙ୍କୁ ଘର ଛାଡି ବାହାରେ ରହିବାକୁ ପଡିଛି। ଏ ବୁଢା ବୟସରେ ସାହାରା ଖୋଜୁଥିବା ବୁଢା ମଣିଷଟା ଆଜି ନିଜେ ବେସାହାରା ହୋଇ ପଡିଛନ୍ତି। ଏଇ କଥା ଭାବିଲା ବେଳକୁ ଆଲୋକ ବାବୁଙ୍କ ଆଖିର କେଇ ବୁନ୍ଦା ଲୁହ ଝରି ପଡିଛି।

କେତେ ଅଭାବରେ ଏ ଦୁଇ ପିଲାଙ୍କୁ ମୋତେ ମଣିଷ କରିବାକୁ ପଡିଛି ସେ କଥା କେବଳ ଅହଲ୍ୟ ହିଁ ଜାଣିଛି। ଆଜି ସେ ଯଦି ମୋ ପାଖରେ ଥାନ୍ତା କେତେ ଯେ ମନ ଦୁଃଖ ନ କରିଥାନ୍ତା ଭଲ ହେଇଚି ତାକୁ ଏ ଦିନ ଦେଖିବାକୁ ପଡିନି। ଏକ ବେସରକାରୀ ଘରେ ପାଇଟି କରି ଏତେ ବଡ଼ ସଂସାରକୁ ଚଳେଇବା କେତେ ଯେ କଷ୍ଟ ଏ ମାନେ କେମିତି ଜାଣିବେ। ଅର୍ଥ ଅଭାବରୁ ମୁଁ ଏମାନଂକୁ ଉଚ୍ଚରୁ ଉଚ୍ଚତର ଶିକ୍ଷା ଦେଇ ପାରିନି ଏହା କଣ ମୋର ଭୁଲ। ହାଏରେ ବିଧାତା। ଏ ମାନଂକୁ ଟିକେ ସଦ ବୁଦ୍ଧି ଦିଅ ସେମାନେ ଯେମିତି ମୋ ପରି ବୁଢା ବୟସରେ ଏମିତି ନ ହୁଅନ୍ତୁ।

ବାହାରୁ କେହି ଜଣେ ଡାକିବାର ଶବ୍ଦ ଶୁଣିଲେ ଆଲୋକ ବାବୁ। ବାପା ବାପା କବାଟ ଖୋଲ। ମୁଁ ଜୀବନ ଆସିଛି। ଜୀବନ ପୁଣି ଏଠି, ମୋ ପାଖକୁ, କାହିଁକି, କଣ ଆଜି ହୋଟେଲ ଦେଖି ଚିହ୍ନି ପାରିଲା କି ମୋତେ ଜୀବନ। ହେ ଭଗବାନ ମୁଁ ଏବେ କଣ କରିବି। ବାପା ବାପା କବାଟ ଖୋଲ। କାଠ ଚୌକିରୁ ଉଠି ପଡି କବାଟ ଖୋଲି କଣ ହେଲା ଜୀବନ। ତୁ ଏଠି। କାହିଁକି ଆସିଚୁ, ମୁଁ ତୋର ଆଉ କଣ ଦୋଷ କଲି କି। ମୋର କିଛି ଦୋଷ ନାହିଁ, ମୋତେ ଟିକେ ଏକୁଟିଆ ବଞ୍ଚିବାକୁ ଦିଏ। ଭୋ ଭୋ କାନ୍ଦୁ ଥାଏ ଜୀବନ ବାପା ମୋତେ କ୍ଷମା କରିଦିଅ। ଚାଲ ଆମେ ଚାଲି ଯିବା ବାପା। ଆଲୋକ ବାବୁ ବାପା କିଏ କାହାର ବାପା, ମୁଁ ତୋର ବାପା ମୁଁ କେବେଠାରୁ ଭୁଲି ଯାଇଛି ନିଜକୁ ନିଜେ ମୁଁ ତୋର ବାପା ଥିଲି ବୋଲି। ମନକୁ ବୁଝେଇ ଦେଇଛି, ମନ ବି ବୁଝିଯାଇଛି। ତୁ ଚାଲି ଯାଅ ଜୀବନ। ନା ବାପା ତୁମକୁ ନ ନେଇ ମୁଁ ଏକା ଯିବି ନାହିଁ। ଯେଉଁ ହାତରୁ ମାଡ ଖାଇ ମୁଁ ଆଜି ଏତେ ବଡ଼ ହୋଇଛି। ଯାହା ହାତ ଧରି ମୁଁ ଚାଲି ଶିଖିଛି। ଯାହାଙ୍କ ପାଇଁ ମୁଁ ଏ ଦୁନିଆକୁ ଆସିଛି ମୁଁ ତାଙ୍କୁ ଚିହ୍ନିବାରେ ଟିକେ ବିଳମ୍ବ ହୋଇଗଲା ବାପା। ତୁମକୁ ଆଜି ସେହି ହୋଟେଲ ଦେଖି ମୁଁ ବୁଝି ପାରିଚି ବାପା, ବାପାର ମୂଲ୍ୟ।

ଓହୋ ତୋତେ ଲାଜ ଲାଗିଲା କି ? କହି ଦେବୁ ସେ ମୋ ବାପା ନୁହେଁ। ମୁଁ ବି ଆଜି ଥକି ବି ପଡିନି। ମୋ ହାତରେ ବି ବଳ ଅଛି ମନରେ ଜୋସ ଅଛି, ବଞ୍ଚିଥିବା ଯାଏ କେବେ ତୋ ଦୁଆର ମୁହଁକୁ ଯିବିନି ଜୀବନ, ଫେରି ଯାଆ। ଆଉ ମୋତେ ଏକୁଟିଆ ବଂଚିବାକୁ ଦେ। ଯଦି ଆଜି ନବାକୁ ଆସିଚୁ ସେ ଦିନ ଗଳା ଧକା ଦେଇ ବାହାର କାହିଁକି କରି ଦେଇଥିଲୁ। କିଛି ବୁଝିଲୁନି କି ମୋ କଥା ବି ଶୁଣି ଲୁନି ନିଜ ସ୍ତ୍ରୀ କଥାରେ ପଡି ରାତି ଅଧରେ ଘରୁ ବାହାର କରି ଦେଲୁ, ଭାବିଥିଲୁ ବୁଢା ମଣିଷଟା ଏତେ ରାତିରେ କୁଆଡେ ଯିବ। କେଉଁଠି ରହିବ ଆଉ କଣ ଖାଇବା। ବାଟ ଭୁଲି ଯାଇଥିବା ମଣିଷଟା ଆଉ ବାଟଫେରି ପାଇଁବନି ଜୀବନ ଫେରିଯାଅ, ଏହା କହି ଘରୁ ଜୀବନକୁ ବାହାର କରି ଦେଇ କବାଟ ବନ୍ଦ କରି ଦେଲେ ଆଲୋକ ବାବୁ।

ପୁଅ ବୋହୁ ଠାରୁ ଅଲଗା ହେବା ପରେ ଆଲୋକ ବାବୁ ଏକ ଛୋଟ ହୋଟେଲରେ କାମ କରି ଚାଲୁଛନ୍ତି, ନିଜ ଦୁଃଖ ଆଉ ସୁଖକୁ ନିଜ ଭିତରେ ବାଣ୍ଟି ଏକ ନିଆରା ଜୀବନ ବଂଚୁଛନ୍ତି। ଆଜିର ଏ ସଭ୍ୟ ଶିକ୍ଷିତ ପିଲାମାନେ ଏ କାହାଣୀରୁ କଣ ଶିଖିବେ ତାହାତ ସମୟ କହିବା, କିନ୍ତୁ ଆଲୋକ ବାବୁ ଯେ ଏକ ଉଦାହରଣ ହୋଇ ରହିବେ ତାହାକୁ କେହି ମନା କରି ପାରିବେ ନାହିଁ।


ଗୁଲନଗର, କେନ୍ଦ୍ରାପଡ଼ା ଯୋଗାଯୋଗ
ମୋ: ୯୯୩୭୦୭୮୯୧୬


# ଅନୁତାପ

## ସତ୍ୟନାରାୟଣ ପ୍ରଧାନ



ବାହାଘରର କିଛି ମାସ ଯାଇନାହିଁ ସ୍ୱାମୀର ତା ସ୍ତ୍ରୀ ଉପରେ ସନ୍ଦେହ ବଢି ଯାଇଥିଲା । ରାସ୍ତା କଡ଼ ଦୋକାନରେ ତାର ସ୍ତ୍ରୀ ଗ୍ରାହକମାନଙ୍କୁ ଜିନିଷ ବିକ୍ରି କଲାବେଳେ ପଦେ ଅଧେ ଖୁସିରେ ହସି କଥାବାର୍ତ୍ତା ହୋଇଗଲେ ସ୍ୱାମୀର ତଳିପା ରକ୍ତ ମୁଣ୍ଡ ଉପରକୁ ଉଠି ଯାଉଥିଲା । ସେ ତାଙ୍କୁ ଦୋକାନରେ ବସିବାକୁ ନ ଦେଇ ନିଜେ ସବୁ କାମ ସମ୍ଭାଳି ହତାଶ ହୋଇ ପଡୁଥିଲା । ଦରକାର ସମୟରେ ବନ୍ଧୁଙ୍କ ଠାରୁ କରଜ ନେଇଥିବା ଟଙ୍କା ସୁଝି ନପାରି ଗାଳି ଗୁଲଜ ତାକୁ ସହିବାକୁ ପଡୁଥିଲା ।

ସ୍ତ୍ରୀ ତାର ପତ୍ନୀଧର୍ମ ଅନୁସାରେ ସ୍ୱାମୀଙ୍କର ବୋଝକୁ ନିଜ ମୁଣ୍ଡରେ ବୋହି କିଛି ଗୋଟେ ସମାଧାନ କରିବାକୁ ମନରେ ନିଷ୍ପତ୍ତି ନେଇଥିଲା। ସେ ସମୟ ସୁବିଧା ଦେଖି କରଜ ନେଇଥିବା ବନ୍ଧୁଙ୍କ ଘରକୁ ଦେଖା କରିବାକୁ ଯାଇଥିଲା । ସେଠାରେ ସ୍ୱାମୀଙ୍କ ସମ୍ମାନକୁ ଆଖି ଆଗରେ ରଖି ଟଙ୍କା ବଦଳରେ ତାଙ୍କ ଘରେ ଚାକରାଣୀ ହୋଇ କାମ ଦାମରେ ସୁଝି ଦେବାକୁ ଅନୁରୋଧ କରିଥିଲା । ବନ୍ଧୁ ଜଣଙ୍କ ସ୍ତ୍ରୀ ଲୋକଟିର ସ୍ୱାମୀଙ୍କ ପ୍ରତି ଥିବା ଭଲ ପାଇବା ଦେଖି ରାଜି ହୋଇ ଯାଇଥିଲେ ।

ସ୍ୱାମୀ ଜଣଙ୍କ ବାହାରୁ ଘରକୁ ଫେରିବା ପରେ ତାକୁ ଦେଖିବାକୁ ନ ପାଇ ପାଗଳଙ୍କ ପରି ଘୁରି ବୁଲୁଥିଲା । ସେ ତା ସ୍ତ୍ରୀକୁ ପିଲାଦିନର ବନ୍ଧୁ ଘରୁ ବାହାରୁ ଥିବାର ଦେଖି ରାଗରେ ପଞ୍ଚମ ହୋଇ ଯାଇଥିଲା । ସେ ଆଗରୁ ଯାହା ଆଶା କରିଥିଲା ତାହା ଠିକ୍ ଭାବି ରାସ୍ତାରେ ପଡ଼ିଥିବା ପଥରରେ ତା ମୁଣ୍ଡକୁ ଆଘାତ କରିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ବାହାରେ କିଛି ଗୋଟେ ଶବ୍ଦ ହେବା ଶୁଣି ବନ୍ଧୁ ଜଣଙ୍କ ତାଙ୍କର ଏପରି ଅବସ୍ଥା ଦେଖି କିଛି କହିବା ପୂର୍ବରୁ ଡାକ୍ତରଖାନାକୁ ନେଇ ଯାଉଥିବା ସମୟରେ ତା ସ୍ୱାମୀ ଦୁହିଁଙ୍କ ମଧ୍ୟରେ କିଛି ଗୋଟେ ପାପ ସମ୍ପର୍କ ଅଛି ବୋଲି ସାଙ୍ଗରେ ନେଇ ଯାଉଛୁ କହିବାକୁ ପଛେଇ ନ ଥିଲା ।

ଭ୍ୟଗ୍ୟର ବିଡମ୍ବନା ଡାକ୍ତରଖାନା ଯିବାକୁ ଥିବା କିଛି ଦୂର ବାକି ପୂର୍ବରୁ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା । ବିଚରା ସ୍ୱାମୀ ଯେତେ ରାଗି ଘୃଣା କଲେ ବି ପଛରେ ଗୋଡ଼େଇ ଯାଉଥିଲା । ବନ୍ଧୁଟି ସ୍ତ୍ରୀ ଲୋକଟିର ତ୍ୟାଗ ବୁଝି ନ ପାରି କରିଥିବା ସନ୍ଦେହର କୁପରିମାଣ ତା ସ୍ୱାମୀକୁ ବୁଝାଇ କହିଥିଲା । ସେତେବେଳକୁ ଆଉ କିଛି ବାକି ନ ଥିଲା ଖାଲି ପଡ଼ି ରହିଥିଲା ତା ମର ଶରୀରଟା ଅହିସୁଲକ୍ଷଣୀ ମୁହଁଟା ଶୁଖି କଳା କାଠ ପଡ଼ି ଯାଇଥିଲା ।

ସ୍ୱାମୀ ତାର ଜୀବନରେ ସ୍ତ୍ରୀକୁ ଭଲ ପାଇ ସମ୍ମାନ ଦେବା ବଦଳରେ ଖାଲି ଚରିତ୍ର ସଂହାର କରିବାକୁ ବାଛି ନେଇଥିଲା । ଯାହା ପାଇଁ ଆଜି ପିଲା ଦୁଇଟା ମାଆ ଛେଉଣ୍ଡ ହୋଇ ବାଟକୁ ଚାହିଁ ରହିଥିଲେ କାଳେ ମାଆ ଫେରି ଆସିବ ବୋଲି । ସ୍ୱାମୀ କଳା କର୍ମ ପାଇଁ ନିନ୍ଦା କରୁଥିବା ପୁରୁଷତ୍ୱକୁ । ଆଖିରୁ ତାର ଧାର ଧାର ହୋଇ ବହି ଯାଉଥିବା କେବଳ ଅନୁତାପର ଲୁହ ଗୁଡାକ ।




\+ଅଣ୍ଟିଆ, ଜେନାପୁର, ଯାଜପୁର
ପିନ୍ - ୭୫୫୦୨୩
ମୋ: ୯୧୭୮୩୧୩୬୪

## କେନ୍ଦୁଝରରୁ ଚନ୍ଦକା ସ୍ଥାନାନ୍ତର ହେଲା ୩ ମାସର ହାତୀଛୁଆ

କେନ୍ଦୁଝର, ୨୪/୧୧ (ନି.ପ୍ର): କେନ୍ଦୁଝରରେ ଦେଖିବାକୁ ମିଳିଛି ଏକ ଅପୂର୍ବ ସ୍ଥିତି । ଗୋଟିଏ ଛୁଆ ହାତୀକୁ ମଣିଷ ଛୁଇଁ ଦେବାରୁ ମା କିମ୍ବା ହାତୀ ଦଳ ଛୁଆଟିକୁ ଗ୍ରହଣ କଲେ ନାହିଁ । ଫଳରେ ବନ ବିଭାଗ ହାତୀ ଛୁଆଟିକୁ ଆଣି କେନ୍ଦୁଝର ପଦ୍ମପୁର ସ୍ଥିତ ମେଘା ନର୍ସରୀ ଠାରେ ରଖି ତାର ଲାଳନ ପାଳନ କରୁଥିଲେ । ହେଲେ ଆଜି ତାକୁ ଚନ୍ଦକା ସ୍ଥିତ ରେସ୍କ୍ୟୁ ସେଂଟରକୁ ପଠାଯାଉଛି । ହାତୀ ଛୁଆଟି ଯିବା ସମୟରେ ଭାବ ବିହ୍ୱଳ ହୋଇ ଉଠିଥିଲେ ତାକୁ ଲାଳନ ପାଳନ କରିଆସୁଥିବା କର୍ମଚାରୀମାନେ ଓ ହାତୀ ଛୁଆଟି ଯିବା ସମୟରେ ସତରେ ଯେମିତି ଲାଗୁଥିଲା ସେହି ପାଳନକାରୀ କର୍ମଚାରୀ ମାନଙ୍କର ନିଜ ଛୁଆଟି ଅଲଗା ହୋଇ ଯାଉଛି। ସୂଚନାଯୋଗ୍ୟ ଯେ, ଚଳିତ ମାସ ୧ ତାରିଖ ରାତିରେ ଏକ ୧୩ ଟିକିଆ ବଣୁଆ ହାତୀ ପଲ ବାମ୍ଭୋରୀ ସେକ୍ସନରୁ ଆସି ଜଗଦଳା ଡ୍ୟାମ ନିକଟ ତେଲଭଙ୍ଗା ଗାଁ ନିକଟରେ ଥିବା ଏକ ନାଳ ପାର ପାର ହେଉଥିବା ସମୟରେ ଏହି ୩ ମାସର ହାତୀ ଛୁଆଟି ନାଳ ପାର ହୋଇପାରି ନଥିଲା। ଫଳରେ ହାତୀପଲ ତାକୁ ସେଠାରେ ଛାଡ଼ି ଚାଲି ଯାଇଥିଲେ ଓ ହାତୀ ଛୁଆଟି ଗୋଠଛଡା ହୋଇ ଗାଁ ଭିତରକୁ ଆସି ଯାଇଥିଲା ଏବଂ ଜଣଙ୍କ ଘର ଭିତରକୁ ପଶିଆସିଥିଲା । ପରେ ଖବର ପାଇ ବନ ବିଭାଗ ହାତୀ ଛୁଆଟିକୁ ଉଦ୍ଧାର କରି ପୁଣି ସେହି ଜଙ୍ଗଲକୁ ନେଇ ବାରମ୍ବାର ହାତୀ ପଲରେ ମିଶାଇବାକୁ ଚେଷ୍ଟା କରିଥିଲେ । ଏପରିକି ଦିନ ଓ ରାତି ତମାମ ଥର୍ମାଲ କ୍ୟାମେରା ସାହାଯ୍ୟରେ ହାତୀଙ୍କ ଉପରେ ନଜର ରଖିଥିଲେ । ହେଲେ ବାରମ୍ବାର ଚେଷ୍ଟା ସତ୍ତ୍ୱେ ମା ହାତୀ କିମ୍ବା ହାତୀପଲ ଛୁଆହାତୀଟିକୁ ଗ୍ରହଣ କରିନଥିଲେ ।

# କୋଡ଼ପଡ଼ା ଓ ଶାଳବଣି ପଂଚାୟତରୁ କଲ୍ୟାଣ ମଣ୍ଡପ ଚୋରି ଅଭିଯୋଗ

ଘଟଗାଁ, ୨୪/୧୧ (ନି.ପ୍ର): ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଡ଼ପଡ଼ା ଓ ଶାଳବଣି ପଂଚାୟତରୁ କଲ୍ୟାଣ ମଣ୍ଡପ ଚୋରି ହୋଇଥିବା ଅଭିଯୋଗ ହୋଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ, ଆନନ୍ଦପୁର ବ୍ଲକ ଅଧୀନ କୋଡ଼ପଡ଼ା ଓ ଶାଳବଣି ପଂଚାୟତରେ ୨୦୨୧ରୁ ୨୦୨୪ ମସିହା ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ୨ଟି କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିଲା । ତେବେ ଶାଳବଣି କଲ୍ୟାଣ ମଣ୍ଡପରେ ବୈଠକ କରିବା ନିମିତ ଗତ ୧୭/୧୧/୨୦୨୪ ରିଖରେ ବିଜେପି କାର୍ଯ୍ୟକର୍ତା କାଳନ୍ଦୀ ସାହୁ ପଂଚାୟତ ଅଧିକାରୀଙ୍କୁ ଏ ନେଇ ଦରଖାସ୍ତ ଦେଇ ୨୨ ତାରିଖରେ ଏକ ବୈଠକ କରିବା ପାଇଁ ଅନୁମତି ମାଗିଥିଲେ । ତେବେ ସେଠାରେ କୌଣସି ସରକାରୀ କଲ୍ୟାଣ ମଣ୍ଡପ ନଥିବା କଥା ଉକ୍ତ ଗ୍ରାମପଂଚାୟତର ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତା ସାହୁ ଲିଖିତ ଭାବେ ଜଣାଇଥିବା ବେଳେସେହିପରି କୋଡ଼ପଡ଼ା ପଂଚାୟତରେ ଥିବା କଲ୍ୟାଣ ମଣ୍ଡପରେ ବୈଠକ କରିବା ପାଇଁ ସନ୍ୟାସୀ ପାତ୍ର ଗତ ୨୨ ତାରିଖରେ ପଂଚାୟତ ଅଧିକାରୀଙ୍କୁ ଆସନ୍ତା ୨୫/୧୧ରେ ବୈଠକ କରିବାକୁ ଦରଖାସ୍ତ ଦେଇଥିଲେ, ମାତ୍ର ଉକ୍ତ ପଂଚାୟତରେ କଲ୍ୟାଣ ମଣ୍ଡପ ନଥିବା ପଂଚାୟତ ଅଧିକାରୀ ଅମୀୟ କୁମାର ରାଉତ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି ।ଅପରପକ୍ଷରେ ବିଧାନସଭାରେ ତାରକା ପ୍ରଶ୍ନ ସଂଖ୍ୟା-୬୭୬ ରେ ପଂଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ଦେଇଥିବା ଉତରରେ ଉଲ୍ଲେଖ କରିଛନ୍ତି ଯେ, ୨୦୨୦-୨୧ରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ଏହି ୨ ପଂଚାୟତକୁ ସରକାରୀ ଅନୁଦାନରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି ଓ କଲ୍ୟାଣମଣ୍ତପ ଦ୍ୱୟର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ବିଜେଡି ସରକାର ସମୟରେ ଏହି ମଣ୍ଡପ ନିର୍ମାଣ କରାଯାଇଥିବା ବେଳେ ଏବେ ସେଠାରେ ମଣ୍ଡପ ନଥିବା ଜାଣିବାକୁ ମିଳିଥିଲା କିମ୍ବା ଚତୁରତାର ସହିତ ଏହି କଲ୍ୟାଣ ମଣ୍ଡପ ନକରି କେହି ଠିକାଦାର ମିଛ କାଗଜ ପତ୍ର ଦର୍ଶାଇ ଅର୍ଥ ହଡ଼ପ କରିଥାଇ ପାରେ ବା ଚୋରି ହୋଇଯାଇଥିବା ଆମ୍ଭେ ସନ୍ଦେହ କରୁଛୁ । ପ୍ରକୃତରେ ଉକ୍ତ ୨ କଲ୍ୟାଣ ମଣ୍ଡପ ଚୋରି ହୋଇଛି କି ଖାଲି କାଗଜରେ ଗଢି ଟଙ୍କା ଚଳୁ ହୋଇଛି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଏଥିରେ ସଂପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବୀ ହେଉଛି । ଏନେଇ ରାଜ୍ୟ ସଂଜଯୋକ, ଭାରତୀୟ ଜନତା ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତା ଯଜ୍ଞ ପ୍ରସାଦ ସାହୁ, ଆନନ୍ଦପୁର ଆନାରେ ଏହି ଲିଖିତ ଏତଲା କରିଥିବା ଜଣାପଡିଛି ।

## ମାଓବାଦୀ ଦମନ କାର୍ଯ୍ୟକ୍ରମରେ ବୌଦ୍ଧ ପୋଲିସକୁ ବଡ ସଫଳତା: ମାଓବାଦୀଙ୍କ କ୍ୟାମ୍ପ ନଷ୍ଟ କରିବା ସହ ମାଓ ସାମଗ୍ରୀ ଜବତ

ବୌଦ୍ଧ, ୨୪/୧୧ (ନି.ପ୍ର): ମାଓବାଦୀ ଦମନ କାର୍ଯ୍ୟକ୍ରମରେ ବୌଦ୍ଧ ପୋଲିସକୁ ମିଳିଛି ଏକ ବଡ ସଫଳତା । ବୌଦ୍ଧ ପୁଲିସ ପକ୍ଷରୁ ମାଓବାଦୀଙ୍କ କ୍ୟାମ୍ପ ନଷ୍ଟ କରିବା ସହ ମାଓ ସାମଗ୍ରୀ ଜବତ କରାଯାଇଛି । ମାଓ ଅଧ୍ୟୁଷିତ ବୌଦ୍ଧ ଜିଲ୍ଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ମାଓ ଦମନ ପାଇଁ ପୁଲିସ ପକ୍ଷରୁ ଯୋରଦାର ଉଦ୍ୟମ କାରି ରହିଥିବା ବେଳେ ପୁଲିସକୁ ଏକ ବଡ ସଫଳତା ମିଳିଛି । ପୁଲିସ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇ ବିପୁଳ ପରିମାଣରେ ମାଓ ସାମଗ୍ରୀ ପୁଲିସ ଜବତ କରାଯାଇଛି । ବୌଦ୍ଧ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମନମୁଣ୍ଡା ଥାନାର ବାହାବଲଖୋଲ ସଂରକ୍ଷିତ ଜଙ୍ଗଲରେ ମାଓକ୍ୟାମ୍ପ ସମ୍ପର୍କରେ ସୂଚନା ପାଇ ପୁଲିସ ଏସଓଜି, ଡିଭିଏଫ ଓ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ମିଳିତ ଭାବରେ ଚଢ଼ଉ କରି ମାଓବାଦୀଙ୍କ କ୍ୟାମ୍ପ ନଷ୍ଟ କରିବା ସହ ସେଠାରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଥିଲା । ଜବତ ସାମଗ୍ରୀ ମଧ୍ୟରେ ଡେଟୋନେଟର ୭ଟି, କୋଡେକ୍ସ ତାର ୧ ମିଟର, ସେପ୍ଟି ଫିଉଜ ୧ ମିଟର, ମୋବାଇଲ, ୱାକିଟକି, ଚାର୍ଜର, ଡାୟୋଜ, ବିଦ୍ୟୁତ ତାର, କାର ଚାର୍ଜର, ଟିଫିନ ବକ୍ସ, ଗ୍ଲାସ, ଚଷମା, ଛୁରୀ, ମାଓପୋଷାକ,ପଲିଥିନ, ବ୍ଲାଙ୍କେଟ, ଛତା, ଟୋପି, ବ୍ୟାଟେରୀ, ଔଷଧ, ମାଓପୁସ୍ତକ ଓ ଗ୍ରୋସରି ସାମଗ୍ରୀ ଜବତ କରାଯାଇଛି । ବର୍ତମାନ ମଧ୍ୟ ପୁଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଥିବା ସୂଚନା ମିଳିଛି ।

# ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଆଇନ ସେବା ସମ୍ବନ୍ଧୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ସ୍ଥାନୀୟ ଭଞ୍ଜକଳା ମଣ୍ଡପ ଭୁବନେଶ୍ୱର ଠାରେ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଜଜ୍ ଓଡ଼ିଶା ହାଇକୋର୍ଟ ନ୍ୟାୟମୂର୍ତି ଅରିନ୍ଦମ ସିହ୍ନା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଖୋର୍ଦ୍ଧା, ପୁରୀ, କଟକ ଏବଂ ନୟାଗଡ଼ଙ୍କ ଅଧୀନରେ ଥିବା ତାଲିକାଭୁକ୍ତ ଆଇନଜୀବୀ, ନ୍ୟାୟ ଅଧିକାର ମୀତ୍ର, ଆରକ୍ଷୀ ଅଧିକାରୀ ବୃନ୍ଦ, ନ୍ୟାୟ ରକ୍ଷକ ବୃନ୍ଦ ଓ ଆଇନ ଛାତ୍ର ଛାତ୍ରୀ ମାନଙ୍କ ନେଇ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ସେମାନଙ୍କର ବିଭିନ୍ନ ଆଇନଗତ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଏହାର ଜନାଭିମୁଖି ସଫଳତା ଏବଂ ଅଭାବ ଅସୁବିଧା ସଂପର୍କରେ ପଚାରି ବୁଝିବା ସହ ଆବଶ୍ୟକୀୟ ସୁବ୍ୟବସ୍ଥା ଯୋଗାଇଦେବାକୁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସଦସ୍ୟ ସଚିବ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସୁଦୀପ୍ତ ଆଚାର୍ଯ୍ୟ ଯୋଗଦେଇ ଜାତୀୟ ତଥା ରାଜ୍ୟ ଆଇନ ସେବା ପ୍ରଧିକରଣଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ବିଧି ବ୍ୟବସ୍ଥା ଓ ଏହାର ସୁଫଳ ସଂପର୍କରେ ଆଲୋକପାତ କରାଇଥିଲେ। ପ୍ରାରମ୍ଭରେ ଜିଲ୍ଲା ଓ ଦୌରା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଖୋର୍ଦ୍ଧା ନିଶିଥ ନିଶାଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ କାର୍ଯ୍ୟାଳୟର ଚଳିତ ବର୍ଷର ସମୁଦାୟିକ ସଫଳତା ସର୍ମ୍ପକରେ ସାମୁହିକ ସଫଳତା ସର୍ମ୍ପକିତ ସମସ୍ତ ସୂଚନା ନ୍ୟାୟମୂର୍ତି ଅରିନ୍ଦମ ସିହ୍ନାଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଚଂଚଳ ରାଣାଙ୍କ ସମେତ ବହୁ ପଦାଧିକାରୀମାନ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ଶ୍ରୀମତୀ ସୌଦାମିନୀ ସିଂହ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ସହ ସଚିବ ସୃଜନ ସାରସ୍ୱତ, କୋର୍ଟ ମ୍ୟାନେଜର ଶଶିକାନ୍ତ ପ୍ରଧାନଙ୍କ ସମେତ ଜିଲ୍ଲା ଅଦାଲତ ଏବଂ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହାୟତା କରିଥିଲେ।

# କଦମପଡା ଶିଶୁମନ୍ଦିରର ୪୦ତମ ବାର୍ଷିକ କ୍ରୀଡା-୨୦୨୪ ଅନୁଷ୍ଠିତ

ବଲାଙ୍ଗିର, ୨୪/୧୧ (ନି.ପ୍ର): ଦୀର୍ଘ ଦୁଇ ଦିନ ଧରି ତା ୨୨ ଓ ୨୩ ତାରିଖ ଦିନ କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ୪୦ତମ ବାର୍ଷିକ କ୍ରୀଡା ବଲାଙ୍ଗୀର ଟାଉନ ଉଚ୍ଚ ବାଳକ ବିଦ୍ୟାଳୟର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବଲାଙ୍ଗୀର ଷ୍ଟେଟ ବ୍ୟାଙ୍କ ଆଂଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ ସ୍ୱାଇଁ ଯୋଗ ଦେଇ ଉଦଘାଟନ କରିଥିଲେ । କ୍ରୀଡାଜ୍ୟୋତି ସମଲେଇଶ୍ୱରୀ ମନ୍ଦିରରୁ ଆଣି ସ୍ଥାପନା କରାଯାଇଥିଲା । ମୋଟ ୧୦୮୧ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟରେ ବିଭିନ୍ନ କ୍ରୀଡାରେ ଯୋଗ ଦେଇଥିଲେ । ତନମଧ୍ୟରୁ ୩୩୦ଜଣ ବିଜେତା ହୋଇଥିଲେ । ୧ମ ଓ ୨ୟ ଶ୍ରେଣୀରେ ୪ଟି, ୩ୟରୁ ୫ମ ଶ୍ରେଣୀରେ ୬ଟି, ୬ଷ୍ଠରୁ ୮ମ ଶ୍ରେଣୀରେ ୮ଟି, ୯ମ ଓ ୧୦ ଶ୍ରେଣୀରେ ୧୨ଟି ଓ ଯୁକ୍ତ ଦ୍ୱାଦଶ ବିଜ୍ଞାନ ଶ୍ରେଣୀର ୧୨ଟି ପ୍ରକାରର ପ୍ରତିଯୋଗିତା ହୋଇଥିଲା । ବିଭିନ୍ନ ଖେଳ ମଧ୍ୟରେ ଦୌଡ ପ୍ରତିଯୋଗିତାରେ ୧୦୦ମି, ୨୦୦ମି, ୪୦୦ମି, ୮୦୦ମି, ୧୫୦୦ମି, ୩୦୦୦ମି ତଥା ବାଧା ଦୌଡ ହୋଇଥିଲା । ସେହିପରି ବିଭିନ୍ନ ବର୍ଗରେ ଗୋଳାଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଚ୍ଛା ଫିଙ୍ଗା, ଲମ୍ବଡିଆଁ,ଉଚ୍ଚ ଡିଆଁ ,ତ୍ରିକୁଦ ଆଦି ପ୍ରତିଯୋଗିତା ହୋଇଥିଲା । ବାଟିକା ବିଭାଗର ଅଭିଭାବକଙ୍କ "ଗରମ ଆଳୁ" ଓ ଅଭିଭାବିକାଙ୍କ "କଳସ ବୋହି ଚାଲିବା" ପ୍ରତିଯୋଗିତା ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ମଦନମୋହନ ରଥ ଯୋଗ ଦେଇଥିଲେ । ବିଦୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଯୋଜନା ଛାତ୍ରୀ ଜାଗୃତି ବେହେରା ଓ ପ୍ରିୟାଂଶୀ ସାହୁ କରିଥିବା ବେଳେ ବ୍ୟକ୍ତିଗତ ଗୀତ ଛାତ୍ର ଅବିନାଶ ପଣ୍ଡା ଗାନ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ ସଂପାଦକ ତରଣୀ ସେନ ପଟେଲ ଦେଇଥିଲେ । ମଂଚାସୀନ ଅତିଥିଙ୍କ ମଧ୍ୟରେ ସଭାପତି ଡ.ଭବାନୀ ଶଙ୍କର ପଟେଲ, ସଂପାଦକ ତରଣୀସେନ ପଟେଲ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ତରିଆ ଉପସ୍ଥିତ ଥିଲେ । ଏହିପରି ଭାବରେ ବିଦ୍ୟାଳୟର ଖେଳକୁଦ ପ୍ରମୁଖ ତଥା ଜିଲ୍ଲା ଶାରିରୀକ-ଖେଳକୁଦ ପ୍ରମୁଖ କିଶୋର ମଟାରୀଙ୍କ ତତ୍ୱାବଧାନରେ ଓ ସଂଚାଳନାରେ ବାର୍ଷିକ କ୍ରୀଡା ସମାପନ ହୋଇଥିଲା ।

## ଶେରଗଡ଼ ପଂଚାୟତ ସମିତି ବୈଠକ

ଗଞ୍ଜାମ, ୨୪/୧୧ (ନି.ପ୍ର): ଶେରଗଡ ପଂଚାୟତ ସମିତି ବୈଠକ ଆଜି କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଶିବାଶିଷ ବରାଳ ସ୍ୱାଗତ ଭାଷଣ ଦେବା ସହ ବିଭିନ୍ନ ଯୋଜନା ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ଶିଶିର ମିଶ୍ର, ଦିଗାମ୍ବର ନାହାକ, ସୁଧାସ୍ମିତା ପଟ୍ଟନାୟକ, ସିଡିପିଓ ଗୀତାରାଣୀ ରାଉଳ, ସହକାରୀ ଯନ୍ତ୍ରୀ ସନ୍ତୋଷ ପରିଡା, ଗିରିଶ ନାୟକ, ବିଇଓ ଉପେନ୍ଦ୍ର ପାଢି, ଚିତ ରଂଜନ ପାଣିଗ୍ରାହୀ, ନିବେଦିତା ପ୍ରଧାନ, ମନୋରମା ପୋଲାଇ, କୃଷି ଅଧିକାରୀ ଜ୍ୟୋତିରଂଜନମିଶ୍ର ଓ ଯୋଗାଣ ଅଧିକାରୀ ବିଭୂପ୍ରସାଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନାଭାଲ କନସର୍ଟ ମନ ମୋହିଲା

ପୁରୀ, ୨୪/୧୧ (ନି.ପ୍ର): ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ଅନୁଷ୍ଠିତ ହେବ ନୌସେନା ଦିବସ ବା ନାଭି ଡେ । ଏହାର ଅବବ୍ୟହିତ ପୂର୍ବରୁ ଆଜି ସଂଧ୍ୟାରେ ଟାଉନ ହଲ ଠାରେ ନାଭାଲ ବ୍ୟାଣ୍ଡ ଆଇଏନଏସ ଚିଲିକା ପକ୍ଷରୁ ଏକ ଚିତାକର୍ଷକ କନସର୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କନସର୍ଟ କାର୍ଯ୍ୟକ୍ରମକୁ ନୌସେନା ର ଅବସରପ୍ରାପ୍ତ ସର୍ଜନ ରିଅର ଆଡମିରାଲ ସଲୀଲ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ପରେ ପରେ ନାଭାଲ ବ୍ୟାଣ୍ଡ ର ଚିଫ କଣ୍ଡକ୍ଟର ହନୁମାନ ଥାପା ଙ୍କ ନେତୃତ୍ୱରେ ସମସ୍ତ କଳାକାର ଚମତ୍କାର କନସର୍ଟ ପରିବେଷଣ କରିଥିଲେ।କଳାକାର ପ୍ରସନୋଜିତ ମହନ୍ତୋ, ଗୌତମ ସିଂ, ପବିତ୍ର ଘୋଷ, ଷ୍ଟିଫେନ ଜୋ, ଗୌରବ ପ୍ରଶାନ୍ତ ଜି, ଡାନିଏଲ ଲାଲନୁଥାରା, ମଦନ ଛେତ୍ରୀ, ପି. ଭୈଭବ ମୋହନ ରାଓ, ଆଜିଙ୍କ୍ୟ ଶିବାଜୀ ଯାଦବ, ନମଦାସ ଭି ଚନ୍ଦ୍ରକାନ୍ତ, ଅଜୟ ଭଟ୍ଟ,ସୌମ୍ୟ ଦୀପ ମଣ୍ଡଳ, ରୋଶନ ଆର, ପଙ୍କଜ ବିଶ୍ୱକର୍ମା, ରାହୁଲ କୁମାର, ରେଜିନ ସି ଏସ. ଶୁଭମ ପାଠକ, ଅଭିଜିତ କୁମାର ଓ ରାହୁଲ ବିଶ୍ୱକର୍ମା ବାଦ୍ୟ ଯନ୍ତ୍ର ର ଚମତ୍କାର ଉପଯୋଗ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଜୟ ହୋ ଗୀତ ରୁ ଆରମ୍ଭ ହୋଇଥିବା ଏହି କନସର୍ଟ ୧୪ ଲୋକପ୍ରିୟ ଗୀତ ର କନସର୍ଟ ଓ ସଂଗୀତ ପରିବେଷଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ଶିକ୍ଷାବିତ, ବୁଦ୍ଧିଜୀବୀ, ଏନସିସି କ୍ୟାଡେଟ୍ ଓ ସାଧାରଣ ଲୋକ ମାନେ ଉପସ୍ଥିତ ରହି କନସର୍ଟ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିବା ସହ ବିପୁଳ କରତାଳିରେ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ।

## ହଜାଇଥିବା ମୋବାଇଲ ଫେରିପାଇଲେ ଯାତ୍ରା କଳାକାର

କୋରେଇ, ୨୪/୧୧ (ନି.ପ୍ର): ପାଣିକୋଇଲି ଛକରେ ଜଣେ ଆଗଧାଡିର ଯାତ୍ରା କଳାକାର ବାଲେଶ୍ୱରର ପ୍ରଣବ କୁମାର ଷଣ୍ଢ ତାଙ୍କ ଦାମି ମୋବାଇଲଟିକୁ ହଜାଇ ଦେଇଥିଲେ । ଯାଜପୁର ଜିଲ୍ଲା ବିଂଝାରପୁର ଅଳକୁଣ୍ଡର ବିଷ୍ଣୁ ସାହୁଙ୍କ ପୁଅ ଜନ୍ମେଜୟ ସାହୁ ଉକ୍ତ ମୋବାଇଲଟିକୁ ପାଇଥିଲେ । ମୋବାଇଲ ପାଇବା ପରେ ସେ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳଙ୍କ ସହ ଯୋଗାଯୋଗ କରିଥିଲେ । ପରେ ଏନେଇ ଶ୍ରୀ ବଳ ଉକ୍ତ କଳାକାର ଷଣ୍ଢଙ୍କ ସହ ଯୋଗାଯୋଗ କରିଥିଲେ । ପରେ ଶ୍ରୀ ଷଣ୍ଡ ପାଣିକୋଇଲି ଥାନାରେ ପହଂଚି ତାଙ୍କ ମୋବାଇଲକୁ ଗ୍ରହଣ କରିଥିଲେ । ଜନ୍ମେଜୟଙ୍କ ଏପରି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ ।

# ଜୁନିଅର ରେଡକ୍ରସ ତରଫରୁ ଏକମ୍ବା ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର

ଜୟପୁର, ୨୪/୧୧ (ନି.ପ୍ର): ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳନ ଅବସରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଏକମ୍ବାରେ ଜୁନିଅର ରେଡକ୍ରସ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏକମ୍ବା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଧିକାଂଶ ଜୀବନର ପ୍ରଥମ ଥର ରକ୍ତ ଦେଇଥିବା ରକ୍ତଦାତା, ଦମ୍ପତି ରକ୍ତଦାତା ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ରକ୍ତଦାତାମାନେ ରକ୍ତ ଦାନ କରି ଅନ୍ୟର ଜୀବନ ବଂଚେଇବାରେ ସାହାଯ୍ୟର ହାତ ବଢ଼େଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଡ଼ଃ. ଜ୍ୟୋତ୍ସ୍ନା ମିଶ୍ର ସଭାପତିତ୍ୱ କରିଥିଲେ । ଜୁନିଅର ରେଡକ୍ରସ ପରାମର୍ଶଦାତା ମନୋଜ କୁମାର ମିଶ୍ର ବେଦପାଠ କରିବା ସହିତ ସଭା ପରିଚାଳନା କରି ରକ୍ତଦାନ ଶିବିରରେ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ସତପଥି, ସମ୍ମାନିତ ଅତିଥି ଭାବରେ ଜୟପୁରର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଷେକ ଭୋଇ, ପ୍ରକାଶ ପଟ୍ଟନାୟକ, ଓମ ପ୍ରକାଶ ମିଶ୍ର, ଦିଲ୍ଲୀପ କୁମାର ପଣ୍ଡା, ସୁନୀଲ କୁମାର ପାଢ଼ୀ,ଲିପିକା ପାତ୍ର, ଉଜଡଉ ସର୍ବେଶ୍ୱର ପଟ୍ଟନାୟକ, ବରିଷ୍ଠ ସହାୟକ ବାଳଗୋପାଳ ମିଶ୍ର ଓ ଶଶିଭୂଷଣ ଦାଶ ଓ ସାରସ୍ୱତ ଅତିଥି ଭାବରେ ଜୁନିଅର ରେଡ କ୍ରସ ଅଧିକାରୀ, କୋରାପୁଟ ଶ୍ରୀଯୁକ୍ତ ହରେକୃଷ୍ଣ ମହାରଣା ମହୋଦୟ, ଜିଲ୍ଲା ରେଡ କ୍ରସ ପ୍ରଶିକ୍ଷକ ସୁଜିତ କୁମାର ଜେନା ମହୋଦୟ ଓ ରକ୍ତ ପ୍ରେରଣାଦାତା ତଥା ସମାଜ ସେବକ ପ୍ରମୋଦ ରାଉଳ ମହୋଦୟଙ୍କ ସହିତ ଝଗଡଉ ସଭ୍ୟ ଲଇଚନ ହରିଜନ ଓ ଅନ୍ୟାନ୍ୟ ସଭ୍ୟସଭ୍ୟା ଯୋଗ ଦେଇଥିଲେ । ଆଲୁମିନୀ ସଦସ୍ୟମାନେ, ଗ୍ରାମବାସୀ, ଅବିଭାବକ, ଜୁନିଅରମାନେ,ବ୍ଲଡ଼ ବ୍ୟାଙ୍କ ଟିମ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବି. ନଳୀନ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ପ୍ରସନ୍ନ କୁମାର ପାଣିଗ୍ରାହୀ, ବୃନ୍ଦାବତୀ ଖୋରା, ଶୁଭଙ୍କର ଦାଶ ମହୋଦୟମାନେ ବିଶେଷ ଭାବରେ ସହଯୋଗ କରିଥିଲେ ।

# ଶ୍ରୀ ସତ୍ୟସାଇ ବାବାଙ୍କ ୯୯ତମ ଜନ୍ମୋତ୍ସବ ପାଳିତ

ଭବାନୀପାଟଣା, ୨୪/୧୧ (ନି.ପ୍ର):ଆଜି ଭବାନୀପାଟଣା ସ୍ଥିତ ଶ୍ରୀ ସତ୍ୟସାଇ ବାବାଙ୍କ ୯୯ତମ ଜନ୍ମୋତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମିତିର ଆବାହକ ଓ କର୍ମକର୍ତା ତଥା ଛାତ୍ରଛାତ୍ରୀ, ଶିକ୍ଷକଙ୍କ ସାମୁହିକ ସହଯୋଗରେ ଧୂମଧାମରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଦିବସ ପାଳିତ ହୋଇଥିଲା। ଭଗବାନଙ୍କ ଅମୃତ ବାଣୀକୁ ସମସ୍ତ ନର ନାରାୟଣଙ୍କ ହୃଦୟରେ ସ୍ଥାୟୀ ଭାବରେ ଶ୍ରଦ୍ଧା ସବୁରେ ବାସ କରିବା, ସମସ୍ତେ ସମସ୍ତଙ୍କୁ ପ୍ରେମ, ଶ୍ରଦ୍ଧା ସେବା ରହି ନର ନାରାୟଣ ମାନଙ୍କ ହୃଦୟରେ ରହିବା ଇତ୍ୟାଦି ଜନହିତକର କାର୍ଯ୍ୟକ୍ରମ ରହିବା ସହ ପରସ୍ପର ହିଂସାକୁ ପରିତ୍ୟାଗ କରିବାକୁ ହେବ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ଓଁ କାରମ, ନଗର ସଂକିର୍ତନ, ପରେ ଦିବ୍ୟ ପ୍ରଶାନ୍ତି ପତାକା ଉତୋଳନ, ଷୋଡଶ ଉପଚାର ପୂଜା, ନାରାୟଣ ସେବା ଓ ପ୍ରସାଦ ସେବନ, ହଜାର ହଜାର ଜନତା ଙ୍କୁ ପ୍ରସାଦ ସେବନ ର ସୁ ବ୍ୟବସ୍ଥା କରାଯାଇଥିଲା, ଓ ବସ୍ତ୍ର ଦାନ କରାଯାଇଥିଲା।

# ପାଣିକୋଇଲି ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ୯୯ତମ ଜୟନ୍ତୀ ଉତ୍ସବ

କୋରେଇ, ୨୪/୧୧ (ନି.ପ୍ର): ପାଣିକୋଇଲି ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଓଟିନ୍ଦା ରୋଡରେ ଥିବା ସାଇ ମନ୍ଦିର ପରିସରରେ ୯୯ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରୁ ଓକାରମ, ସୁପ୍ରଭାତମ, ନଗର ସଙ୍କିର୍ତନମ, ପରେ ଷୋଡଶ ଉପଚାର ପୂଜା, ଲକ୍ଷାର୍ଚ୍ଚନା, ଚତୁର୍ଥ ସଙ୍କଳିତ ଭଜନ ଓ ବାଳ ବିକାଶ ପିଲାମାନଙ୍କ ଦ୍ୱାରା ସଂଗୀତ ନୃତ୍ୟ କରାଯାଇଥିଲା । ମନୁଷ୍ୟ ଜିବନରେ ଶାନ୍ତି ପାଇବାର ମାର୍ଗ ମୁନିଶ୍ରୀ ବିକାଶ ଚନ୍ଦ୍ର ସାହୁଙ୍କ ଦ୍ୱରା ଆଧାତ୍ମିକ ଆଲୋଚନା କରାଯାଇଥିଲା । ଶ୍ରାବଣୀ ସାହୁଙ୍କ ଦ୍ୱାରା ଅନୁଭୂତିରେ ଶ୍ରୀ ସାଇ ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥିଭାବେ ବିକାଶ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧାତ୍ମିକ ପ୍ରଶ୍ନୋତର କାର୍ଯ୍ୟକ୍ରମ ପରେ ଅମୃତ କଳସ ଦାନ ଓ ନାରାୟଣ ସେବା କାଯ୍ୟକ୍ରମ କରାଯାଇଥିଲା । ଶେଷରେ ମଧୁସୂଦନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ମଙ୍ଗଳ ଆରତୀ ସହ ସମୂହ ପ୍ରସାଦ ସେବନ କରାଯାଇଥିଲା । ସନ୍ଧ୍ୟାରେ ଭଗବାନଙ୍କୁ ୯୯ଟି ଦୀପ ଅର୍ପଣ ଓ ବେଦପାଠ ପରେ ଚତୁର୍ଥ ସଙ୍କଳିତ ଭଜନ, ଜନ୍ମଦିନର ଶୁଭେଚ୍ଛା ସଂଗୀତ ବାଳ ବିକାଶ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗୀତ, ନୃତ୍ୟ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ମଙ୍ଗଳ ଆଳତୀ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା ।

# ଶ୍ରୀ ସତ୍ୟସାଇ ବାବାଙ୍କ ୯୯ତମ ଜନ୍ମ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା, ୨୪/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଠାକୁରପାଟଣା ଗ୍ରାମରେ ସତ୍ୟସାଇ ସେବାସମିତି ତରଫରୁ ୯୯ତମ ଜନ୍ମ ଜୟନ୍ତୀ ଅତି ଧୂମ୍‌ଧାମ୍‌ରେ ପାଳନ କରାଯାଇଛି। ପ୍ରାତଃ ସମୟରୁ ଓଁକାରାମ ନଗର ସଂକୀର୍ତନ ସୋଡଷ ଉପଚାର ପୂଜା ଭଜନ ଏବଂ ପ୍ରଶାନ୍ତି ଧୋଜା ଉତୋଳନ ଭଗବାନଙ୍କ ରଥ ପରିକ୍ରମା ପ୍ରସାଦ ସେବନ ଏବଂ ସଂଧ୍ୟାରେ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ଜନ୍ମଦିନ କେକ୍ ଶେଷରେ ଭଗବାନଙ୍କୁ ଆରତୀ ପ୍ରଦାନ କରାଯାଇଥିଲା। ଏଥିରେ ଯୋଗ ଦେଇଥିବା ଭାଇମାନେ ସନ୍ତୋଷ ପୋଥାଳ ସତ୍ୟ ସ୍ୱରୂପ ବେହେରା ଭାସ୍କର ମହଲା ଜ୍ଞାନ ସ୍ୱରୂପ ବେହେରା ଦିଲ୍ଲୀପ କୁମାର ବେହେରା ପ୍ରତାପ ସାହୁ ସତ୍ୟସାଇ ବିହାରୀ ରମେଶ ପୋଥାଳ ମାୟାଧର ବିହାରୀ ସୁଲେଖ କୁମାର ସାହୁ ଗୋପବନ୍ଧୁ ଦାସବସନ୍ତ କୁମାର ମହଲା, ଉଦୟ ପାତ୍ର, ଉମାଶଙ୍କର ସାହୁ, ସାଇଶ୍ୱର ବେହେରା, ପ୍ରତାପ ପରିଡ଼ା, ଗଣେଶ୍ୱର ସାହୁ, ଭଉଣୀ ବିଦ୍ୟୁଲତା ପରିଡ଼ା, ସଂଯୁକ୍ତା ଦାସ, ଗାୟତ୍ରୀ ବେହେରା, ଖୁଲଣା ଦାସ, ନମିତା ଦାସ, ଲିଜାରାଣୀ ଦାସ, ପୂଜାରାଣୀ ଦାସ, ବବିନା ଦାସ, ପ୍ରତିମା ଦାସ, ରୋଜାଲିନ ବେହେରା, ପ୍ରତିଭା ନାଥ ଏମାନେ ଭାଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମଜୟନ୍ତୀରେ ଯୋଗଦେଇ ଆଶୀର୍ବାଦ ଲାଭ କରିଥିଲେ। ସେହିପରି ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପର ଗ୍ରାମର ଶ୍ରୀ ସତ୍ୟସାଇ ବିଦ୍ୟାବିହାର ବିଦ୍ୟାଳୟ ପରିସରେ ସତ୍ୟସାଇ ବାବାଙ୍କ ୯୯ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଯଦୁପୁର ଗ୍ରାମର ସାଧାରଣ ଜନତା ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭଜନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବ ସତ୍ୟସାଇ ସଂଗଠନର ମୁଖ୍ୟ ଅରୁଣ କୁମାର ପଣ୍ଡା ଯୋଗଦେଇ ବାବାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ନାୟକଙ୍କ ପ୍ରଯୋଜନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବାବାଙ୍କ ଉଦେଶ୍ୟରେ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ବିଜେପି ଯୁବନେତା ଭୀକାରି ଚରଣ ବେହେରା ଯୁବ ସମାଜସେବୀ ଶ୍ରୀକାନ୍ତ ବେଉରା ସନ୍ତୋଷ ବେହେରାଙ୍କ ଦ୍ୱାରା ଯଦୁପୁର ସତ୍ୟସାଇ ସେବା ଟ୍ରଷ୍ଟ ପକ୍ଷରୁ ବୃଦ୍ଧବୃଦ୍ଧା ଅସହାୟ ପରିବାରଙ୍କୁ ଶୀତବସ୍ତ୍ର ବଂଟନ କରାଯାଇଥିଲା।

# ବେଆଇନ୍ କଫସିରପ ଓ ସଟ୍ଟା ଆସରରୁ ୫ ଗିରଫ: ନଗଦ ଟଙ୍କା ଜବତ

ସମ୍ବଲପୁର, ୨୪/୧୧ (ନି.ପ୍ର): ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସମ୍ବଲପୁର ସହରକୁ ନିଶାମୁକ୍ତ କରିବା ଅଭିମୁଖେ ଉଦ୍ୟମ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ଶନିବାର ମଧ୍ୟ ବ୍ୟାପକ ପରିମାଣର ନିଷିଦ୍ଧ ନିଶା କଫ୍‌ସିରପ ଓ ବେଆଇନ ଭାବେ ଚାଲିଥିବା ସଟ୍ଟା କାରବାରରେ ଲିପ୍ତ ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ଠାରୁ ପୋଲିସ ଶହେ ମିଲିଲିଟରେ ବିଶିଷ୍ଟ ୧୧୫ ବୋତଲ ୱିନ୍ସିରେକ୍ସ ନିଶା କଫ୍ ?ସିରପ, ୧୫ଟି ଶହେ ମିଲିଲିଟର ବିଶିଷ୍ଟ ବେଶୀମଦ ପାଉଚ, ପ୍ରାୟ ୧ ଲିଟର ଅପମିଶ୍ରିତ କଫସିରପ, ଦୁଇ ଷ୍ଟ୍ରିପ୍ ନାଇଟ୍ରଜେପାମ୍ ନିଶା ବଟିକା ସହିତ ସଟ୍ଟାପଟି, ସଟ୍ଟାଖାତା କଲମ ଓ ମୋଟ ନଗଦ ୨୭ହଜାର ୭୭୦ ଟଙ୍କା ଜବତ କରିଛି । ସମ୍ବଲପୁର ସଦର ଏସ୍ ?ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି ଯେ ସମ୍ବଲପୁରରେ ଚାଲିଥିବା ନିଶାମୁକ୍ତ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପୋଲିସର ସ୍ୱତନ୍ତ୍ର ଦଳ ଚଢ଼ାଉ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ବେଆଇନ ଭାବେ ନିଶା କଫସିରପ କାରବାର ଚାଲିଥିବା ବେଳେ ରେମେଡ-ହୀରାକୁଦ ରାସ୍ତାର ଚେପ୍ ?ଟିପୁଲିଆ ନିକଟରେ ଚଢ଼ାଉ କରି ବରେଇପାଲିଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ତାରାକଣା ଗ୍ରାମର ସୁଦାମ ସୁନାନୀ(୨୬), ସମ୍ବଲପୁର ବରେଇପାଲି ଥାନା ଅନ୍ତର୍ଗତ ମିଲପଡ଼ାର ମୁକ୍ତିଲଭ ମହାକୁଦ(୧୯) ଓ ତାଲଭଟାପଡ଼ାର ସୁନିଲ ମହାନ୍ତି(୨୦) ରହିଛନ୍ତି । ସେମାନଙ୍କ ନିକଟରୁ ଶହେ ମିଲିଲିଟର ବିଶିଷ୍ଟ ୧୧୫ ବୋତଲ ନିଷିଦ୍ଧ ନିଶା କଫସିରପକୁ ଜବତ କରିଛି । ଏହାସହ ଏକ ଲିଟର ଅପମିଶ୍ରିତ ନିଶା କଫସିରପ, ଦୁଇ ଷ୍ଟ୍ରିପ୍ ନାଇଟ୍ରାଜେପାମ୍ ନିଶା ବଟିକା, ଶହେ ମିଲିଲିଟର ବିଶିଷ୍ଟ ୧୫ଟି ଦେଶୀମଦ ପାଉଚ ଓ ୨ଶହ ଟଙ୍କା ନଗଦ ରାଶିକୁ ଜବତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।ଏତଦ୍ ବ୍ୟତୀତ ସମ୍ବଲପୁର ଟାଉନଥାନା ପୋଲିସ ମଧ୍ୟ ପୃଥକ ଭାବେ ଦୁଇଟି ସ୍ଥାନରେ ଚଢ଼ାଉ କରି ବେଆଇନ୍ ଭାବେ ସଟ୍ଟା କାରବାରରେ ଲିପ୍ତ ୨ ଅଭିଯୁକ୍ତ ଗିରଫ କରିଛି। ଗୁରଦ୍ୱାରା ପଡ଼ାରେ ଚଢ଼ାଉ କରି ଆମ୍ବେଦକର ନଗରର ପିଙ୍କୁ ରାଜହଂସ(୨୨)ଙ୍କୁ ଗିରଫ କରିବା ସହ ତାଙ୍କଠାରୁ ସଟ୍ଟାପଟି, ସଟ୍ଟାଖାତା ସହ ୧୨୨୦ ଟଙ୍କା ଜବତ କରିଛି । ସେହପରି ପିରବାବା ଛକରେ ଚଢ଼ାଉ କରି ଭୈରୋଗଳିର କୈଳାଶ ଶର୍ମା(୬୯)ଙ୍କୁ ଗିରଫ କରି ତାଙ୍କ ଠାରୁ ମଧ୍ୟ ସଟ୍ଟାପଟି ଓ ସଟ୍ଟାଖାତା ସହିତ ୨୬୩୫୦ ଟଙ୍କା ଜବତ କରିଛି ।

# ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ପ୍ରଜନ୍ମ କବିତା ସମ୍ମାନ -୨୦୨୪

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଗୀତଗୋବିଂଦ ସଦନ ଭୁବନେଶ୍ୱରଠାରେ ଆୟୋଜିତ 'ପ୍ରଜନ୍ମ' ସାହିତ୍ୟ ପତ୍ରିକାର ବାର୍ଷିକୋତ୍ସବରେ ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବସଂତ କୁମାର ପଣ୍ଡା 'ପ୍ରଜନ୍ମ କବିତା ସମ୍ମାନ-୨୦୨୪' କବି ସୁରେନ୍ଦ୍ର ପାଣିଗ୍ରାହୀଂକୁ ପ୍ରଦାନ କରିଛନ୍ତି । ଏହି ଉତ୍ସବରେ ପ୍ରଖ୍ୟାତ ନାଟ୍ୟକାର ଡ.ରମେଶ ପାଣିଗ୍ରାହୀଂକୁ 'ପ୍ରଜନ୍ମ ଶୂଦ୍ରମୁନି ସମ୍ମାନ ' ପ୍ରଦାନ କରାଯାଇଛି । ବିଶିଷ୍ଟ ଗାଳ୍ପିକ ପ୍ରକାଶ ପରିଡ଼ାଂକୁ ଉପନ୍ୟାସ ପାଇଁ ଓ ବିଶିଷ୍ଟ କଥାକାର ଅନୀଲ ପାଢୀଂକୁ ଉପନ୍ୟାସ ,ଡ.ପ୍ରଫୁଲ୍ଲ କୁମାର ପାଣିଂକୁ ପ୍ରବଂଧ, ନାରାୟଣୀ ବୁକ୍ ଷ୍ଟଲ୍ ର ବାବୁ କଲା ବେହେରାଂକୁ 'ଶ୍ରେଷ ବିତରକ' ନିମଂତେ ସମ୍ମାନିତ କରାଯାଇଥିଲା । ଉକ୍ତ ଉତ୍ସବରେ ବରିଷ୍ଠ କବି ମନୋରମା ବିଶ୍ୱାଳ ମହାପାତ୍ର, ବିଶିଷ୍ଟ କଥାକାର ଭୀମ ପୃଷ୍ଟି,ବିଶିଷ୍ଟ କଥାକାର ଡ.ଅଜୟ ସ୍ୱାଇଁ,ବିଶିଷ୍ଟ ସାହିତ୍ୟିକ ଡ.ମିହିର କୁମାର ସାହୁ, ବିଶିଷ୍ଟ ସାହିତ୍ୟିକ




ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ,ବିଶିଷ୍ଟ କବି ରକ୍ଷକ ନାୟକ ଆଦି ସମ୍ମାନିତ ଅତିଥି ଗଣ ବିଭିନ୍ନ ସାହିତ୍ୟ ପୁରସ୍କାର ପ୍ରଦାନ କରିଥିଲେ। ଏତଦବ୍ୟତୀତ ବିଶିଷ୍ଟ କବି 'କଥାକଥା କବିତା'ର ସଂପାଦକ ଅକ୍ଷୟ କୁମାର ବେହେରା,ବିଶିଷ୍ଟ କବି ଉମାକାଂତ ରାଉତ , ଅଧ୍ୟାପିକା ଶର୍ମିଷ୍ଠା ମହାପାତ୍ର, ପ୍ରବୀଣ କବି ଶ୍ରୀଗୋବିଂଦ, ଯୁବକବି ଅଂଶୁମାନ ସାହୁ, ଯୁବ କବି ମନୀଷା ବିଶ୍ୱାଳ , ଯୁବକବି ସତ୍ୟ ଶିବସୁଂଦର ଦାସ ,ଯୁବକବି ଶୀତଲ ମିଶ୍ର, ଯୁବକବି ରଶ୍ମିତା ବେହେରା, ଯୁବକବି ସୌମ୍ୟରଂଜନ ମହାଂତି ଆଦି ବହୁ ସାହିତ୍ୟିକ ଉପସ୍ଥିତ ଥିଲେ । ଉକ୍ତ ଉତ୍ସବରେ ସୁଂଦର ଡିଜାଇନ୍ ଓ ଆମ ସମୟର ଚମତ୍କାର ରଚନା ସଂଭାରରେ ସମୃଦ୍ଧ ଶାରଦୀୟ 'ପ୍ରଜନ୍ମ' ପତ୍ରିକା ଉନ୍ମୋଚିତ ହୋଇଥିଲା ।ଏହି ଉତ୍ସବର ଅନ୍ୟ ଏକ ଆକର୍ଷଣ ଥିଲା ଯୁବକବି ମାନଂକର ଚମତ୍କାର କବିତା ପାଠ। ମୋର ଏକ କବିତାର ପ୍ରକାଶନ ଓ ଏହି ଭବ୍ୟ ଉତ୍ସବର ଆୟୋଜନ ନିମଂତେ ପତ୍ରିକାର ସଂପାଦକ କବି ପ୍ରାଧ୍ୟାପକ ଡ.ଦେବାନଂଦ ଦାସଂକୁ ଅନେକାନେକ ଧନ୍ୟବାଦ ।

# ଟୋଲଗେଟ୍‌କୁ ଧକ୍କା ଦେଇ ଜଳିଗଲା କଣ୍ଟେନର: ଡ୍ରାଇଭର ଜୀବନ୍ତଦଗ୍ଧ



ଜଳେଶ୍ୱର ୨୪/୧୧(ନିପ୍ର): ଜଳେଶ୍ୱରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ପଶ୍ଚିମବଙ୍ଗରୁ ଓଡିଶା ଅଭିମୁଖେ ଆସି ଲକ୍ଷ୍ମଣନାଥ ଟୋଲ ପ୍ଲାଜାକୁ ଧକ୍କା ଦେଇ ଜଳିଗଲା କଣ୍ଟେନର ।ଅଳ୍ପକେ ରକ୍ଷା ପାଇଲେ ଟୋଲପ୍ଲାଜା କର୍ମଚାରୀ । ଜୀବନ୍ତ ଦଗ୍ଧ ହେଲେ କଣ୍ଟେନର ଡ୍ରାଇଭର । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ଟୋଲପ୍ଲାଜା ଠାରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ଜଳେଶ୍ୱର ଟୋଲ୍ ପ୍ଲାଜାରେ ଭୟଙ୍କର ଦୁର୍ଘଟଣା। ରାତି ୨ଟା ୩୦ ଦ୍ରୁତଗତିରେ ଆସି ଲକ୍ଷ୍ମଣନାଥ ଟୋଲ୍ କାଉଣ୍ଟରକୁ ପିଟିଲା କଣ୍ଟେନର । ଦୁର୍ଘଟଣା ପରେ ହଠାତ ଜଳିଉଠିଲା କଣ୍ଟେନର। ଦୁର୍ଘଟଣାସ୍ଥଳରେ ଜୀବନ୍ତ ଜଳିଗଲା ଡ୍ରାଇଭର। ଅଳ୍ପକେ ବର୍ତ୍ତିଗଲେ ଟୋଲ୍ ପ୍ଲାଜା କର୍ମଚାରୀ। କିନ୍ତୁ ଜୋରଦାର ଦୁର୍ଘଟଣା ଫଳରେ ବ୍ଲାକ୍‌ଆଉଟ୍ ହୋଇଯାଇଥିଲା ଟୋଲ୍ ପ୍ଲାଜା। ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ଉଭୟ ପହଞ୍ଚିଥିଲେ । ଜଳେଶ୍ୱର ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ପ୍ରାୟ ଏକ ଘଣ୍ଟା ଅପରେସନ ପରେ ନିଆଁକୁ ଆୟତ କରିଥିବା ବେଳେ ଜଳେଶ୍ୱର ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ତେବେ ଡ୍ରାଇଭର ଆଖି ଲାଗି ଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟଲୋକେ କହିଛନ୍ତି । ବର୍ତ୍ତମାନ ସୁଦ୍ଧା ଡ୍ରାଇଭରର ପରିଚୟ ମିଳି ପାରିନାହିଁ । ଅନ୍ୟପଟେ ହାଇୱେର କର୍ମଚାରୀ କ୍ରେନ ସାହାର୍ଯ୍ୟରେ କଣ୍ଟେନରକୁ ହଟାଇ ଥିଲେ । କଣ୍ଟେନର ଧକ୍କାରେ ଟୋଲପ୍ଲାଜର ସମସ୍ତ କାର୍ଯ୍ୟ ଠପ ହୋଇ ପଡିଛି ।

# ଗୌରୀମଣ୍ଡଳ ଶାଖାର ୪୫ତମ ବାର୍ଷିକ ପାଲାଗାୟକ ସମ୍ମିଳନୀ

ବାଲିଅନ୍ତା, ୨୪/୧୧ (ନି.ପ୍ର): ବାଲିଅନ୍ତା ବ୍ଲକ ପ୍ରତାପଶାସନ ପଞ୍ଚାୟତ ଅନ୍ତର୍ଗତ ସାତକାଣିଆ ସ୍ଥିତ ରୁଦ୍ର ମହାବୀର ମନ୍ଦିର ପରିସରରେ ଆଜି ଅଖଣ୍ଡ ପୁରୀ ଜିଲ୍ଲା ଅଧୀନ ଉତ୍ତରା ଗୌରୀମଣ୍ଡଳ ଶାଖା ପକ୍ଷରୁ ୪୫ତମ ବାର୍ଷିକ ପାଲାଗାୟକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାରେ ପୁରୀ ଜିଲ୍ଲା ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ ସଭାପତିତ୍ୱ କରିଥିଲେ। ସ୍ୱାମୀ ସ୍ୱରୂପା ନନ୍ଦଜୀ, ନିକ୍ଷିଳୋତ୍କଳ ପାଲାଗାୟକ ପରିଷଦ ରାଜ୍ୟ ସଭାପତି ମଦନ ମୋହନ




ଜେନା, ଗେ ?ରୀ ମଣ୍ଡଳ ସଭାପତି ଉଲ୍ଲାସ ଚନ୍ଦ୍ର ଷଡ଼ଙ୍ଗୀ, ସଂପାଦକ କାଶୀନାଥ ଜେନା, ସଂଜୀବ ପାଇକରାୟ, ଯୁଧିଷ୍ଠିର ପରିଜା, ସମାଜସେବୀ ପବିତ୍ର ମୋହନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାମ୍ବାଦିକ ନିରଞ୍ଜନ ସେନାପତି, କବି ପୁରୁଷୋତ୍ତମ ସାହୁ, କ୍ରୀଡ଼ା ପ୍ରଶିକ୍ଷକ ଉମାକାନ୍ତ ବେହେରା, ସମାଜସେବୀ ସରୋଜ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀରେ ପିପିଲି, ଉତ୍ତରା, ବାଲିଅନ୍ତା, ବାଲିପାଟଣା, ନଖରା, ନିମାପଡ଼ା, ନିଆଳି , ଧଉଳି ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ପାଲା ଗାୟକ ଯୋଗ ଦେଇଥିଲେ। ଏହା ସହିତ ବିଭିନ୍ନ ଅଞ୍ଚଳର ୪୫ ଜଣ କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନାମ ଧନ୍ୟ ଗାୟକ ବସନ୍ତ ପୂଜାରୀ ଓ ଗୋବିନ୍ଦ ଚନ୍ଦ୍ର ଦାଶ ପାଲା ପରିବେଷଣ କରିଥିଲେ । ବାଲିଅନ୍ତା ପାଲାଗାୟକ ସଂଘ ଉପ ସଭାପତି ଗାୟକ ସନ୍ତୋଷ କୁମାର ବେହେରା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଡକ୍ଟର ପ୍ରଦୀପ ଦାଶ ପାଇଲେ 'ଆଜ୍ ତକ୍ ସାହିତ୍ୟ ଜାଗୃତି ସମ୍ମାନ'

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଦେଶର ଅନ୍ୟତମ ପ୍ରମୁଖ ଓ ପୁରାତନ ସମ୍ବାଦଭିତ୍ତିକ ପତ୍ରିକା ଏବଂ ସମ୍ବାଦ ବୁଲେଟିନ୍ 'ଇଣ୍ଡିଆ ଟୁଡେ' ଓ ' ଆଜ୍ ତକ୍' ପକ୍ଷରୁ ଗତ ୬ ବର୍ଷ ଧରି ଆୟୋଜିତ ହେଉଥିବା 'ସାହିତ୍ୟ ଆଜ୍ ତକ୍'ର ୬ଷ୍ଠ ବର୍ଷରେ ୨ୟ 'ଆଜ୍ ତକ୍ ସାହିତ୍ୟ ଜାଗୃତି ସମ୍ମାନ' ବିଶିଷ୍ଟ କଥାକାର ଔପନ୍ୟାସିକ ଡକ୍ଟର ପ୍ରଦୀପ ଦାଶଙ୍କୁ ପ୍ରଦାନ କରାଯାଇଛି । ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ୍ ଠାରେ ଚଳିତ ମାସ ୨୨ ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଭାରତର ମହାମାନ୍ୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହସ୍ତରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ଡକ୍ଟର ଦାଶ । ପୁରସ୍କାର ସ୍ୱରୂପ ତାଙ୍କୁ ଏକ ଫଳକ ସମେତ ଏକ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି । ତାଙ୍କର ବହୁଚର୍ଚ୍ଚିତ ଉପନ୍ୟାସ 'ଚରୁ ଚିବର ଓ ଚର୍ଯ୍ୟା' ନିମନ୍ତେ ତାଙ୍କୁ ଏହି ପୁରସ୍କାର ମିଳିଛି । ଏହା ପୂର୍ବରୁ ସେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ଓ ଇମ୍ପାଗ୍ରୁପ୍ ପ୍ରଦତ୍ତ 'ସାରଳା ସମ୍ମାନ' ପ୍ରାପ୍ତ ହୋଇଛନ୍ତି । ତାଙ୍କର ପ୍ରକାଶିତ ଅନ୍ୟ ପୁସ୍ତକଗୁଡିକ ହେଉଛି 'ଘୁମ୍ ପାହାଡ଼ର ନଈ', 'ବର୍ବର', 'ମୀମାଂସା', 'ଅର୍ଘ୍ୟ' ଓ



'ପେଟପାଟଣା' । 'ଚରୁ ଚିବର ଓ ଚର୍ଯ୍ୟା' ପୁସ୍ତକ ସମେତ ତାଙ୍କର ଅନେକ ପୁସ୍ତକ ହିନ୍ଦୀ ସମେତ ଅନ୍ୟାନ୍ୟ ଭାଷାରେ ଅନୂଦିତ ହୋଇ ବୃହତହତର ପାଠକସମାଜ ଦ୍ୱାରା ଆଦୃତ ହୋଇଛି । ଜଣେ ପ୍ରଶାସନିକ ଅଧିକାରୀ ଭାବରେ ଶ୍ରୀମନ୍ଦିର ପ୍ରଶାସକ ଏବଂ ରାଜ୍ୟ ସ୍କୁଲ୍ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରି ଡକ୍ଟର ଦାଶ ଅବସର ଗ୍ରହଣ କରିଥିଲେ । ତାଙ୍କର ସଫଳତାରେ ତାଙ୍କର ପାଠକ, ପ୍ରକାଶକ, ସତୀର୍ଥ ଲେଖକସମୁଦାୟ ଏବଂ ଶୁଭେଚ୍ଛୁମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ପିତାଙ୍କ ସ୍ମୃତିରେ ଅସହାୟଙ୍କୁ ଭାଇ ଭଉଣୀଙ୍କ ମୁହଁରେ ହସ ଫୁଟାଇଲେ



ଖଇରା,୨୪/୧୧(ନିପ୍ର)ଔପଦା ବ୍ଲକ ରାଇରାମଚନ୍ଦ୍ରପୁର ପ ।ୟତ ମହିଷାଡାଳି ଅଦିବାସୀ ସାହିର ଅସହାୟ ଭାଇ ଭଉଣୀଙ୍କ ମୁହଁରେ ହସ ଫୁଟାଇଲେ ପଣ୍ଡାପରିବାର । ଏହି ଗ୍ରାମର ଗୋପାଳ ସିଂ ଙ୍କର ଆଜକୁ ୫ବର୍ଷ ପୂର୍ବେ ଦେହାନ୍ତ ଘଟିଥିବା ବେଳେ ୧୫ ଦିନତଳେ ସ୍ତ୍ରୀ ମାଳତି ସିଂଙ୍କର ଦେହାନ୍ତ ଘଟିଥିଲା । ମା ବାପାଙ୍କର ମୃତ୍ୟୁ ପରେ ବେସାହାରେ ଏବେ ହୋଇ ପଡିଛନ୍ତି ୩ଭଉଣୀ ଆଉ ଜଣେ ଭାଇ । ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ସମାଜ ସେବୀ ତଥା କବି ସ୍ୱର୍ଗତ ରାଧାଶ୍ୟାମ ପଣ୍ଡା ଙ୍କ ପରିବାର ତରଫରୁ ପଢୁଆ ଅଷ୍ଟମୀରେ ୪ ଭାଇ ଭଉଣୀଙ୍କୁ ପଢୁଆ କରିବା ସହିତ ମିଠା ଖୁଆଇ ଥିଲେ ।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ନହେଲେ ଆନ୍ଦୋଳନ ଚେତାବନୀ

ବାଲେଶ୍ୱର, ୨୪/୧୧ (ନି.ପ୍ର): ବାଲେଶ୍ୱରରେ ସରକାରୀ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଜିଲାବାସୀଙ୍କ ପକ୍ଷରୁ ଦୀର୍ଘ ୩ ବର୍ଷଧରି ଉଦ୍ୟମ ଜାରି ରହିଥିଲେ ବି ଅଦ୍ୟାବଧି ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏଣିକି ଚାପ ସୃଷ୍ଟି ପାଇଁ ଜିଲାବ୍ୟାପୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା, ଉପ-ସଭାପତି ହରନାରାୟଣ ମଢୁଆଲ, ଡ. କ୍ଷିତୀଶ୍ୱର ଦାଶ,



ଅପର୍ଣ୍ଣା ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଚୌଧୁରୀ ଅଭୟ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ବାଲେଶ୍ୱର ପାଇଁ କୃଷି ମହାବିଦ୍ୟାଳୟର ଆବଶ୍ୟକତା ଓ ସରକାରୀ ଉଦାସୀନତା ସମ୍ପର୍କରେ ସୂଚନା ଦେଇଛନ୍ତି। ଧାନ, ପାନ ଓ ମୀନର ଜିଲା ବାଲେଶ୍ୱର ଏବେ ଧାନ ଉତ୍ପାଦନରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ ଅଭାବରୁ ଦୀର୍ଘବର୍ଷ ଧରି ରାଜ୍ୟରେ କୃଷକମାନେ ପୂର୍ବଭଳି ପାରମ୍ପରିକ ଚାଷକୁ ଅଦ୍ୟାବଧି ଧରିଚାଲିଛନ୍ତି। ରାଜ୍ୟର କୃଷି ଓ କୃଷକର ବିକାଶ ପାଇଁ ଉନ୍ନତ ବିହନ, ଜଳସେଚନ, ଅତ୍ୟାଧୁନିକ କୃଷି ଯନ୍ତ୍ରପାତି, ଶୀତଳ ଭଣ୍ଡାର, କୃଷି ଭିତ୍ତିକ ଶିଳ୍ପ ଓ ସମନ୍ୱିତ କୃଷି ପ୍ରତି ପୂର୍ବ ସରକାର ବିଶେଷ ଗୁରୁତ୍ୱ ଦେଇ ନାହାନ୍ତି। ସବୁଠାରୁ ବଡ଼କଥା ହେଲା ଭାରତର ଅନ୍ୟାନ୍ୟ ଅଗ୍ରଣୀ ରାଜ୍ୟ ଭଳି ଓଡ଼ିଶାର ଚାଷୀଙ୍କ ଆବଶ୍ୟକତା ପୂରଣ ନେଇ ସରକାର ଅଦ୍ୟାବଧି ଦୃଷ୍ଟି ଦେଇନାହାନ୍ତି। ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ, ପଞ୍ଜାବ, ହରିଆନା, ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ର ପ୍ରଭୃତି ପ୍ରତ୍ୟେକ ରାଜ୍ୟରେ ୨୦ରୁ ଅଧିକ ସରକାରୀ କୃଷି ମହାବିଦ୍ୟାଳୟ ରହିଥିବା ବେଳେ ଗବେଷଣାରୁ ଆବିଷ୍କାର ନୂତନ ଜ୍ଞାନ କୌଶଳକୁ ସେଠାରେ ଚାଷୀମାନେ ବ୍ୟବହାର କରି ବେଶ୍ ଲାଭବାନ ହୋଇପାରୁଛନ୍ତି। ମାତ୍ର ତୁଳନାତ୍ମକ ଭାବେ ଓଡ଼ିଶାରେ ୩ଟି ସରକାରୀ କୃଷି ମହାବିଦ୍ୟାଳୟ ଓ ୨/୩ ଟି ଘରୋଇ କୃଷି ମହାବିଦ୍ୟାଳୟ ସମୁଦ୍ରକୁ ଶଙ୍ଖେ ହୋଇଛି। କୃଷିର ବିକାଶ ଓ କୃଷକର ଉନ୍ନତି ପାଇଁ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରତି ରାଜ୍ୟର ପୂର୍ବ ସରକାର ବିଶେଷ ଦୃଷ୍ଟି ଦେଲେନି, ଆପାତତଃ ବର୍ତ୍ତମାନର ନୂଆ ସରକାର ଗୁରୁତ୍ୱ ଦେବେ ? ? ବୋଲି କ୍ରିୟାନୁଷ୍ଠାନ କର୍ମକର୍ତ୍ତା ଆଶା ପ୍ରକାଶ କରିଛନ୍ତି। ତେବେ ଆସନ୍ତା ବିଧାନସଭା ଅଧିବେଶନରେ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ଉଚିତ ନିଷ୍ପତ୍ତି ତଥା ପଦକ୍ଷେପ ନିଆନଗଲେ ପରବର୍ତ୍ତୀ ସମୟରେ ଜିଲା ବ୍ୟାପୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ ହେବ ବୋଲି ସମିତିର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### 'ଓଡ଼ିଶା ସନ୍ଥ ଓ ବିଦ୍ୱାନଙ୍କ ...

ସେତେବେଳେ ଓଡିଆମାନେ ସମୁଦ୍ରରେ ଯାତ୍ରା କରୁଥିଲେ। ଉତ୍କଳବାସୀ ସାମୁଦ୍ରିକ ସାମର୍ଥ୍ୟକୁ ବିସ୍ତାର ଦେଇଥିବା ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ସେ ଆହୁରି କହିଛନ୍ତି, ୨୦୩୬ରେ ଓଡ଼ିଶା ରାଜ୍ୟ ସ୍ଥାପନର ୧୦୦ ବର୍ଷ ପୂର୍ତ୍ତି ପାଳିବ। ଦିନ ଥିଲା ପୂର୍ବ ଭାରତକୁ ପଛୁଆ ମନେ କରା ଯାଉଥିଲା। ମୁଁ କିନ୍ତୁ ପୂର୍ବ ଭାରତକୁ ବିକାଶର ଇଞ୍ଜିନ୍ ମନେ କଲି। ଗତବର୍ଷ ଅପେକ୍ଷା ଏଥର ଓଡ଼ିଶାକୁ ୩୦% ଅଧିକ ବଜେଟ୍ ଦିଆଯାଇଛି। ଓଡ଼ିଶା ହେଉଛି ମାଇନିଂ ଓ ମେଟାଲ୍ ପାୱାର ହବ୍। ନୂଆ ସରକାର ଗଠନର ଶହେ ଦିନରେ ୪୫ ହଜାର କୋଟି ନିବେଶକୁ ମଞ୍ଜୁରୀ ମିଳିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

### ରତ୍ନଭଣ୍ଡାରରେ ନାହିଁ ...

ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ଯେ ରତ୍ନଭଣ୍ଡାର ଭିତରେ ଧାତବ ଦ୍ରବ୍ୟ ଥିବାର ଯେଉଁ ପରିକଳ୍ପନା ଥିଲା, ସେମିତି କିଛି ବି ନାହିଁ। ଜାନୁଆରୀ ୩୧ ସୁଦ୍ଧା ରତ୍ନଭଣ୍ଡାର ମରାମତି ସହ ଗଣତି ମଣତି କାମ ସାରିବାକୁ ବି ଲକ୍ଷ୍ୟ ରଖାଯାଇଛି। ଆଗେ ଭଣ୍ଡାରଗୃହ ମରାମତି କାମ ସରିଲେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାର ତା ଭିତରକୁ ଯିବ। ତାପରେ ସୁରକ୍ଷିତ ପରିବେଶ ଓ ପରିସ୍ଥିତିରେ ଗଣତି ମଣତି କରାଯିବ। ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କି କୋଠରୀ ନଥିବା କଥାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଶ୍ରୀମନ୍ଦିର ସେବାୟତ ଓ ଜଗନ୍ନାଥ ସଂସ୍କୃତି ଗବେଷକ। ଏମିତିକି ବଳି ପାତାଳ ମନ୍ଦିରରୁ ସୁଡଙ୍ଗ ସନ୍ଦେହକୁ କାହିଁକି ଗୁରୁତ୍ୱ ଦିଆନଯାଇ ଲେଜର ସ୍କାନିଂ କରାହେଲା ନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏଥିସହ ଜିପିଆର ସର୍ଭେ ରିପୋର୍ଟରେ କି ତଥ୍ୟ ଆସିଛି ତାକୁ ସାର୍ବଜନୀନ କରିବାକୁ ବି ଦାବି କରିଛନ୍ତି। ସେପଟେ ଏଏସଆଇ ସୁପରିଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ମଧ ରତ୍ନଭଣ୍ଡାରରେ ସୁଡ଼ଙ୍ଗ ନଥିବା କହିଥିବାବେଳେ ଏହାର ପଶ୍ଚିମ ଓ ପୂର୍ବପଟ କାନ୍ଥରେ କ୍ରାକ୍ ସହ ଚଟାଣ ମରାମତି ଦରକାର ବୋଲି କହିଛନ୍ତି। ଛତିଶା ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନଙ୍କ ସହମତିରେ ଯେଉଁ ତାରିଖ ଆସିବ, ସେମାନେ ତୁରନ୍ତ ମରାମତି କାମ ଆରମ୍ଭ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଗୋଟିଏ ପଟେ ଏଯାଏଁ ଶ୍ରୀମନ୍ଦିରର ନୂଆ ପରିଚାଳନା କମିଟି ଗଠନ ହୋଇନଥିବାବେଳେ ଅନ୍ୟପଟେ ଆଗକୁ ଆସୁଛି ଡିସେମ୍ବର ଓ ଜାନୁଆରୀ ଟୁରିଜିମ୍ ମାସ। ତେଣୁ ଏ ସମୟରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ଭିତରେ କେତେ ସୁବିଧାରେ ରତ୍ନଭଣ୍ଡାର ମରାମତି ହେବ, ତାକୁ ନେଇ ବି ଉଠିଛି ପ୍ରଶ୍ନ।

### ବିଧାୟକ ହିମାଂଶୁ ସାହୁଙ୍କୁ ...

ବିଧାୟକଙ୍କୁ ଆକ୍ରମଣ, ରାସ୍ତାରୋକ ଓ ଥାନା ଘେରାଉ ଘଟଣା ଏଥିରେ ସାମିଲ ରହିଛି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉପରେ ପ୍ରାଣାନ୍ତକ ଆକ୍ରମଣ ଓ ବିରଜା ହାଟରେ ହୋଇଥିବା ହାତାହାତି ଘଟଣାରେ ଯାଜପୁର ପୁଲିସ ଶୂନ୍ୟ ସହନଶୀଳତା ନୀତି ଆପଣେଇଛି। ଏହି ମାମଲାରେ ପ୍ରଥମେ ୧୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପରେ ଆଉ ୮ଜଣ ଗିରଫ ହୋଇଛନ୍ତି। ପୁଲିସ ନିଜ ଆଡୁ ଦୁଇଟି ମାମଲା ରୁଜୁ କରିଥିବା ବେଳେ ଅନ୍ୟ ଦୁଇଟି ମାମଲା ମଧ ରୁଜୁ ହୋଇଛି। ରୁଜୁ ହୋଇଥିବା ସମସ୍ତ ମାମଲାରେ ପୂର୍ବତନ ବିଧାୟକ ପ୍ରଣବପ୍ରକାଶ ଦାସ (ବବି)ଙ୍କ ଭାଇ ଭବପ୍ରସାଦ ଦାସ (ଲଲ)ଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଫଳରେ ଭବଙ୍କ ଅଡୁଆ ବଢ଼ିବାରେ ଲାଗିଥିଲା। ସେହିଭଳି ବବିଙ୍କ ଅନ୍ୟ ଜଣେ ଭାଇ ବଳଭଦ୍ର ଦାସ ଓ ଯାଜପୁର ପୌର ପରିଷଦର ଉପାଧକ୍ଷ ସନ୍ତୋଷ ମଲ୍ଲିକଙ୍କ ନାମରେ ମଧ ମାମଲା ରୁଜୁ ହୋଇଛି। ଏହାମଧରେ ଯାଜପୁରର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଗତକାଲିଠାରୁ ଆଜି ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାକ୍ରମରୁ ବବିଙ୍କ ଭାଇ ଭବଙ୍କୁ ପୁଲିସ ଗିରଫ କରିବ ବୋଲି ଆଶଙ୍କା କରାଯାଉଥିଲା। ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ ମାମଲାରେ ପ୍ରଥମେ ୧୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପରେ ଆଉ ୮ଜଣ ଗିରଫ ହୋଇଛନ୍ତି। ପୁଲିସ ନିଜ ଆଡୁ ଦୁଇଟି ମାମଲା ରୁଜୁ କରିଥିବା ବେଳେ ଅନ୍ୟ ଦୁଇଟି ମାମଲା ମଧ ରୁଜୁ ହୋଇଛି। ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ ଘଟଣାରେ ସାମନାକୁ ଆସି ଭବ ବିବାଦୀୟ ହୋଇପଡିଥିଲେ। ଏପରିକି ଆକ୍ରମଣ ପରେ ସେ ବିଧାୟକଙ୍କୁ ଫୋନ କରି କ୍ଷମା ପ୍ରାର୍ଥନା କରିଥିଲେ। ସେଦିନ ରାତିରେ ସେ ଥାନା ଘେରାଉକୁ ସମର୍ଥନ କରିବା ସହ ଗତ ଗୁରୁବାର ଦିନ ବିରଜା ହାଟକୁ ବ୍ୟବସାୟ ପାଇଁ ଆସିଥିବା ଚାଷୀ ଓ ବ୍ୟବସାୟୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଭବ ଓ ତାଙ୍କ ସମର୍ଥକମାନେ ଚାଷୀ ଏବଂ ବ୍ୟବସାୟୀଙ୍କ ବିକ୍ରୟ ସାମଗ୍ରୀ ପନିପରିବା, ଝୁଡ଼ି, ଓଜନ କଣ୍ଟାକୁ ଫିଙ୍ଗାଫୋପଡ଼ା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏଥିସହିତ ବହୁସଂଖ୍ୟାରେ ଏକତ୍ରିତ ହୋଇଥିବାରୁ ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଥିଲା।

### ନିୟମ ଉଲ୍ଲଂଘନ...

ଅଣଦେଖା କରାଯାଉଥିଲା। ରାଜଧାନୀ ଭୁବନେଶ୍ୱରର ସହିଦନଗରସ୍ଥିତ ବାର 'ଭୋକ୍ସପୋପ୍'କୁ ସିଲ କରାଯାଇଛି। ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଏହି ବାରକୁ ସିଲ୍ କରିଛି। ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସରକାରୀ ଗାଇଡଲାଇନ୍‌କୁ ଏହି ବାରରେ ଅଣଦେଖା କରାଯାଉଥିଲା। ଅବକାରୀ ବିଭାଗ ଜାଣିବାକୁ ପାଇଥିଲା ଯେ, ବାର 'ଭୋକ୍ସପୋପ୍' ବିଳମ୍ବିତ ରାତି ଯାଏଁ ଚାଲୁଥିଲା। ଅତି ବେଶୀରେ ଅନୁମତି ନେଇଥିଲେ ୧.୩୦ ଯାଏଁ ବାର୍ ଖୋଲିପାରିବାର ନିୟମ ରହିଛି। ହେଲେ ଏହି ବାର୍ ଭୋର୍ ୪ ଟା ଯାଏଁ ଖୋଲାଥିବା ଜାଣିବାକୁ ପାଇଥିଲା ଅବକାରୀ ବିଭାଗ। ସେହି ଆଧାରରେ ଆଜି ବାରରେ ଚଢାଉ କରି ବାରକୁ ତିନି ଦିନ ପାଇଁ ସିଲ୍ କରାଯାଇଛି ବୋଲି ଅବକାରୀ ବିଭାଗର ଅତିରିକ୍ତ ଏସ୍‌ପି ଆରିୟା ସଭ୍ୟତା ସୂଚନା ଦେଇଛନ୍ତି।

### ଆସୁଛନ୍ତି ରାଷ୍ଟ୍ରପତି...

ପରେ ସମଙ୍ଗ ପାର୍କିଂ, ବ୍ଲୁ ଫ୍ଲାଗ୍ ବିଚ୍, ରାଜଭବନ ସହ ସମୁଦ୍ର କୂଳ ଯାଇ ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ପରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଏସପିଙ୍କ କାର୍ଯ୍ୟାଳୟରେ ବୈଠକ କରିଥିଲେ ଡିଜିପି। ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଛନ୍ତି ଡିଜିପି ୱାଇ.ବି ଖୁରାନିଆ। ସୁରକ୍ଷା ଦାୟିତ୍ୱରେ ସମୁଦାୟ ୮୦ ପ୍ଲାଟୁନ ପୁଲିସ୍ ଫୋର୍ସ ସହ ୩୦୦ ବରିଷ୍ଠ ଅଧିକାରୀ ମୁତୟନ ହେବେ। ଭୁବନେଶ୍ୱର ଠାରୁ ପୁରୀ ଏବଂ ସମ୍ପୂର୍ଣ୍ଣ ପୁରୀ ସହରରେ ଟ୍ରାଫିକ୍ ଏବଂ ପାର୍କିଂ ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ସେହିପରି ଭିଆଇପି ଓ ଭିଭିଆଇପିଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି କହିଛନ୍ତି ଡିଜିପି। ନୌସେନା ଦିବସ ଅବସରରେ ୨୫ଟି ଜାହାଜ ସହ ୪୦ଟି ଏୟାରକ୍ରାଫ୍ଟ ଶୋ' ଦେଖିବାର ସୁଯୋଗ ପାଇବେ ଦର୍ଶକ। ତେଣୁ ଦର୍ଶକ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ମଧ ଗୁରୁତ୍ୱ ଦେଇଛି ପୁଲିସ ପ୍ରଶାସନ।

### ଆସିଲା ପ୍ରଥମ କିସ୍ତିର...

ଆୟୋଜିତ ବିଶାଳ ସମାବେଶରେ ଯୋଗ ଦେଇଥିଲେ। ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ୧୦ ଜଣ ମହିଳାଙ୍କୁ ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତିର ଡମି ଚେକ୍ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୋଭା ଶର୍ମା ଏବଂ ଜିଲ୍ଲାପାଳ ମନୋଜ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ପୂର୍ବ ବିଜେଡି ସରକାରକୁ ଟାର୍ଗେଟ୍ କରିଛନ୍ତି। ମହିଳାଙ୍କୁ ସୁଭଦ୍ରା ଟଙ୍କା ଛାଡ଼ିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବ ବିଜେଡି ସରକାର ଥିଲା ଘୋଷଣା ସରକାର। ପୂର୍ବ ସରକାର ମିଶନ ଶକ୍ତି ନେଇ ଖୁବ୍ ପ୍ରଚାର କରିଥିଲେ। ୭୦ ଲକ୍ଷ ସାମିଲ ନେଇ ଡିଣ୍ଡିମ ପିଟିଲେ, ହେଲେ ସେମାନଙ୍କ ପାଇଁ କିଛି କଲେନି। ସିଧାସଳଖ ସ୍ୱାବଲମ୍ବୀ ନେଇ ଆର୍ଥିକ ସହାୟତା ଦେଇନଥିଲେ। ହେଲେ ସେ ସମୟ ଯାଇଛି। ଆଗାମୀ ଦିନରେ ଓଡ଼ିଶା ସବୁ କ୍ଷେତ୍ରରେ ଶକ୍ତିଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଏସିଆରେ ସଙ୍କଟ ସୃଷ୍ଟି ...

କିନ୍ତୁ ତାଇୱାନ ସରକାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ପ୍ରସଙ୍ଗରେ ଆନୁଷ୍ଠାନିକ କୂଟନୈତିକ ସ୍ୱୀକୃତିର ଅଭାବ ସତ୍ତ୍ୱେ ଆମେରିକା ହେଉଛି ତାଇୱାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ ସମର୍ଥକ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ । ଆମେରିକାର ରାଷ୍ଟ୍ରପତି ଜୋ ବିଡେନ ସେପଟ୍ଟେମ୍ବରରେ ତାଇୱାନକୁ ୫୬୭ ମିଲିୟନ ଡଲାର ସାମରିକ ସହାୟତା ଅନୁମୋଦନ କରିଥିଲେ । ରୁଷ ଏହା ଉପରେ କହିଛି ଯେ ଏସିଆ ପ୍ରସଙ୍ଗରେ ଏହା ଚୀନ୍ ସହିତ ଛିଡା ହୋଇଛି। ଆମେରିକା ଚତୁରତାର ଏସିଆରେ ଏହାର ପ୍ରଭାବ ବଢାଇବାକୁ ଚେଷ୍ଟା କରୁଛି, ଯାହା ନିନ୍ଦନୀୟ।

### ମା'କୁ ପିଟି ପିଟି ...

ସେ ପିଟି ପିଟି ମା' ଲତା ନାଏକଙ୍କୁ ମାରି ଦେଇଥିଲେ। ଗାଁ ଲୋକ ଏ ସଂପର୍କରେ ପୁଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଅଭିଯୁକ୍ତ ସରୋଜଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ୍ ଘଟଣାସ୍ଥଳକୁ ଯାଞ୍ଚ କରିବା ସହିତ ଘଟଣାର ତଦନ୍ତ କରୁଛି।

### ଡିସେମ୍ବର ୨ରୁ ...

ଗଡ ଅକ୍ତିଆର କରି ଚାଲିଛନ୍ତି। କିନ୍ତୁ ନକ୍ସଲ କମଜୋର ନହୋଇ ନିଜର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ପ୍ରେସ ବିଜ୍ଞପ୍ତିରେ ପୁଲିସର ଦମନ ଲୀଳା ସଂପର୍କରେ ବଖାଣିଛନ୍ତି। ଅପରେସନ କଗାର ନାମରେ ନିରୀହ ଜନତାଙ୍କୁ ଅତ୍ୟାଚାର, ହତ୍ୟା ଭଳି କାର୍ଯ୍ୟ କରୁଥିବା ନେଇ ଅଭିଯୋଗ କରାଯାଇଛି। ସମସ୍ତେ ମିଳିମିଶି ପିଏଲଜିଏକୁ ଆଗକୁ ନେବା ଏବଂ ଅପରେସନ କଗାରକୁ ଦମନ କରିବା ବୋଲି ଅହ୍ୱାନ ଦେଇଛନ୍ତି। ଉତ୍ସାହ, ନିଷ୍ଠା ଏବଂ ସହସର ସହ ଦଳର କର୍ମୀ ଲାଗି ରହିଛନ୍ତି। ସେମାନଙ୍କୁ ଆହୁରି ଉତ୍ସାହିତ କରିବା ବୋଲି କୁହାଯାଇଛି। ଗତ ଦିନରେ ସହିଦ ହୋଇଥିବା କମ୍ରେଡମାନଙ୍କ ଉଦେଶ୍ୟରେ ସ୍ମୃତିଚାରଣ କରିବା ସହ ସେମାନଙ୍କର ବଳିଦାନକୁ ବ୍ୟର୍ଥ ଯିବାକୁ ଦେବା ନାହିଁ ବୋଲି କୁହାଯାଇଛି। ଜନସଂଗଠନରେ ଅଧିକାରୁ ଅଧିକା ଲୋକଙ୍କୁ ସାମିଲ କରିବା ବୋଲି ମଧ କୁହାଯାଇଛି ।ଗତ ପୁଲିସ ଏନକାଉଣ୍ଟରରେ ଆହତ ହୋଇଥିବା କମ୍ରେଡମାନଙ୍କୁ ତୁରନ୍ତ ସୁସ୍ଥ ହେବା ନେଇ ପ୍ରାର୍ଥନା କରାଯାଉଛି। ପୁଣି ସେମାନେ ସୁସ୍ଥ ହୋଇ ଯୁଦ୍ଧର ଦାୟୀତ୍ୱ ତୁଲାଇବେ ବୋଲି କୁହାଯାଇଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସରକାରୀ ମେଡ଼ିକାଲ କଲେଜ କ୍ରୀୟାନୁଷ୍ଠାନ କମିଟୀ ଜଳେଶ୍ୱର ଜୋନର ୧୦ମସମ୍ମିଳନୀ

ଜଳେଶ୍ୱର , ୨୪/୧୧ (ନି.ପ୍ର): ବାଲେଶ୍ୱର ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା କ୍ରୀୟାନୁଷ୍ଠାନ କମିଟୀ ଜଳେଶ୍ୱର ଜୋନର ୧୦ମ ସମ୍ମିଳନୀ ଜ୍ଞାନ ବିକାଶ ଇଂରାଜୀ ମିଡ଼ିୟମ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ,ଓ ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ଡ଼ାକ୍ତର, ଷ୍ଟାଫନିଯୁକ୍ତି, ଜଳେଶ୍ୱର ଡ଼ାକ୍ତରଖାନାରେ ବିଭିନ୍ନ ବିଭାଗର ସ୍ପେସାଲିଷ୍ଟ, ଟ୍ରାମା ସେଣ୍ଟର ଏବଂ ଫକୀରମୋହନ ମେଡିକାଲ କଲେଜରେ ହୃଦରୋଗ, କିଡ଼ନୀ , ମୁତ୍ରାଶୟ, କର୍କଟ, ମାନସିକ ବିଭାଗର ପ୍ରଫେସର ନିଯୁକ୍ତି ପ୍ରଭୃତି ଦାବୀ ପୂରଣ ନହେଲେ ବ୍ୟାପକ ଆନ୍ଦୋଳନ ହେବବୋଲି ସମ୍ମିଳନୀରେ ଦୃଢ଼ମତପ୍ରକାଶ ପାଇଥିଲା । ସମ୍ମିଳନୀରେ ବସ୍ତା, ଭୋଗରାଇ,ବାଲିଆପାଳ, ଏବଂ ଜଳେଶ୍ୱର ବ୍ଲକର ପ୍ରତିନିଧି ତଥା ଜିଲ୍ଲା କ୍ରୀୟାନୁଷ୍ଠାନ କମିଟୀର ନେତୃତ୍ୱ ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ । ଉକ୍ତ ସମ୍ମିଳନୀରେ ଜୋନାଲ ସଂଯୋଜକ ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱ କରିଥିଲେ ।ସମ୍ମିଳନୀକୁ ଡ଼,ଶ୍ରୀକାନ୍ତ ଚରଣ ପାତ୍ର ଉଦ୍‌ଘାଟନ କରିଥିଲେ । ଜିଲ୍ଲା କ୍ରୀୟାନୁଷ୍ଠାନ କମିଟୀର ସଭାପତି ନିରଞ୍ଜନ ପରିଡ଼ା, ସଂପାଦକ ପ୍ରଦିପଦାସ, କାର୍ଯ୍ୟକାରୀ ସଭାପତି ହୃଷିକେଶ ସାହୁ, ଭୋଗରାଇ ସଂପାଦକ ଚିତରଞ୍ଜନ ଦାସ,ବସ୍ତାରୁ କୁମୁଦ ରଞ୍ଜନ ଗିରି, ପୂର୍ବତନ ଅଧ୍ୟକ୍ଷଯିତାରାମ ଦେ, ଲେଲିନ୍ ପ୍ରଧାନ, କମଳଚ଼କ୍ରବର୍ତ୍ତୀ, ଅଜିତ ମହାନ୍ତି, ଜିଲ୍ଲା ପରିଷଦର ଉପସଭାପତି ଅନୂସୟା ପ୍ରଧାନ, ରାଜାରାମ କର ଶର୍ମା, ଭାସ୍କର ମିଶ୍ର, ଅଜିତ୍ ଦାସ, ବରିଷ୍ଟ ସାମ୍ଵାଦିକ ଅବନୀ ଚାନ୍ଦ, ଜ୍ୟୋତିଷ ଚ଼ନ୍ଦ୍ରକର,ରବିନ୍ଦ୍ର ବାରିକ,ରମେଶ ଜେନା, ପଲଟୁ ଦାସ, ଜୀବନ ପରିଡ଼ା, ଅଶୋକ ଦାସ, ପ୍ରମୋଦ ପଣ୍ଡା, କାର୍ତ୍ତିକେଶ୍ୱର ପାତ୍ର, ସୁଦାମ ପାତ୍ର, ଜାମସେଦ୍ ଅଲ୍ଲି , ଗଜେନ୍ଦ୍ର ମହାନ୍ତି, ଅନୀଲ କୁମାର ବେଜ, ଜଗତାନନ୍ଦ ବିଶ୍ୱାଳ, ବିଜନ ଦେ,ଯୋଗେନ୍ଦ୍ର ମାହାର୍ଣ୍ଣା, ପ୍ରଦିପ ସିଂ,ଅଞ୍ଜଳୀ ପ୍ରଧାନ ପ୍ରମୁଖ ବକ୍ତବ୍ୟରଖିଥିଲେ । ଶେଷରେଡ଼.ଅଜିତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ଅଖ୍ୟାତ ପଲ୍ଲୀରୁ ଯାଇ ଜାତୀୟସ୍ତରରେ ଚମକିଲେ ଆଦିବାସୀ ଝିଅ ସରିତା ପ୍ରିୟଦର୍ଶିନୀ

ନୀଳଗିରି, ୨୪/୧୧ (ନି.ପ୍ର): ଗରିବ ଆଦିବାସୀ ସମ୍ପ୍ରଦାୟରେ ଜନ୍ମ ତା'ର । ପିଲାଟିବେଳୁ ଦୁଃଖକଷ୍ଟକୁ ଅତି ପାଖରୁ ଦେଖିଛି । ମାତ୍ର କର୍ତ୍ତବ୍ୟରେ କେବେ ହେଳାକରିନି ସେ । ନିଷ୍ଠାର ସହିତ କର୍ମକୁ ପ୍ରାଥମିକତା ଦେଇ ଗୋଟିଏ ପରେ ଗୋଟିଏ ସିଡି ଚଢି ଚାଲିଛନ୍ତି ବାଲେଶ୍ୱର ଜିଲ୍ଲା, ନୀଳଗିରି ବ୍ଲକ୍ ଅନ୍ତର୍ଗତ କିଶୋରଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁନାଥ ସିଂଙ୍କ ସୁପୁତ୍ରୀ ସରିତା ପ୍ରିୟଦର୍ଶିନୀ ସିଂ(୧୭) । ଜାତୀୟ ସ୍ତରୀୟ ବାସ୍କେଟ୍ ବଲ୍ ପ୍ରତିଯୋଗିତା ପାଇଁ ଦିଲ୍ଲୀରୁ ପଞ୍ଜାବକୁ ଯାଇଛନ୍ତି ସରିତା । ସେ ପ୍ରଥମେ ଜିଲ୍ଲାସ୍ତରରୁ ଉର୍ତ୍ତୀର୍ଣ୍ଣ ହୋଇ ରାଜ୍ୟସ୍ତରକୁ ଯିବାପରେ, ଏବେ ଜାତୀୟ ସ୍ତରରେ ଖେଳିବାକୁ ମନୋନୀତ ହୋଇ ପଞ୍ଜାବ ଯାଇଛନ୍ତି । ସରିତା ଚଳିତବର୍ଷ ଭୁବନେଶ୍ୱର ସ୍ଥିତ କିସ୍ କଲେଜ୍‌ର ଯୁକ୍ତ୨ କଳାଛାତ୍ରୀ ଭାବରେ ଅଧ୍ୟୟନ ଅଛନ୍ତି । ପିଲାଟି ଦିନରୁ ବହୁ ବାଧାବିଘ୍ନ ମଧ୍ୟରେ ପାଠ ପଢିଥିବା ସରିତା, ଆଜି ରାଜ୍ୟ ପାଇଁ ସୁନାମ ଅର୍ଜନ କରିବାକୁ ଯାଉଛନ୍ତି । ତାଙ୍କର ଏହି ସଫଳତା ପାଇଁ ମାଆ ସବିତା , ପିତା ରଘୁନାଥ ଏବଂ ଶିକ୍ଷା ଅନୁଷ୍ଠାନର ଶିକ୍ଷକମାନଙ୍କୁ ଶ୍ରେୟ ଦେଇଛନ୍ତି । ସରିତା ରାଜ୍ୟପାଇଁ ମନୋନୀତ ହୋଇଥିବାରୁ ନୀଳଗିରି ବାସୀ, ସାଧୁବାଦ ଜଣାଇବା ସହିତ ତାର ଉତ୍ତରୋତର ଉନ୍ନତି କାମନା କରିଛନ୍ତି ।

## ଆଜି ଶ୍ରୀଜୀଉଙ୍କ ପଇତା ଲାଗି ନୀତି: ୪ ଘଂଟା ଦର୍ଶନ ବନ୍ଦ

ପୁରୀ, ୨୪/୧୧ (ନି.ପ୍ର): ଆସନ୍ତାକାଲି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ । ପଇତା ଲାଗି ଶ୍ରୀଜୀଉଙ୍କ ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ଲାଗି ୪ ଘଂଟା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିବ । ସଂନ୍ଧ୍ୟା ୫ଟା ଠାରୁ ରାତି ୯ଟା ଯାଏଁ ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ ।

# ସହର ମୁହାଁ ଜଙ୍ଗଲିଜନ୍ତୁ: ଖାଦ୍ୟାଭାବ ନା ବନବିଭାଗର ଅପାରଗତା





ନୀଳଗିରି, ୨୪/୧୧ (ନି.ପ୍ର): ରବିବାର ପୂର୍ବାହ୍ନରେ ନୀଳଗିରି କୁଲଡ଼ିହା ଅଭୟାରଣ୍ୟରୁ ପଲପଲ ମାଙ୍କଡ ଓ ମୟୂର ସହର ଭିତରକୁ ଚାଲିଆସିବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ହଠାତ୍ ଏତେସଂଖ୍ୟାରେ ବନ୍ୟଜନ୍ତୁ ପଶିଆସିବା ଫଳରେ ଛୋଟଛୋଟ ପିଲାମାନେ ମାଙ୍କଡ ଆକ୍ରମଣରେ ଖଣ୍ଡିଆ ଖାବରା ହେଉଛନ୍ତି । ଜଙ୍ଗଲଭିତରେ ଜନ୍ତୁ ରହିବା, ସେମାନଙ୍କର ଜୀବନଶୈଳୀ ଥିବା ବେଳେ ଜଙ୍ଗଲ ଜମିକୁ ଲୋକମାନେ ଜୋରଜବରଦସ୍ତ ବସ୍ତିଗଢି ଘରକରି ରହିବା, ଅବାଧରେ ଜଙ୍ଗଲରୁ ଗଛ କାଟୁଥିବାରୁ ଜନ୍ତୁମାନେ ସହରମୁହାଁ । ହେଉଥିବାର ପରିବେଶବିତ୍ ଆକଳନ କରୁଛନ୍ତି । ବିଶେଷକରି ଜଙ୍ଗଲିଜନ୍ତୁ ମାନଙ୍କର ଖାଦ୍ୟ ଅଭାବ ଏହାର ମୁଖ୍ୟ କାରଣ ବୋଲି ମଧ୍ୟ କୁହାଯାଉଛି । ଏତଦ୍ ବ୍ୟତୀତ ଜଙ୍ଗଲ ଭିତରେ ଜଙ୍ଗଲ ଜନ୍ତୁ ମାନଙ୍କ ପ୍ରତି ବନବିଭାଗ ବିଶେଷ ଦୃଷ୍ଟି ଦେଉନଥିବାରୁ ଏପରି ଘଟଣା ଘଟି ଚାଲିଛି । ଏପରି ହେଲେ ଜଙ୍ଗଲ ଜନ୍ତୁ ମାନେ ଲୋକଙ୍କର ଆକ୍ରମଣର ଶିକାର ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ନିକଟରେ ହରିଣପଲ ସହର ମୁହଁହୋଇ ବୁଲୁଥିବାର ଦେଖା ଯାଇଥିଲା । ବନବିଭାଗ ସେତେବେଳେ ତତ୍ପରତା ଦେଖାଇ ହରିଣମାନଙ୍କୁ କୁଲଡ଼ିହା ଅଭୟାରଣ୍ୟରେ ଛାଡିଥିଲା । ବିଗତ ଦିନରେ ହରିଣ,କୁଟାରି ଆଦି ବନ୍ୟଜନ୍ତୁ ଗ୍ରାମମୁହାଁ ହୋଇଥିବା ବେଳେ ଲୋକେ ସେମାନଙ୍କୁ ମାରି ଦେଇଥିବା ଖବର ପ୍ରଚାରିତ ହୋଇଥିଲା । ତଥାପି ବନବିଭାଗ ଚେତି ନଥିବା ବେଳେ ପୁଣି ଆଜି ମୟୂର, ମାଙ୍କଡ, ହରିଣ ମାନଙ୍କର ଆତଯାତ ନୀଳଗିରି ସହରରେ ଦେଖିବାକୁ ମିଳିଥିଲା । ବନବିଭାଗ କର୍ମଚାରୀ ମାନେ ଅଫିସରେ ବସି ଦିନ କାଟୁଥିବା ବେଳେ ଜଙ୍ଗଲ ଜନ୍ତୁଙ୍କ ପ୍ରତି ଦୃଷ୍ଟି ନଦେବା କ୍ଷୋଭ ଓ ପରିତାପର ବିଷୟ । ବେଳହୁଁ ସାବଧାନ ନହେଲେ ଆଗାମୀ ଦିନରେ ବନ୍ୟଜନ୍ତୁଙ୍କ ବଂଶ ଲୋପ ପାଇବାର ଆଶାଙ୍କାକୁ ଏଡାଇ ଦିଆଯାଇନପାରେ ।

# ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ଉଦ୍‌ଯାପିତ




ବାଲେଶ୍ୱର, ୨୪/୧୧ (ନି.ପ୍ର): ସହରର ପଡୁଆଁପଦା ଛକରେ ଥିବା ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ଦୁଇଦିନିଆ ସ୍ୱନକ୍ଷତ୍ର ଦିବସ ରବିବାର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଡାକ୍ତର ଜୟନ୍ତକୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଡା. ଅମିତାଭ ଗିରି, ପରିଚାଳନା ପରିଷଦର ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ସମ୍ପାଦକ ଗୁରୁଗୌରବ ରବୀନ୍ଦ୍ରକୁମାର ବିଶ୍ୱାଳ, ଉପଦେଷ୍ଟା ପଦ୍ମଲୋଚନ ଦତ୍ତ, ଯୁଗ୍ମ ସମ୍ପାଦକ କାହ୍ନୁଚରଣ ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖି ଏହି ଅନୁଷ୍ଠାନରୁ ଶିକ୍ଷା ଲାଭ କରି ବହୁ ଛାତ୍ରଛାତ୍ରୀ ପ୍ରତିଷ୍ଠା ଲାଭ କରିଥିବା କହିଥିଲେ । ପ୍ରାରମ୍ଭରେ ତବଲା ଗୁରୁ ଅଜିତାନନ୍ଦ ଦେବଗୋସ୍ୱାମୀ ଅତିଥିଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଶେଷରେ ହରିମୋହନ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବାଦ୍ୟଯନ୍ତ୍ରରେ ଗୁରୁ ସତ୍ୟରଞ୍ଜନ ମହାନ୍ତି, ସତ୍ୟନାରାୟଣ ଦାସ, ଜୟନ୍ତ ବେହେରା, ସୁବାସ ସିଂହ, ସଞ୍ଜିବକୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା, ସଦସ୍ୟ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ତଥା ସହରର ବହୁ ବୁଦ୍ଧିଜୀବୀ, କଳାପ୍ରେମୀ ଜନସାଧାରଣ ଉପସ୍ଥିତ ଥିଲେ ।

# ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପରିଚାଳନା ପରିଷଦର ନୂତନ ସଭାପତି ହେଲେ ଶଙ୍କର କର




ବସ୍ତା , ୨୪/୧୧ (ନି.ପ୍ର): ବସ୍ତାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନୂତନ ପରିଚାଳନା ପରିଷଦ ଗଠନ ପାଇଁ ଏକ ବୈଠକ ନିବର୍ତ୍ତମାନ ସଭାପତି ମାନଗୋବିନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷାକେନ୍ଦ୍ର ର ସମ୍ବିଧାନ ଅନୁଯାୟୀ ଏହା ପ୍ରତ୍ୟେକ ତିନିବର୍ଷ ରେ ଗଠିତ ହୁଏ ବୋଲି ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ସୂଚନା ଦେବାସହ ନିର୍ବାଚନ ଅଧିକାରୀ ମଳୟ ନନ୍ଦ ଙ୍କୁ ଚୟନ ପ୍ରକିୟା ଆରମ୍ଭ କରିବାକୁ ଅନୁରୋଧ କରିଥିଲେ । ତଦନୁଯାୟୀ ସର୍ବସମ୍ମତିକ୍ରମେ ଆଗାମୀ କାର୍ଯ୍ୟକାଳ ପର୍ଯ୍ୟନ୍ତ ଉପଦେଷ୍ଟା- ଶ୍ୟାମାପ୍ରସାଦ ବେହେରା, ସଭାପତି- ଶଙ୍କର କୁମାର କର, ଉପସଭାପତି- ଗଗନ ବିହାରୀ ଜେନା, ଶିଶିର କୁମାର ରଥ, ସମ୍ପାଦକ-ରାମଚନ୍ଦ୍ର ଦେବ,ସହ ସମ୍ପାଦକ- ନିରଞ୍ଜନ ରଣା, ହିମାଂଶୁ ବେହେରା, କୋଷାଧକ୍ଷ-ପ୍ରଦୀପ କୁମାର ପରିଡ଼ା ଓ ସଦସ୍ୟ ଭାବେ ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର, ଶିକ୍ଷକ ପ୍ରତିନିଧି ରଂଜିତା ପାଢୀ, କୁମୁଦ ରଂଜନ ଗିରି,ଇଂ ଜଗନ୍ନାଥ ମାଝୀ, ଗୌରାଙ୍ଗ ବେହେରା, ଜନଜୀବନ ପ୍ରଧାନ, ପ୍ରମୋଦ ରାମ, ନରେନ୍ଦ୍ର ସେଠି, ପ୍ରଦିପ ପରିଡ଼ା(ଖ),ସୁବ୍ରତ ରାମ, ଶିବାନନ୍ଦ ଦାସ, ମାନଗୋବିନ୍ଦ ମହାନ୍ତି, ଡାକ୍ତର ରବିନାରାୟଣ ସାହୁ, ହରେକୃଷ୍ଣ ପାଣି,ଶ୍ରୀମତୀ ପ୍ରତିମା ମହାପାତ୍ର, ସୁଶାନ୍ତ ପ୍ରଧାନ ଙ୍କ ନାମ ଘୋଷଣା କରାଯାଇଥିଲା । ନବ ନିର୍ବାଚିତ ସଭାପତି ଶଙ୍କର କର ଙ୍କୁ ସମସ୍ତେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ କାର୍ଯ୍ୟକାଳ ରେ ଶିକ୍ଷା କେନ୍ଦ୍ର ର ଉତ୍ତରୋତ୍ତର ଉନ୍ନତି ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

# ଗୋ ମାତାର ସୁରକ୍ଷା ପାଇଁ ଗୋ- ପୂଜନ ଏବଂ ଗୋ- ଚିକିତ୍ସା ଶିବିର



ବାଲିଆପାଳ, ୨୪/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଅଧିନସ୍ଥ ବିଲକୁମ୍ଭାରୀ ଗ୍ରାମର ରବୀନ୍ଦ୍ର କୁମାର ଦେଙ୍କ ବଡପୁଅ ସ୍ୱର୍ଗତଃ ନବୀନ କୁମାର ଦେଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଲକୁମ୍ଭାରୀ ରାଧା ମାଧବ ଜୀଉ ଗୋ ସେବା ସଂଗଠନ ପକ୍ଷରୁ ଗୋ-ପୂଜନ ଏବଂ ଗୋ-ଚିକିତ୍ସା ଶିବିର ଶ୍ରୀରାମପୁର ଗ୍ରାମର ଜାହାଜୀପଦା ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଗୋ-ମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ଶ୍ରୀରାମପୁର ଗ୍ରାମ ସମେତ ଆଖ ପାଖ ଅଂଚଳରୁ ଦୁଇଶହରୁ ଉର୍ଦ୍ଧ୍ୱ ଗୋରୁ,ଗାଈ ଚାଷୀ ଯୋଗ ଦେଇଥିଲେ । ସମସ୍ତ ଗୃହପାଳିତ ପଶୁର ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା । ସଂଗଠନର ସଦସ୍ୟ ସାମ୍ବାଦିକ ଗୋପନାରାୟଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ,ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା,ବାଘାଯନୀତ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ପ୍ରାଣୀ ସଂପଦ ବିକାଶ ବିଭାଗ, ମୟୁରଭଞ୍ଜ ,ବାରିପଦାର ଉପ ନିର୍ଦ୍ଦେଶକ ଡ.ଅଜୟ କୁମାର ବେହେରା , ଗ୍ରାମ ମାଲିକ ଯୁଗଳ କିଶୋର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରାଧା ମାଧବ ଜୀଉ ଗୋ-ସେବା ସଂଗଠନ ପକ୍ଷରୁ ସଫଳ ଚାଷୀ ଭାବେ ଶ୍ରୀରାମପୁର ଗ୍ରାମର ଧ୍ରୁବ ଚରଣ ଜେନା,ସଫଳ ଛେଳି ଚାଷୀ ଭାବେ ତାପଣ୍ଡିଆ ଗ୍ରାମର ରବୀନ୍ଦ୍ର ଦେ,ସଫଳ କୁକୁଡା ଚାଷୀ ଭାବେ ଶ୍ରୀରାମପୁର ଗ୍ରାମର ବଳରାମ ପାତ୍ର ଏବଂ ସଫଳ ଗାଈ ଚାଷୀ ଭାବେ ଶ୍ରୀରାମପୁର ଗ୍ରାମର ଅଚ୍ୟୁତାନନ୍ଦ ବେହେରା ପ୍ରମୁଖଙ୍କୁ ଉତ୍ତରୀୟ ଏବଂ ଫୁଲ ଗଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ରାଧା ମାଧବ ଜୀଉ ଗୋ-ସେବା ସଂଗଠନର ୟୁନିଫର୍ମକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସଂଜିତ କୁମାର ଜେନା, ଜୟ ନାରାୟଣ ଜେନା, ମଞ୍ଜୁଲତା ପାତ୍ର, ଲକ୍ଷ୍ମଣ ଦେ, ମମତା ଦେ, ସୁମତୀ ଦେ, ସ୍ୱାଗତ କୁମାର ସାହୁ, ହରେକୃଷ୍ଣ ପାତ୍ର, ଅଜୟ ସାହୁ, ଶିବ ଶଙ୍କର ପାତ୍ର, ଦିଗନ୍ତ ଦେ, ଉତ୍କଳ ଦେ,ସୁବ୍ରତ ଜେନା, ସତ୍ୟବ୍ରତ ରାୟ, ମନ୍ମଥ ବେହେରା, ଜ୍ୟୋତି ପ୍ରକାଶ ରାୟ, ନିର୍ମଳ କୁମାର ଜେନା, ମୈତ୍ରୀ ବଳରାମ ଜେନା, ପ୍ରଦୀପ ରାଉତ, ଜୀବନ କୃଷ୍ଣ ଦେ ପ୍ରମୁଖ ସଂଗଠନର ସଦସ୍ୟ ଏବଂ ସଦସ୍ୟାମାନେ ସହଯୋଗ କରିଥିଲେ । ସ୍ୱର୍ଗତଃ ଦେଙ୍କ ସାନଭାଇ ଗୋ-ସେବକ ଅରୁଣ କୁମାର ଦେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୋକାର୍ପିତ ହେଲା ଗଳ୍ପ ପୁସ୍ତକ 'ଅମୃତର ସନ୍ଧାନ'




ବାଲେଶ୍ୱର, ୨୪/୧୧ (ନି.ପ୍ର): କବିତିର୍ଥ ଶାନ୍ତିକାନନ ପରିସରରେ ଥିବା ଫକୀରମହୋନ ସାହିତ୍ୟ ପରିଷଦ ସଭାଗୃହରେ ଗାଳ୍ପିକା ଅର୍ଚ୍ଚନା ରଥଙ୍କର ଉଦ୍ଵିତୀୟ ଗଳ୍ପ ପୁସ୍ତକ ''ଅମୃତର ସନ୍ଧାନ'' ଲୋକାର୍ପିତ ହୋଇ ଯାଇଛି । ଅତିଥି ଭାବରେ ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ପୁଷ୍ପଲତା ଦେବୀ ଓ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ଼. ସୁବାସ ଚନ୍ଦ୍ର ପାତ୍ର ମିଳିତ ଭାବରେ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ଏହି ସଭା ଫକୀରମହୋନ ସାହତ୍ୟ ପରିଷଦର ସଭାପତି ଡ଼.ସୁବାସ ଚନ୍ଦ୍ର ପାତ୍ରଙ୍କର ପୌରହିତ୍ୟରେ ପରିଚାଳିତ ହୋଇଥିଲା । ଅନୁଷ୍ଠାନର ସଂପାଦକ ଡ଼.ରତ୍ନାକର ସିଂହ ପ୍ରାକ କଥା ରଖିଥିବାବେଳେ କାଳ୍ପିକା ଅର୍ଚ୍ଚନା ରଥ ଲେଖକିୟ ଅଭିଭାଷଣ ପ୍ରଦାନ କରିଥିଲେ । କବି କାଳିକିଙ୍କର ଦାସ ଓ ଡ଼.ଶିରିଶ ଚନ୍ଦ୍ର ଜେନା ପୁସ୍ତକଟିକୁ ସମିକ୍ଷା କରିଥିଲେ । ବ୍ରହ୍ମନାଥ ରଥ ମଂଚ ଆହ୍ୱାନ କରିଥିବାବେଳେ ବହ୍ନିମାନ ରଥ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଶେଷରେ ବ୍ୟୋମନାଥ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସେଠାରେ ବହୁ ସାହିତ୍ୟିକ ଓ ସାହିତ୍ୟାନୁରାଗି ଉପସ୍ଥିତ ଥିଲେ ।

# ଭଂଜପୁର ଜଗଦ୍ଧାତ୍ରୀ ମେଳାର ଏକାଦଶ ସନ୍ଧ୍ୟାରେ ମୁମ୍ବାଇ ନାଇଟର ଧମାକା



ବାରିପଦା , ୨୪/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ଏକାଦଶ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ବାରିପଦାର ମାୟରା ଫେସନ ରେମ୍ପ ସୋ ଓ ପ୍ରଥମ ଥର ପାଇଁ ଏଭଳି ସୋ ଜଗଦ୍ଧାତ୍ରୀ ମେଳାରେ ପରିବେଷିତ ହୋଇଥିଲା ଯାହାକି ଦର୍ଶକଙ୍କୁ ବିମୋହିତ କରିଥିଲା ଓ ପରେ ପରେ ବିଶ୍ୱା ରୋକର୍ସ ଟିମରେ ଭାରତ ବର୍ଷର ସୁନାମଧନ୍ୟ ମ୍ୟୁଜିକ ଏରେଞ୍ଜର ଗିରିଶ ବିଶ୍ୱାଳଙ୍କ ବେଷ୍ଟ ସହ ବୋଲିଉଡ଼ର କଣ୍ଠଶିଳ୍ପୀ ଇସିତା ବିଶ୍ୱକର୍ମା ଓ ସୁନାମଧନ୍ୟ କଣ୍ଠଶିଳ୍ପୀ ପିୟୁଷ ପନଓ୍ୱାର ଏବଂ ମଦନ ଶୁକଳାଙ୍କ କାର୍ଯ୍ୟକ୍ରମ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା ଓ ଖୁସି କୁମାରଙ୍କ ଉପସ୍ଥାପନା ବେଶ ଆକର୍ଷଣୀୟ ହୋଇଥିଲା ଓ ସମସ୍ତ ସାଂସ୍କୃତିକ ଦଳକୁ ଅଂଶ ଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଯୁଗ୍ମନୃତ୍ୟ ପ୍ରତିଯୋଗିତାର କୃତୀ କଳାକାରଙ୍କୁ ଅତିଥିଙ୍କ ହାତରେ ପୁରସ୍କୃତ କରାଯାଇଥିଲା ଓ ପୂଜା କମିଟି ଅଧ୍ୟକ୍ଷ ସୁଦାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଶିଳ୍ପପତି ଓ ସମାଜସେବୀ ମୁରାରୀ ଶର୍ମା (ଚାଚା) ଓ ଅରୁଣ ସରକାର ପୁରସ୍କାର ବିତରଣ କରିଥିଲେ । ସୋମନାଥ ସିଂହ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଓ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ଆସନ୍ତା କାଲି ଆନୁଷ୍ଠାନିକ ଭାବେ ଉଦଯାପିତ ହେବ ମେଳା ଓ ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି ଓ ମାତ୍ର ୨୭ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ନାଇଟ୍ସ କାର୍ଯ୍ୟକ୍ରମ ରହିବ ବୋଲି ମେଳା ଅଧକ୍ଷ ସାନନ୍ଦ ମାର୍ଣ୍ଡି ଜଣାଇଛନ୍ତି ।

## ବାଂଲାଦେଶୀ ଯୁବତୀ ରାକେଟ ନେଇ ତଦନ୍ତ ହେବ: ଡିସିପି

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ବାଂଲାଦେଶୀ ଯୁବତୀ ଉଦ୍ଧାର ଘଟଣାରେ ଡିସିପି ପିନାକ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି । ବିନା ଡକ୍ୟୁମେଂଟରେ ବେଆଇନ ଭାବେ ଯୁବତୀ ଆସିଛନ୍ତି । ଏନେଇ ବାଂଲାଦେଶ ଏମ୍ବାସୀକୁ ସରକାରୀ ସ୍ତରରେ ଜଣାଯିବ । ଘଟଣା ପଛରେ ରାକେଟ୍‌ର ହାତ ଅଛି କି ନାହିଁ ତଦନ୍ତ ହେବ । ତଦନ୍ତ ପାଇଁ ଟିମ୍ ଗଠନ କରାଯାଇଛି । ଘଟଣାରେ ତୀକ୍ଷ୍ଣ ନଜର ରଖାଯାଇଥିବା କହିଛନ୍ତି ଡିସିପି ପିନାକ ମିଶ୍ର । କଟକରେ ବାଂଲା ଯୁବତୀଙ୍କୁ ଦେହ ବ୍ୟବସାୟରେ ଲଗାଯାଇଥିଲା ବୋଲି ଡିସିପି କହିଛନ୍ତି ।

## ବେଆଇନ ସଟ୍ଟା କାରବାର : ୨୭ ହଜାର ୫୭୦ ଟଙ୍କା ଜବତ, ୨ ଗିରଫ

ସମ୍ବଲପୁର, ୨୪/୧୧ (ନି.ପ୍ର): ଟାଉନ ଥାନା ଅଞ୍ଚଳରେ ସଟ୍ଟା ଖେଳ ଚାଲୁଥିବା ବେଳେ ପୋଲିସ ୨ ଜଣଙ୍କୁ ଗିରଫ କରିଛି ।ସେମାନଙ୍କ ଠାରୁ ୨୭ ହଜାର ୫୭୦ ଟଙ୍କା, ସଟ୍ଟା କାଗଜପତ୍ର ଆଦି ଜବତ ହୋଇଛି ।ଏନେଇ ୨ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଟାଉନ ଥାନା ଅନ୍ତର୍ଗତ ମୁଦିପଡା ଗୁରୁଦ୍ୱାର ପଡାରେ ସଟ୍ଟା ଖେଳ ହେଉଥିବା ସୂଚନା ପାଇ ପୋଲିସ ଚଢଉ କରିଥିଲା । ଚଢଉ ବେଳେ ଆମ୍ବେଦକର ନଗର ଅଞ୍ଚଳର ପିଙ୍କୁ ରାଜହଂସଙ୍କୁ ୧ ହଜାର୨୨୦ ଟଙ୍କା ଓ ସଟ୍ଟା କାଗଜ ସହ ଗିରଫ କରାଯାଇଛି ।

# ସଠିଲୋ ଉଚ୍ଚ ବିଦ୍ୟାଳୟରେ ଓଟିଏସ ପରୀକ୍ଷା ଦେଲେ ୧୩୪ ଛାତ୍ରଛାତ୍ରୀ



ବେତନଟୀ , ୨୪/୧୧ (ନି.ପ୍ର): ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ଆନୁକୁଲ୍ୟରେ ମୟୁରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ସଠିଲୋ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ନବମ ଶ୍ରେଣୀର ପିଲା ମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପରୀକ୍ଷା ରେ ବିଭିନ୍ନ ବିଦ୍ୟାଳୟରୁ ୧୪୦ ଜଣ ଙ୍କ ମଧ୍ୟରୁ ୧୩୪ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି ପରୀକ୍ଷା କୁ ବେତନଟୀ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ରମାକାନ୍ତ ମହାନ୍ତ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । ପରୀକ୍ଷା ନିରୀକ୍ଷକ ଭାବରେ ରାଜ୍ୟ ସଂଗଠନ ର ଉପସଭାପତି ଗ୍ୟାନ ରଂଜନ ପାଣିଗ୍ରାହୀ ଉପସ୍ଥିତ ଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ୍ ସଭାପତି ଶିଶିର କୁମାର ନାୟକ, ସଂପାଦକ ସୁର୍ଯ୍ୟାନନ୍ଦ ନାୟକ, ସଠିଲୋ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନରହରି ମହାନ୍ତ, ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଧିରେନ୍ଦ୍ର ପ୍ରଧାନ,ଟିକାୟତ ମହାନ୍ତ, ଗଜେନ୍ଦ୍ର ନାଥ ମହାନ୍ତ, ସୁବ୍ରତ ରଂଜନ ଦୁର୍ଗା, ଶାନ୍ତନୁ ଜେନା, ସୁରମା ଓତା, କ୍ଷଣପ୍ରଭା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ପରୀକ୍ଷାକୁ ସୁଚାରୁରୂପେ ସମ୍ପାଦନା କରିଥିବିରୁ ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ସମସ୍ତ ଛାତ୍ରଛାତ୍ରୀ ଓ ଓଷ୍ଟା ପ୍ରେମୀ ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରାିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo